CMYK
- Vol.- 46, Issue No. 107
- Friday, 17 July 2026
- ଶୁକ୍ରବାର, ୧୭ ଜୁଲାଇ ୨୦୨୬
- Bhubaneswar

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର
# ଦିନଲିପି
THE DINALIPI

- Price: Rs. 2.00, Page: 8
- R.N.I. Regd. No. 34063/81
- Postal Regd. No. BN/79/18-20
- Online Portal: www.dinalipi.com
- Mail ID: dinalipinews@gmail.com



# ବିକଶିତ ଭାରତ
## ପାଇଁ ଆଧୁନିକ ରେଳ
## ଉନ୍ନତ ଭିତ୍ତିଭୂମି

## ଓଡ଼ିଶାର ୭ଟି ପୁନଃବିକଶିତ ଅମୃତ ଷ୍ଟେସନ
ସହିତ
## ଦେଶବ୍ୟାପୀ ୭୫ଟି ପୁନଃବିକଶିତ ଅମୃତ ଷ୍ଟେସନର
### ଉଦ୍‌ଘାଟନ



ତାଳଚେର


ବଲାଙ୍ଗୀର



ବରପାଲି



କେସିଙ୍ଗା


ପାରଳାଖେମୁଣ୍ଡି



ବିମଲଗଡ଼



ବାରିପଦା

### ଲାଭ

- ସ୍ଥାନୀୟ ସଂସ୍କୃତି ଏବଂ ସ୍ଥାପତ୍ୟ କଳାରୁ ଅନୁପ୍ରାଣିତ ଷ୍ଟେସନ ଭବନର ଡିଜାଇନ
- ଯାତ୍ରୀ ଅନୁକୂଳ ବିଶ୍ୱସ୍ତରୀୟ ସୁବିଧାରେ ସୁସଜ୍ଜିତ
- ଉନ୍ନତ ପାର୍କିଂ ଏବଂ ପ୍ରଶସ୍ତ ପ୍ରତୀକ୍ଷାଳୟର ସୁବିଧା
- ଜଳ ସଂରକ୍ଷଣ, ସୌର ଶକ୍ତି ଓ ସବୁଜ ପରିବେଶର ବ୍ୟବସ୍ଥା
- ପର୍ଯ୍ୟଟନ, ରୋଜଗାର ଓ ବାଣିଜ୍ୟର ବିକାଶକୁ ପ୍ରୋତ୍ସାହନ
- ସିଟି ସେଣ୍ଟର ଭାବେ ବିକଶିତ ହେଉଛି ରେଳଷ୍ଟେସନ

ପ୍ରଧାନମନ୍ତ୍ରୀ
# ନରେନ୍ଦ୍ର ମୋଦୀଙ୍କ
ଦ୍ୱାରା
(ଭିଡିଓ କନଫରେନ୍ସିଂ ମାଧ୍ୟମରେ)

୧୭ ଜୁଲାଇ, ୨୦୨୬ | ଅପରାହ୍ନ ୦୩:୩୦ ଘ. | ଜଳନ୍ଧର କ୍ୟାଣ୍ଟ୍ ରେଳ ଷ୍ଟେସନ

### ଗରିମାମୟ ଉପସ୍ଥିତି

**ଡ. ହରି ବାବୁ କମ୍ଭମ୍ପାଟି**
ରାଜ୍ୟପାଳ, ଓଡ଼ିଶା

**ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ, ଓଡ଼ିଶା

**ଅଶ୍ୱିନୀ ବୈଷ୍ଣବ**
କେନ୍ଦ୍ର ରେଳ, ସୂଚନା ଓ ପ୍ରସାରଣ ତଥା ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ

**ଧର୍ମେନ୍ଦ୍ର ପ୍ରଧାନ**
କେନ୍ଦ୍ର ଶିକ୍ଷା ମନ୍ତ୍ରୀ

**ଜୁଏଲ ଓରାମ**
କେନ୍ଦ୍ର ଜନଜାତି ବ୍ୟାପାର ମନ୍ତ୍ରୀ

**ରବନୀତ ସିଂହ**
କେନ୍ଦ୍ର ରେଳ ଏବଂ ଖାଦ୍ୟ ପ୍ରକ୍ରିୟାକରଣ ଉଦ୍ୟୋଗ ରାଷ୍ଟ୍ରମନ୍ତ୍ରୀ

**ପ୍ରଭାତୀ ପରିଡ଼ା**
ଉପ-ମୁଖ୍ୟମନ୍ତ୍ରୀ ଏବଂ ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ତଥା ପର୍ଯ୍ୟଟନ ମନ୍ତ୍ରୀ, ଓଡ଼ିଶା

**କନକ ବର୍ଦ୍ଧନ ସିଂହ ଦେଓ**
ଉପ-ମୁଖ୍ୟମନ୍ତ୍ରୀ ଏବଂ କୃଷି, କୃଷକ ସଶକ୍ତୀକରଣ ଏବଂ ଶକ୍ତି ମନ୍ତ୍ରୀ, ଓଡ଼ିଶା

**ମନମୋହନ ସାମଲ**
ସାଂସଦ, ରାଜ୍ୟସଭା

**ଦିଲ୍ଲୀପ କୁମାର ରାୟ**
ସାଂସଦ, ରାଜ୍ୟସଭା

**ସଙ୍ଗୀତା କୁମାରୀ ସିଂହ ଦେଓ**
ସାଂସଦ, ଲୋକସଭା

**ନବ ଚରଣ ମାଝୀ**
ସାଂସଦ, ଲୋକସଭା

**ପ୍ରଦୀପ ପୁରୋହିତ**
ସାଂସଦ, ଲୋକସଭା

**ମାଳବିକା ଦେବୀ**
ସାଂସଦ, ଲୋକସଭା

**ଡ. ପ୍ରଦୀପ କୁମାର ପାଣିଗ୍ରାହୀ**
ସାଂସଦ, ଲୋକସଭା

**ରୁଦ୍ର ନାରାୟଣ ପାଣି**
ସାଂସଦ, ଲୋକସଭା

/RailMinIndia ରେ ଆମକୁ ଅନୁସରଣ କରନ୍ତୁ


# ଭାରତୀୟ ରେଳପଥ
www.indianrailways.gov.in

DD NEWS ଡିଡି ନ୍ୟୁଜ୍‌ରେ କାର୍ଯ୍ୟକ୍ରମର ସିଧା ପ୍ରସାରଣ ଦେଖନ୍ତୁ

CMYK

## ଦାରୁବ୍ରହ୍ମଙ୍କ ରଥରେ ବିଜେ...

# ୩୩ କୋଟି ଦେବତା



**ବିଭିନ୍ନ ଯୁଗରେ ଅବତୀର୍ଣ୍ଣ ହୋଇ କରିଛନ୍ତି ଲୀଳାଖେଳା**

ଦାରୁବ୍ରହ୍ମଙ୍କ ରଥରେ ବିଜେ ୩୩ କୋଟି ଦେବତା । ସମସ୍ତେ ଭଗବାନଙ୍କ ରୂପ । ବିଭିନ୍ନ ଯୁଗରେ ଅବତୀର୍ଣ୍ଣ ହୋଇ ଲୀଳାଖେଳା କରିଛନ୍ତି । ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା ଓ ଶ୍ରୀଜଗନ୍ନାଥ ଅସଲରେ ତିନି ଜଣ ନୁହନ୍ତି । ସେ ସ୍ୱୟଂ ଭଗବାନ । ଭିନ୍ନ ରୂପରେ ଭକ୍ତ ସମ୍ମୁଖରେ ପ୍ରତୀୟମାନ ହୁଅନ୍ତି । ପ୍ରତି ରଥରେ ୯ ଜଣ ଲେଖାଏଁ ପାର୍ଶ୍ୱ ଦେବତା ଅବସ୍ଥାନ କରନ୍ତି । ତିନି ରଥରେ ମୋଟ ୨୭ ଜଣ ପାର୍ଶ୍ୱ ଦେବଦେବୀ ଅଧିଷ୍ଠିତ । ପୁଣି ତିନି ରଥରେ ବିରାଜମାନ କରନ୍ତି ଦୁଇ ଜଣ ଲେଖାଏଁ ୬ ଜଣ ଦ୍ୱାରପାଳ । ଏହି ୩୩ ଜଣ ହିଁ ସ୍ୱର୍ଗଲୋକର ୩୩ କୋଟି ଦେବତାଙ୍କ ସ୍ୱରୂପ । ରଥରେ ୩୩ କୋଟି ଦେବତା ଅବସ୍ଥାନ କଲେ ହିଁ ଦାରୁବ୍ରହ୍ମଙ୍କ ରଥଯାତ୍ରା ଅନୁଷ୍ଠିତ ହୁଏ ଏପରି କୁହନ୍ତି ବରିଷ୍ଠ ଚିତ୍ରକର ସେବକ ଚନ୍ଦ୍ରଶେଖର ମହାରଣା । ତିନି ଭାଇ ଭଉଣୀ ହେଉଛନ୍ତି ତ୍ରି-ତତ୍ତ୍ୱ । ସତ୍ତ୍ୱ, ରଜ ଓ ତମ । ସତ୍ତ୍ୱ ହେଉଛନ୍ତି ବଳରାମ ସ୍ୱୟଂ ବଡ଼ଠାକୁର । ରଜ ଦେବୀ ସୁଭଦ୍ରା । ତମ ହେଉଛନ୍ତି ରାଜାଧିରାଜ ପ୍ରଭୁ ଶ୍ରୀଜଗନ୍ନାଥ । ଏଣୁ ଭଗବାନଙ୍କ ତିନି ପ୍ରକାର ରୂପ। ଯେପରି ପୁରୁଷୋତ୍ତମ ଶ୍ରୀରାମଙ୍କ ଭିନ୍ନ ଭିନ୍ନ ସ୍ୱରୂପ । କେତେବେଳେ ମହାରାଜା, ବନଚାରୀ ତ ପୁଣି କେତେବେଳେ ଯୋଗୀ । ଠାକୁରଙ୍କ ଦଶାବତାର ମଧ୍ୟ ସେଇୟା । ଦଶାବତାର ହେଉଛନ୍ତି ୧୦ ପ୍ରକାର ଗୁଣ । ଦଶ ତତ୍ତ୍ୱ । କିନ୍ତୁ ବ୍ରହ୍ମ ଗୋଟିଏ । ତିନି ପ୍ରକାର କିମ୍ବା ତିନି ଭାଗରେ ବିଭକ୍ତ ନୁହେଁ ବ୍ରହ୍ମ । ଏସବୁ ତାତ୍ତ୍ୱିକ ବିଶ୍ଳେଷଣ କରେ ଭଗବାନଙ୍କ ଏହି ଅନନ୍ୟ ଲୀଳା । ମନୁଷ୍ୟ ସମାଜରେ ଏଭଳି ଧାରଣା ସୃଷ୍ଟି ପାଇଁ ଜଗନ୍ନାଥ ତତ୍ତ୍ୱରେ ରଥ ଯାତ୍ରାର ପ୍ରଚଳନ । ଏଥିରେ କୌଣସି ଭେଦଭାବ ନାହିଁ । ହିନ୍ଦୁ, ମୁସଲିମ୍, ଖ୍ରୀଷ୍ଟିଆନ୍ ସମସ୍ତେ ଏକତ୍ର ଈଶ୍ୱରଙ୍କୁ ଆରାଧନା କରନ୍ତି । ସମସ୍ତେ ମିଳିମିଶି ରଥ ଟାଣନ୍ତି । ସ୍ୱୟଂ ଶ୍ରୀଜଗନ୍ନାଥ ନୀଳକନ୍ଦରରୁ ଆସି ସମସ୍ତଙ୍କ ସଙ୍ଗେ ଏକାକାର ହୋଇଯାନ୍ତି । 'ବସୁଧୈବ କୁଟୁମ୍ବକମ୍'ର ଅମୃତ ବାର୍ତ୍ତା ସାରା ବିଶ୍ୱରେ ବାଣ୍ଟନ୍ତି । ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଐଶ୍ୱର୍ଯ୍ୟ ଲୀଳା, ବଡ଼ଦାଣ୍ଡରେ ଔଦାର୍ଯ୍ୟ ଲୀଳା ଓ ଗୁଣ୍ଡିଚା ଘରେ ମାଧୁର୍ଯ୍ୟ ଲୀଳା ସମ୍ପନ୍ନ ହୁଏ । ରଥକୁ ଠାକୁରେ ଆସିବାର ଯଥେଷ୍ଟ ପୂର୍ବରୁ ପାଶ୍ୱର୍ ଦେବଦେବୀ ରଥରେ ଅଧିଷ୍ଠିତ ହୁଅନ୍ତି । ଛୋଟ ମନ୍ଦିର ଭଳି କାଠ ନିର୍ମିତ ଶିଖରଡମ୍ବରୁ ଭିତରେ ଦେବଦେବୀ ଅବସ୍ଥାନ କରନ୍ତି । ମହାପ୍ରଭୁଙ୍କ ନବକଳେବର ବର୍ଷ ପାର୍ଶଦେବତା ନୂତନ ଭାବେ ନିର୍ମିତ ହୁଅନ୍ତି । ରୂପକାର ସେବକମାନେ ଏମାନଙ୍କୁ ତିଆରିଲେ ଚିତ୍ରକର ସେବକ ରଙ୍ଗ ଦେଇ ସୁନ୍ଦର କରନ୍ତି । ପ୍ରତି ବର୍ଷ ରଙ୍ଗ ଦିଆଯାଇ ପ୍ରସ୍ତୁତ କରାଯାଆନ୍ତି ପାର୍ଶ୍ୱ ଦେବଦେବୀ। ଏପରି କୁହନ୍ତି ଚିତ୍ରକର ସେବକ ଚିତ୍ତରଞ୍ଜନ । ଭିନ୍ନ ଭିନ୍ନ ଯୁଗରେ ଠାକୁରେ କରିଥିବା ଲୀଳା ଆଧାରିତ ପ୍ରସଙ୍ଗକୁ ନେଇ ତାଳଧ୍ୱଜ, ନନ୍ଦିଘୋଷ ଏବଂ ଦେବଦଳନ ରଥରେ ୨୭ ଦେବଦେବୀ ଅଧିଷ୍ଠିତ ହେଉଥିବା କହିଛନ୍ତି ରୂପକାର ସେବକ ରାଜେନ୍ଦ୍ର ମହାପାତ୍ର, ପଞ୍ଚାନନ ମହାପାତ୍ର ଓ ପୂର୍ଣ୍ଣଚନ୍ଦ୍ର ମହାପାତ୍ର । ନବକଳେବର ଅବସରରେ ଠାକୁରମାନଙ୍କ ଭଳି ପାର୍ଶ୍ୱ ଦେବଦେବୀଙ୍କୁ ମଧ୍ୟ କୋଇଲି ବୈକୁଣ୍ଠରେ ସମାଧି ଦେଇ ଦିଆଯାଏ ।


## ଭକ୍ତ ଓ ଭଗବାନଙ୍କ ସମ୍ପର୍କ ସବୁଠୁ ନିଆରା

ଭକ୍ତ ଓ ଭଗବାନଙ୍କ ସମ୍ପର୍କ ସବୁଠାରୁ ନିଆରା। ଏହି ସମ୍ପର୍କରେ ଛଳନା ନଥାଏ, ଥାଏ କେବଳ ପବିତ୍ର ଶ୍ରଦ୍ଧାପୂର୍ଣ୍ଣ ଭାବ। ଓଡ଼ିଶାର ଆରାଧ୍ୟ ଦେବତା ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ତାଙ୍କର ପରମ ଭକ୍ତ ଦାସିଆ ବାଉରୀଙ୍କର ଏକ ଭାବପୂର୍ଣ୍ଣ କାହାଣୀ ପ୍ରାୟ ସମସ୍ତେ ଜାଣନ୍ତୁ କାହିଁକି ନା ସେ ଅନାଥର ନାଥ ସେ ଭକ୍ତର ଭଗବାନ । ଭକ୍ତର ମନ ବୁଝିପାରେ ସେ ହଟିଆ , ତାକୁ ବା କଣ ଅଛପା ଅଛି । ସେଥିପାଇଁ କଥାରେ ଅଛି ସେ ନ ଚାହିଁଲେ କିଛି ହୁଏନି । ପୁରୀଠାରୁ କିଛି ଦୂରରେ ଥିବା ବାଲିଗାଁରେ ଦାସିଆ ନାମକ ଜଣେ ଗରିବ ବୁଣାକାର ରହୁଥିଲେ । ସେ ଜାତିରେ ବାଉରୀ ଥିଲେ। ସେ ସମୟର ସାମାଜିକ ବ୍ୟବସ୍ଥା ଯୋଗୁଁ ତାଙ୍କୁ ମନ୍ଦିର ଭିତରକୁ ଯିବାକୁ ଅନୁମତି ନଥିଲା । କିନ୍ତୁ ଦାସିଆଙ୍କ ହୃଦୟରେ କାଳିଆ ସାଆନ୍ତଙ୍କ ପାଇଁ ଅକାଳ ଭକ୍ତି ଥିଲା ଥରେ ଗାଁର କିଛି ଉଚ୍ଚ ଜାତିର ଲୋକ ଶ୍ରୀକ୍ଷେତ୍ର ପୁରୀ ଯିବା ପାଇଁ ବାହାରିଲେ। ଦାସିଆ ସେମାନଙ୍କ ପାଖକୁ ଗଲେ। ତାଙ୍କ ପାଖରେ ଟଙ୍କା ପଇସା କିଛି ନଥିଲା । ସେ ନିଜ ବାଡ଼ିରୁ ଏକ ସୁନ୍ଦର ନଡ଼ିଆ ତୋଳି ଆଣିଥିଲେ। ଦାସିଆ ସେହି ଲୋକମାନଙ୍କୁ ନଡ଼ିଆଟି ବଢ଼ାଇ ଦେଇ କହିଲେ, 'ଭାଇମାନେ ! ଆପଣମାନେ ତ ବଡ଼ଦେଉଳକୁ ଯାଉଛନ୍ତି। ମୋର ଏହି ସାମାନ୍ୟ ଭେଟିଟି ମହାପ୍ରଭୁଙ୍କୁ ଦେଇ ଦେବ କି ? 'ଦାସିଆ ସେମାନଙ୍କ ସାମ୍ନାରେ ଏକ ଅଦ୍ଭୁତ ସର୍ତ୍ତ ରଖିଲେ। ସେ କହିଲେ, 'ଆପଣମାନେ ନଡ଼ିଆଟିକୁ ସିଂହଦ୍ୱାର ପାଖରେ ରଖି କହିବେ , 'ହେ ଚକାନୟନ ! ଏହା ତୁମ ଭକ୍ତ ଦାସିଆର ଭେଟି।' ଯଦି ମହାପ୍ରଭୁ ନିଜ ହାତ ବଢ଼ାଇ ଏହି ନଡ଼ିଆଟିକୁ ଗ୍ରହଣ କରିବେ, ତେବେ ଯାଇ ତାଙ୍କୁ ଦେବେ। ନଚେତ୍ ଏହାକୁ ମୋ ପାଖକୁ ଫେରାଇ ଆଣିବେ। ' ଗାଁ ଲୋକମାନେ ପୁରୀ ପହଞ୍ଚିଲେ। ସେମାନେ ଭାବିଲେ ଦାସିଆ ପାଗଳ ହୋଇଯାଇଛି, ଜଗନ୍ନାଥ କେବେ ହାତ ବଢ଼ାଇ ନଡ଼ିଆ ନେବେ କି ? ତଥାପି ସର୍ତ୍ତ ମୁତାବକ ସେମାନେ ସିଂହଦ୍ୱାର ସାମ୍ନାରେ ନଡ଼ିଆଟିକୁ ଶୂନ୍ୟକୁ ଟେକି ଧରିଲେ ଏବଂ କହିଲେ, 'ମହାପ୍ରଭୁ ! ଏହା ଆପଣଙ୍କ ଭକ୍ତ ଦାସିଆର ନଡ଼ିଆ।' ଠିକ୍ ସେହି ସମୟରେ ଏକ ଆଶ୍ଚର୍ଯ୍ୟଜନକ ଘଟଣା ଘଟିଲା । ଶୂନ୍ୟରୁ ଦୁଇଟି କଳାହାତ ବାହାରି ଆସିଲା । ସମସ୍ତଙ୍କ ସାମ୍ନାରେ ସେହି ହାତ ନଡ଼ିଆଟିକୁ ଗ୍ରହଣ କରି ଅଦୃଶ୍ୟ ହୋଇଗଲା। ଗାଁ ଲୋକମାନେ ଆଶ୍ଚର୍ଯ୍ୟ ହୋଇଗଲେ। ସେମାନଙ୍କ ଆଖିରୁ ଲୁହ ବୋହିଗଲା । ଭକ୍ତ ପାଇଁ ସେ କାଳ କାଳ ରହିଛି ,ତାକୁ ବୁଝିବା ଏତେ ସହଜ ନୁହେଁ।



## ନଟ ଠାକୁରଙ୍କ ହଟକଥା

ଅନାଦି ଅନନ୍ତ ହେଉଛନ୍ତି ନଟନାଗର । ଆଲୌକିକ ତାଙ୍କ ମହିମା । ସକଳ ବିଶ୍ୱ ବ୍ରହ୍ମାଣ୍ଡ ତାଙ୍କରି ସର୍ଜନା । ସକାଳ, ସଞ୍ଜ, ଦିନ ରାତି ତୁମ ନିର୍ଦ୍ଦେଶରେ ପରିଚାଳିତ । ଅପୂର୍ବ ଲୀଳାମୟ ତୁମେ କିଏବା ପାରିବ ତୁମ ମହିମା କରି ବର୍ଣ୍ଣନା କରି । ଆଜି ପବିତ୍ର ବିଶ୍ୱ ପ୍ରସିଦ୍ଧ ଘୋଷଯାତ୍ରା । ଶ୍ରୀଗୁଣ୍ଡିଚା ଯାତ୍ରାରେ ରଥାରୂଢ଼ ହେବେ ଦାରୁବ୍ରହ୍ମ । ଗତ ନୀଳାଦ୍ରି ବିଜେରେ ଭକ୍ତକୁ ପ୍ରତିଶ୍ରୁତି ଦେଇଥିଲେ କାଳିଆ ସାଆନ୍ତେ । ଆଉ ରଥଯାତ୍ରାକୁ ପୁଣି ଭେଟ । ସଭିଙ୍କ ପ୍ରତୀକ୍ଷା ମିଳନର ସେହି ଦିବ୍ୟ ମୁହୂର୍ତ୍ତକୁ । ଭାବ ଓ ଭକ୍ତିରେ ଭିଜିବେ ଭକ୍ତ ଓ ଭଗବାନ । ଚକାଆଖିଆକୁ ଚାହିଁ ରହିଛନ୍ତି ଭକ୍ତ । ନଟ ଠାକୁରଙ୍କ ହଟ କଥା କିଏ ନଜାଣେ । ଏହା ହେଉଛି ୧୯୭୦ ଦଶକର ରଥ ଯାତ୍ରା କଥା । ବଡ଼ଠାକୁରେ ଓ ଦେବୀ ସୁଭଦ୍ରା ପହଣ୍ଡି ହୋଇ ରଥାରୂଢ଼ ହୋଇସାରିଥିଲେ । କାଳିଆ ସାଆନ୍ତେ ପହଣ୍ଡି ହୋଇ ଚାରମାଳ ଉପରେ ବିଜେ କଲେ । ହେଲେ ଆଉ ରଥ ଉପରକୁ ଉଠିଲେ ନାହିଁ । ପହଣ୍ଡି କରୁଥିବା ସେବକମାନେ ଶତ ଚେଷ୍ଟା କଲେ । ହେଲେ ଠାକୁରେ ଚାରମାଳରେ ଦୁଇ ପାହୁଣ୍ଡ ଯାଇ ପୁଣି ପଛକୁ ହଟୁଥାନ୍ତି । ଶେଷରେ ଗଜପତି ମହାରାଜାଙ୍କୁ ଏହି କଥା ଅବଗତ କରାଗଲା । ଗଜପତି ମହାରାଜା ରଥ ନିକଟରେ ପହଞ୍ଚି ଠାକୁରଙ୍କ ପଛରୁ ସ୍ପର୍ଶ କଲାକ୍ଷଣି ମହାବାହୁ ଆଗକୁ ବଢ଼ି ରଥାରୂଢ଼ ହୋଇଥିବା କୁହନ୍ତି ମହାପ୍ରଭୁଙ୍କ ଦର୍ପଣିଆ ସେବକ ନିଯୋଗ ସଭାପତି ଶ୍ୟାମସୁନ୍ଦର ବେଜ । ଶ୍ରୀ ବେଜ କୁହନ୍ତି, ରଥଯାତ୍ରା ଆସିଲେ ତାଙ୍କର ସେହି ବର୍ଷର ରଥ ଯାତ୍ରା କଥା ମନେ ପଡ଼େ । ସେହି ସମୟରେ ଠାକୁରଙ୍କ ନିକଟରେ ସେବା ଦେଉଥାନ୍ତି । ରୁନ୍ଧା ଡୋରି ଧରି ସେ ସେଠାରେ ଠିଆ ହୋଇଥାନ୍ତି । ଚାରରେ ନଟଠାକୁରଙ୍କ ହଟ ଚାଲିଥାଏ । ଚାରମାଳ ଉପରେ ୪୫ ମିନିଟ୍ ଭଳି ଚାଲିଥିଲା ଠାକୁରଙ୍କ ଏଭଳି ଦିବ୍ୟ ଲୀଳା । ଭକ୍ତମାନେ ହରିବୋଲ ହୁଳହୁଳି ଧ୍ୱନି ଦେଉଥାନ୍ତି । ସେବକମାନେ ବାରବାର ଚେଷ୍ଟା କରୁଥାନ୍ତି ଠାକୁରଙ୍କ ପହଣ୍ଡି ସାରିବାକୁ । ଶେଷରେ ଗଜପତିଙ୍କ ମାନ ରଖି ମାଲିକ ବିଜେ କରିଥିଲେ । ସେହି ବର୍ଷ ଶ୍ରୀଗୁଣ୍ଡିଚାମନ୍ଦିରରେ ପହଣ୍ଡି ଶେଷ ବେଳର ଦୃଶ୍ୟ ଦେଖି ଆଜି ବୁଜି ହୋଇଗଲା । ମହାପ୍ରଭୁ ଆଡ଼ପମଣ୍ଡପକୁ ବିଜେ କରୁଥାନ୍ତି । ହଠାତ୍ ଠାକୁରେ ଗୋଟିଏ ପଟକୁ ଏତେ ଢଳିଗଲେ ମନରେ ଭୟ ସଞ୍ଚରିଗଲା । ପୁନଃ ସମ୍ଭାଳିଯାଇ ଆଡ଼ପମଣ୍ଡପକୁ ବିଜେ କରିଥିଲେ ଠାକୁରେ । ଭକ୍ତିମୟ ପରିବେଶରେ ସେବାୟତଙ୍କ ଗହଣରେ ଧାଡ଼ି ପହଣ୍ଡିରେ ଆସି ସାରିଥିଲେ ଚକ୍ରରାଜ ପ୍ରଭୁ ଶ୍ରୀସୁଦର୍ଶନ ଦେବଦଳନ ରଥକୁ ବିଜେ କରିଥିଲେ। ଏହା ପରେ ବଡ଼ଠାକୁର ବଳଭଦ୍ର ଓ ଭଉଣୀ ସୁଭଦ୍ରାଙ୍କ ପହଣ୍ଡି ବିଜେ ହୋଇଥିଲେ।



## କାହା ଆଜ୍ଞାରେ ଚାଲେ...

# ଶ୍ରୀମନ୍ଦିର ?

ଶ୍ରୀକ୍ଷେତ୍ରର ଅଧିପତି ମହାପ୍ରଭୁ ଶ୍ରୀଜଗନ୍ନାଥ । ପୁରୀରେ ରହି ମାନବୀୟ ଲୀଳା ରଚୁଛନ୍ତି କାଳିଆ ସାଆନ୍ତ । ମର୍ତ୍ତ୍ୟ ମଣ୍ଡଳରେ ଶ୍ରୀକ୍ଷେତ୍ର,ଏଠି ସବୁକିଛି ସ୍ୱତନ୍ତ୍ର । ଭାବର ଠାକୁରଙ୍କ ରୀତିନୀତି, ବେଶଭୂଷା ସବୁକିଛିରେ ସ୍ୱତନ୍ତ୍ରତା ଭରି ରହିଛି । ମହାବାହୁ ନା ସେ ଅବତାର,ନା ସେ ଅବତାରୀ । ଅବତାର ଏବଂ ଅବତାରୀର ବହୁ ଉର୍ଦ୍ଧ୍ୱରେ ସେ । କୋଟି ଓଡ଼ିଆଙ୍କ ମଉଡ଼ମଣି ଯେମିତି, ତାଙ୍କ ସେବକ ଏବଂ ସେବାୟତ ମଧ୍ୟ ସେମିତି । କଳାଠାକୁରଙ୍କୁ କୁନି ପିଲା ଭଳି ସେବା କରିଥା'ନ୍ତି ସେବାୟତ । କୁହାଯାଏ ଶ୍ରୀକୃଷ୍ଣଙ୍କ ହୃଦୟ ଦାରୁବ୍ରହ୍ମଙ୍କ ବିଗ୍ରହରେ ବିଦ୍ୟମାନ । କିନ୍ତୁ ଏହାକୁ ସମ୍ପୂର୍ଣ୍ଣ ପ୍ରତ୍ୟାଖାନ କରିଛନ୍ତି ଜଗନ୍ନାଥ ସଂସ୍କୃତି ଗବେଷକ ପଣ୍ଡିତ ସୂର୍ଯ୍ୟ ନାରାୟଣ ରଥଶର୍ମା । ସେ କହିଛନ୍ତି ଯେ ଶ୍ରୀକୃଷ୍ଣ ନିଜେ ପଞ୍ଚୁପାଣ୍ଡବଙ୍କୁ ଧରି ଶ୍ରୀକ୍ଷେତ୍ର ଆସିଥିଲେ ଏବଂ ୩ ଦିନ ରହି ଆରଣ୍ୟକ ଷଷ୍ଠୀ ପାଳନ ମଧ୍ୟ କରିଥିଲେ । ଏମିତିକି ମର୍ଯ୍ୟାଦାପୁରୁଷ ଶ୍ରୀରାମଚନ୍ଦ୍ର ମହାପ୍ରଭୁଙ୍କୁ ନିଜ କୁଳଗୁରୁ ବୋଲି ସମ୍ବୋଧନ କରିଥିବା କଥା ମଧ୍ୟ ସେ କୁହନ୍ତି । କୌଣସି ଦାହ ଅଙ୍ଗକୁ ପୂଜା କରିବା ଓଡ଼ିଆ ସଂସ୍କୃତିରେ ନାହିଁ , ବ୍ରହ୍ମଙ୍କୁ କେହି ତିଆରି କରିନାହାନ୍ତି । ସେ ଅପ୍ରାକୃତ,ସ୍ୱୟଂ ସୃଷ୍ଟ । ବ୍ରହ୍ମ ହେଉଛନ୍ତି ଓଁକାର, ଜଗନ୍ନାଥ ହିଁ ପରଂବ୍ରହ୍ମ ପଞ୍ଚମାତ୍ରାର ଓଁକାର । ପୁରୁଷୋତ୍ତମ କ୍ଷେତ୍ରରୁ ପ୍ରଭୁ କୁଆଡ଼େ କେବେ ଯାଆନ୍ତ ନାହିଁ। ମହାପ୍ରଭୁଙ୍କ ସେବା ଆଗ ତାଙ୍କ ଆଗରେ ମତଭେଦ, ବିଚାରବିମର୍ଶ, ବିଳମ୍ବର କିଛି ମାନେ ନାହିଁ । ସାଆନ୍ତେଙ୍କ ସେବା ହିଁ ସେବକ,ସେବାୟତଙ୍କ ପରମ ଧର୍ମ । ବ୍ୟକ୍ତିଗତ ବିଚାରଧାରାକୁ ନେଇ ପ୍ରଭୁଙ୍କ ସେବାରେ ବିଳମ୍ବ କରିବା ଆଦୌ ଗ୍ରହଣୀୟ ନୁହେଁ । ଷାଠିଏ ପଉଟି ବା ଗଉଣିର ଶସ୍ୟ ଏବଂ ଛପନ ପ୍ରକାର ଭୋଗ ଖାଆନ୍ତି ଜଗତର ନାଥ । କୋଠ ଭୋଗଖିଆଙ୍କ ନିଜସ୍ୱ ସମ୍ପତ୍ତିରେ ଯେଉଁ ଭୋଗ ରୋଷେଇ ହୁଏ ତାହା ମହାପ୍ରଭୁ ଭୁଞ୍ଜନ୍ତି ସେହି ଭୋଗ ବାହାରକୁ ଆସି ବିକ୍ରି ହୁଏନି । ଭକ୍ତଙ୍କ ପାଇଁ ଯେଉଁ ଭୋଗ ବିକ୍ରି ହୁଏ ତାହା ଭୋଗ ମଣ୍ଡପରେ ବିକ୍ରି ହୁଏ । ଘରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ବିରାଜ କରି ପୂଜା କରିବାର ପରମ୍ପରା ନାହିଁ । ଜଗନ୍ନାଥଙ୍କୁ ଭଲ ପାଉଛେ ବୋଲି ଯେଉଁ ସ୍ଥାନରେ ଠାକୁରଙ୍କୁ ବିରାଜମାନ କରିବା ଠିକ୍ ନୁହେଁ ହୃଦୟରେ ମହାପ୍ରଭୁଙ୍କୁ ବିରାଜମାନ କରନ୍ତୁ ସେ ଖୁସି ହେବେ । ଘରେ ଯଦି ପ୍ରଭୁଙ୍କୁ ପୂଜା କରୁଛନ୍ତି ତା'ହେଲେ ଅନ୍ନଭୋଗ କରିବା କଥା ନୁହେଁ କାରଣ ଅନ୍ନଭୋଗ ଗୋଟିଏ ଦିନ ବି ଖଣ୍ଡିଆ ହେବା କଥା ନୁହେଁ । ଶ୍ରୀମନ୍ଦିରରେ ପ୍ରଭୁ ବଳଭଦ୍ରଙ୍କୁ ଗୁରୁତ୍ୱ ଦିଆଯାଏ କିନ୍ତୁ ଅନୁଜ କାଳିଆଙ୍କୁ ସମସ୍ତେ ଭଲ ପାଆନ୍ତି , ଗେହ୍ଲା କରନ୍ତି । ପ୍ରଥମେ ବଡ଼ଠାକୁରଙ୍କର ହିଁ ସେବା ହେବ । ତାଙ୍କ ଆଜ୍ଞାରେ ହିଁ ଶ୍ରୀମନ୍ଦିର ଚାଲେ । କିନ୍ତୁ ସେ ଗାମ୍ଭୀର୍ଯ୍ୟ,ତାଙ୍କ ସହିତ ମର୍ଯ୍ୟାଦାର ସହ ଚଳିବାକୁ ପଡ଼ିଥାଏ । ବଡ଼ଠାକୁରଙ୍କ ସେବା କଲା ପରେ ଦେବୀ ସୁଭଦ୍ରା ଏବଂ ପରେ କାଳିଆ ସାଆନ୍ତେଙ୍କ ସେବା କରାଯାଏ । ଆଜ୍ଞାମାଳ ପ୍ରଥମେ ତାଳଧ୍ୱଜ ରଥକୁ ଆସିବ ।





CMYK

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି

THE DINALIPI

- Vol.- 46, Issue No. 107
- Friday, 17 July 2026
- ଶୁକ୍ରବାର, ୧୭ ଜୁଲାଇ ୨୦୨୬
- Bhubaneswar
- Price: Rs. 2.00, Page: 3
- R.N.I. Regd. No. 34063/81
- Postal Regd. No. BN/79/18-20
- Online Portal: www.dinalipi.com
- Mail ID: dinalipinews@gmail.com

https://www.facebook.com/dinalipilive
www.youtube.com/@dinalipilive
https://www.dinalipi.com
https://www.dinalipiepaper.com
https://www.dinalipi.in
twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com







## ଶ୍ରୀଗୁଣ୍ଡିଚା: ରତ୍ନବେଦୀରୁ ଜନ୍ମବେଦୀ ଅଭିମୁଖେ ମହାପ୍ରଭୁ

# ବଡ଼ଦାଣ୍ଡରେ ଭକ୍ତ-ଭଗବାନଙ୍କ ଅପୂର୍ବ ମିଳନ

ପୁରୀ,୧୬।୭(ନିପ୍ର): ଚତୁର୍ଦ୍ଧା ମୂର୍ତ୍ତିଙ୍କର ଆଜି ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପାଇଁ ବଡଦାଣ୍ଡ ଜନସମୁଦ୍ର ପାଲଟିଥିଲା। ଭାବଭକ୍ତିପୂର୍ଣ୍ଣ ପରିବେଶରେ ଉଚ୍ଛୁଳିଥିଲା ଶ୍ରୀକ୍ଷେତ୍ର । ପହଣ୍ଡି ବେଳେ ବର୍ଷାରେ ଭିଜିଥିଲେ ଶ୍ରୀଜୀଉମାନେ, ଶ୍ରଦ୍ଧାଳୁ ବି । ବଡଦାଣ୍ଡରେ ଅସଂଖ୍ୟ ଶ୍ରଦ୍ଧାଳୁ ଛତା ଧରି ଉପସ୍ଥିତ ରହି ଭାବଭକ୍ତିରେ ଭିଜିଥିଲେ। ଭକ୍ତ-ଭଗବାନ ଏକାକାର ହୋଇଥିଲେ। ରତ୍ନବେଦୀରୁ ଏହି ଯାତ୍ରା ଥିଲା ଜନ୍ମବେଦୀ ଅଭିମୁଖେ। ପ୍ରତ୍ୟୁଷରୁ ଶ୍ରୀମନ୍ଦିରରେ ଶ୍ରୀଜୀଉମାନଙ୍କର ମଙ୍ଗଳ ଆଳତି ଅନୁଷ୍ଠିତ ହେବା ପରେ ଖେଚଡି ଭୋଗ ହୋଇଥିଲା। ଶ୍ରୀମନ୍ଦିର ପୁରୋହିତ ରଥ ପ୍ରତିଷ୍ଠା କରିଥିଲେ । ପରେ ବିଜେ କାହାଳି ବାଜିବା ପରେ ଶ୍ରୀଜୀଉମାନଙ୍କର ଧାଡି ପହଣ୍ଡି ଆରମ୍ଭ ହୋଇଥିଲା। ପ୍ରଥମେ ଚକ୍ରରାଜ ସୁଦର୍ଶନଙ୍କୁ ପହଣ୍ଡି କରାଯାଇ ରଥାରୂଢ଼ କରାଯାଇଥିଲା । ବଳଭଦ୍ରଙ୍କୁ ପହଣ୍ଡି କରି ସିଂହଦ୍ୱାରକୁ ଅଣାଯାଇ ତାଳଧ୍ୱଜ ରଥରେ ବିଜେ କରାଯାଇଥିଲା। ପରେ ଦେବୀ ସୁଭଦ୍ରାଙ୍କୁ ପହଣ୍ଡି କରି ଦଇତା ସେବକମାନେ ଦର୍ପଦଳନ ରଥରେ ବିଜେ କରାଇଥିଲେ । ପରେ ଆରମ୍ଭ ହୋଇଥିଲା ଶ୍ରୀଜଗନ୍ନାଥଙ୍କର ପହଣ୍ଡି । ସାତପାହାଚକୁ ଆସିଲା ପରେ ଟାହିଆ ଲାଗି କରାଯାଇଥିଲା । ମହାପ୍ରଭୁ ଶ୍ରୀଜଗନ୍ନାଥ ଆନନ୍ଦ ବଜାର ଦେଇ ବାଇଶି ପାହାଚ ଉପରକୁ ଆସି ସିଂହଦ୍ୱାରକୁ ଆସିଥିଲେ ପରେ ତାଙ୍କୁ ନନ୍ଦିଘୋଷ ରଥରେ ରଥାରୂଢ଼ କରାଯାଇଥିଲା । ତେବେ ରଥାରୂଢ଼ ବେଳକୁ ଶ୍ରୀଜଗନ୍ନାଥଙ୍କ ଠାରେ ଟାହିଆ ଦେଖିବାକୁ ମିଳିନଥିଲା। ସକାଳୁ ପ୍ରବଳ ବର୍ଷା ଲାଗି ରହିଥିଲେ ସୁଦ୍ଧା ଭକ୍ତ ଓ ଜଗନ୍ନାଥଙ୍କ ମଧ୍ୟରେ କୌଣସି ବାଧା ସୃଷ୍ଟି ହୋଇପାରିନଥିଲା। ଭକ୍ତମାନେ ବର୍ଷାରେ ଭିଜି ମହାପ୍ରଭୁଙ୍କର ଏଇ ଦୁର୍ଲଭ ପହଣ୍ଡି ଦେଖିବା ପାଇଁ ରୁଣ୍ଡ ହୋଇଥିଲେ । ତେବେ ବର୍ଷା କାରଣରୁ ଶ୍ରୀଜିଉଙ୍କୁ ଗିଲାପ ପିନ୍ଧାଯାଇଥିଲା। ପହଣ୍ଡି ସମୟରେ ବଡଦାଣ୍ଡ ହୁଳହୁଳି, ହରିବୋଲ, ଶଙ୍ଖଧ୍ୱନିରେ ପ୍ରକମ୍ପିତ ହୋଇଉଠିଥିଲା । ସିଂହଦ୍ୱାରଠାରୁ ଭକ୍ତିମୟ ହୋଇଯାଇଥିଲା ବଡଦାଣ୍ଡ। ବର୍ଷା ସତ୍ତ୍ୱେ ସିଂହଦ୍ୱାର ଜନସମୁଦ୍ରରେ ପରିଣତ ହୋଇଥିଲା । ତୁହାକୁ ତୁହା ବର୍ଷା ଲାଗି ରହିଥିଲେ ମଧ୍ୟ ଶ୍ରଦ୍ଧାଳୁମାନେ ଜଗା ପ୍ରେମରେ ମଜି ଯାଇ ବଡଦାଣ୍ଡରେ ଛିଡା ହୋଇ ରହିଥିଲେ । ପହଣ୍ଡି ସମୟରେ ସିଂହଦ୍ୱାର ସମ୍ମୁଖରେ ଓଡ଼ିଶୀ ନୃତ୍ୟାଙ୍ଗନାମାନେ ନୃତ୍ୟ ପରିବେଷଣ କରିବା ଦେଖାଯାଇଥିଲା। ସେହିପରି ହନୁମାନ ଓ ଅନ୍ୟାନ୍ୟ ଦେବାଦେବୀ ବେଶରେ ସଜ୍ଜିତ ହୋଇ ଭକ୍ତମାନଙ୍କର

- ★ ହୁଳହୁଳି, ହରିବୋଲ, ଶଙ୍ଖଧ୍ୱନିରେ ଭାବଭକ୍ତିମୟ ପରିବେଶ
- ★ ଘଣ୍ଟାଏ ବିଳମ୍ବରେ ରଥଟଣା
- ★ ଝିପିଝିପି ବର୍ଷାରେ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁଙ୍କ ସମାଗମ
- ★ ମାର୍କେଟ ଛକରେ ତାଳଧ୍ୱଜ, ମରୀଚିକୋଟ ଛକରେ ଦର୍ପଦଳନ
- ★ ମାତ୍ର ଦୁଇ ହାତ ଗଡ଼ିଲା ନନ୍ଦିଘୋଷ, ୧୮ରେ ଆଡ଼ପ ମଣ୍ଡପ ବିଜେ
- ★ ରଥ ଟାଣିଲେ ମୁଖ୍ୟମନ୍ତ୍ରୀ
- ★ ଆଜି ସକାଳ ସାଢ଼େ ନଅଟାରେ ହେବ ରଥଟଣା

ମନୋରଞ୍ଜନ କରୁଥିଲେ ବିଭିନ୍ନ ସ୍ଥାନରୁ ଆସିଥିବା ଶ୍ରଦ୍ଧାଳୁ । ବହୁ ସଂକୀର୍ତ୍ତନ ମଣ୍ଡଳୀ ଭାବବିହ୍ୱଳ ହୋଇ ସଂକୀର୍ତ୍ତନ କରିବା ଦୃଶ୍ୟ ବେଶ୍ ଉପଭୋଗ୍ୟ ହୋଇଥିଲା । ଦିନ ୨ଟା ସୁଦ୍ଧା ଚତୁର୍ଦ୍ଧା ମୂର୍ତ୍ତି ରଥାରୂଢ଼ ହୋଇଥିଲେ । ପରେ ଶ୍ରୀମନ୍ଦିରରୁ ଶ୍ରୀ ନଅରକୁ ନିମନ୍ତ୍ରଣ ଯିବା ପରେ ଗଜପତି ମହାରାଜ ଶ୍ରୀ ଦିବ୍ୟସିଂହ ଦେବ ପାରମ୍ପରିକ ବେଶରେ ଶ୍ରୀନଅରରୁ ଏକ ରୌପ୍ୟ ଖଚିତ ବାହନରେ ବସି ଛତି ତରାସ ଓ ତେଲଙ୍ଗି ବାଦ୍ୟ ସହ ଏକ ପଟୁଆରରେ ରଥ ନିକଟକୁ ଆସିଥିଲେ । ତିନି ରଥରେ ଗଜପତି ମହାରାଜ ଶ୍ରୀଜୀଉମାନଙ୍କୁ ରଥରେ ବନ୍ଦାଇବା ସହ ଛେରା ପହଁରା କରିଥିଲେ। ଛେରା ପହଁରା କାର୍ଯ୍ୟ ସରିବା ପରେ ସାରଥୀ ରଥ ଉପରକୁ ଉଠାଯାଇଥିଲା । ପରେ ଘୋଡା ଯଚା ଯିବା ପରେ ରଥରେ ଦଉଡି ଲଗା ଯାଇଥିଲା ପ୍ରଥମେ ବଳଭଦ୍ରଙ୍କ ତାଳଧ୍ୱଜ, ପରେ ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ଓ ଶେଷରେ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥ ଟଣାଯାଇଥଲା। ନିର୍ଦ୍ଧାରିତ ୪ଟା ପରିବର୍ତ୍ତେ ଘଣ୍ଟାଏ ବିଳମ୍ବରେ ତାଳଧ୍ୱଜ ଓ ଦର୍ପଦଳନ ରଥଟଣା ହୋଇଥିଲା। ରଥଟଣା ଆନନ୍ଦ ଉଲ୍ଲାସ ମଧ୍ୟରେ ରଥକୁ ଟାଣି ନେଇଥିଲେ ଶ୍ରଦ୍ଧାଳୁ । ସନ୍ଧ୍ୟା ପ୍ରାୟ ସାଢ଼େ ୭ ଟା ସୁଦ୍ଧା ତାଳଧ୍ୱଜ ମାର୍କେଟ ଛକ ଓ ଦର୍ପଦଳନ ମରୀଚିକୋଟ ଛକ ପର୍ଯ୍ୟନ୍ତ ପହଞ୍ଚିଥିବା ବେଳେ ନନ୍ଦିଘୋଷ ରଥ ଦୁଇ ହାତ ଗଡି ଅଟକି ରହିଥିଲା ଓ ଗୁରୁବାର ପାଇଁ ରଥଟଣା ବନ୍ଦ କରାଯାଇଥିଲା। ଶୁକ୍ରବାର ସକାଳ ସାଢ଼େ ନଅଟାରେ ରଥ ଟଣା ଗୁଣ୍ଡିଚା ମନ୍ଦିର ସମ୍ମୁଖ ପର୍ଯ୍ୟନ୍ତ ହେବ ଓ ଶନିବାର ଆଡ଼ପମଣ୍ଡପ ବିଜେ ନୀତି ହେବ। ଫଳରେ ଶ୍ରଦ୍ଧାଳୁମାନେ ଦୀର୍ଘସମୟ ଧରି ଶ୍ରୀଜୀଉମାନଙ୍କୁ ଦର୍ଶନ କରିଥିଲେ। ଶାନ୍ତି ଶୃଙ୍ଖଳା ପାଇଁ ପୋଲିସ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଥିଲା । ସିଂହଦ୍ୱାରଠାରୁ ଶରଧାବାଲି ପର୍ଯ୍ୟନ୍ତ ସିସିଟିଭି ମାଧ୍ୟମରେ ରଖାଯାଇଥିଲା। ରାଜ୍ୟ ତଥା ରାଜ୍ୟ ବାହାରୁ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କର ସମାଗମ ହୋଇଥିଲା। ଟ୍ରାଫିକ ବ୍ୟବସ୍ଥାକୁ ମଧ୍ୟ କଡାକଡି କରାଯାଇଥିଲା । ରାଜ୍ୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କେ. ଭି ସିଂ ଦେଓ ଓ ବରିଷ୍ଠ ଅଧିକାରୀ ମାନେ ଉପସ୍ଥିତ ରହି ରଥଯାତ୍ରା ଦେଖିଥିଲେ ଓ ମୁଖ୍ୟମନ୍ତ୍ରୀ ମଧ୍ୟ ରଥ ଟାଣିଥିଲେ ।

### ଅଣନିଶ୍ୱାସୀ ହୋଇ ୨ ମୃତ !

ପୁରୀ,୧୬।୭(ନିପ୍ର): ଆଜି ରଥଯାତ୍ରା ସମୟରେ ଅଘଟଣ ଘଟି ୨ ଜଣ ଶ୍ରଦ୍ଧାଳୁଙ୍କର ମୃତ୍ୟୁ ଘଟିଥିବା ବିଶ୍ୱସ୍ତ ସୂତ୍ରରୁ ଜଣାଯାଇଛି। ମରୀଚିକୋଟ ଛକରେ ଅତ୍ୟଧିକ ଭିଡ଼ ହୋଇଥିବାରୁ ଜଣେ ଭକ୍ତ ତଳେ ପଡିଯାଇ ଅଣନିଶ୍ୱାସୀ ହୋଇଥିଲେ। ଚିକିତ୍ସା ପାଇଁ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ଡାକ୍ତରଖାନା ନିଆଯାଇଥିଲା ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ । ଶ୍ରଦ୍ଧାଳୁ ଜଣଙ୍କ କଟକର ବୋଲି ଜଣାଯାଏ । ସେହିଭଳି ଅଣନିଶ୍ୱାସୀ କାରଣରୁ ଆଉ ଜଣେ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ଘଟିଥିବା ବେସରକାରୀ ସୂତ୍ରରୁ ପ୍ରକାଶ। ପ୍ରାୟ ୫୦ ରୁ ଅଧିକ ଠେଲାପେଲାରେ ଆହତ ହୋଇ ଭର୍ତ୍ତି ହୋଇଛନ୍ତି।

## ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ, ହସ୍ପିଟାଲ ଯିବେ ସ୍ୱାସ୍ଥ୍ୟମନ୍ତ୍ରୀ

- ଆହତଙ୍କୁ ସର୍ବୋତ୍ତମ ଚିକିତ୍ସା ସୁବିଧା ମିଳିବ
- ମୁଖ୍ୟମନ୍ତ୍ରୀ ଘଟଣାର ସମ୍ପୂର୍ଣ୍ଣ ରିପୋର୍ଟ ମାଗିଛନ୍ତି
- ଭିଡ଼ ନିୟନ୍ତ୍ରଣ ପାଇଁ ଅଧିକ ସତର୍କ ରହିବାକୁ କୁହାଯାଇଛି

ଭୁବନେଶ୍ୱର,୧୬।୭: ଶ୍ରୀକ୍ଷେତ୍ରରେ ରଥଯାତ୍ରା ସମୟରେ ଭକ୍ତଙ୍କ ଅତ୍ୟଧିକ ଭିଡ଼ ଯୋଗୁଁ ଘଟିଥିବା ଠେଲାପେଲାରେ ୨ ଜଣ ଭକ୍ତଙ୍କ ଦୁଃଖଦ ମୃତ୍ୟୁ ଘଟିଛି । ଏହି ଅଘଟଣକୁ ରାଜ୍ୟ ସରକାର ଅତ୍ୟନ୍ତ ଗମ୍ଭୀରତାର ସହ ନେଇଛନ୍ତି । ଘଟଣା ସମ୍ପର୍କରେ ହସ୍ପଟାଲ ଯାଇ ପଚାରି ବୁଝିବାକୁ ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ, ସ୍ୱାସ୍ଥ୍ୟମନ୍ତ୍ରୀ ତୁରନ୍ତ ହସ୍ପିଟାଲକୁ ଯାଇ ମୃତକଙ୍କ ପରିବାରବର୍ଗଙ୍କୁ ଭେଟିବା ସହ ଆହତମାନଙ୍କ ଚିକିତ୍ସା ବ୍ୟବସ୍ଥା ନେଇ ସମୀକ୍ଷା କରିବେ । ଏହି ସମ୍ବେଦନଶୀଳ ଘଟଣା ସମ୍ପର୍କରେ ସୂଚନା ଦେଇ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି ଯେ, ସରକାର ଏହି ଦୁର୍ଭାଗ୍ୟଜନକ ଅଘଟଣରେ ଗଭୀର ମର୍ମାହତ । ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଥିଲେ ମଧ୍ୟ ଏଭଳି ପରିସ୍ଥିତି ଉପୁଜିବା ଅତ୍ୟନ୍ତ ଦୁଃଖଦାୟକ ।ମନ୍ତ୍ରୀ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ ଘଟଣାର ସମ୍ପୂର୍ଣ୍ଣ ରିପୋର୍ଟ ମାଗିଛନ୍ତି । ହସ୍ପିଟାଲରେ ଚିକିତ୍ସିତ ହେଉଥିବା ଆହତ ଭକ୍ତମାନଙ୍କୁ ସର୍ବୋତ୍ତମ ଚିକିତ୍ସା ସୁବିଧା ଯୋଗାଇ ଦେବା ପାଇଁ ପ୍ରଶାସନିକ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ରଥଯାତ୍ରା ପରି ଏକ ବୃହତ୍ କାର୍ଯ୍ୟକ୍ରମରେ ଭକ୍ତଙ୍କ ସୁରକ୍ଷା ସରକାରଙ୍କ ପ୍ରାଥମିକତା, ତେଣୁ ଏହି ଘଟଣାର କାରଣ ଖୋଜି ବାହାର କରିବା ପାଇଁ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଶ୍ରୀମନ୍ଦିର ପ୍ରଶାସନ ଓ ପୋଲିସ ବିଭାଗକୁ ମଧ୍ୟ ଭିଡ଼ ନିୟନ୍ତ୍ରଣ ପାଇଁ ଅଧିକ ସତର୍କ ରହିବାକୁ କୁହାଯାଇଛି ।

## ଆଜିଠୁ ଗଡ଼ିବ ଦେଶର ପ୍ରଥମ ହାଇଡ୍ରୋଜେନ୍ ଟ୍ରେନ୍

ନୂଆଦିଲ୍ଲୀ,୧୬।୭: ଶୁକ୍ରବାର ଦେଶର ପ୍ରଥମ ହାଇଡ୍ରୋଜେନ୍ ଫୁଏଲ୍ ସେଲ୍ ଟ୍ରେନ୍‌ର ଚଳାଚଳ ଆରମ୍ଭ ହେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ହରିୟାଣାର ଜିନ୍ଦ-ସୋନିପତ୍ ସେକ୍ସନ୍‌ରେ ଏହି ଟ୍ରେନ୍‌ର ଶୁଭାରମ୍ଭ କରିବେ। ଏହି ଟ୍ରେନ୍‌କୁ ଏଭଳି ଭାବରେ ପ୍ରସ୍ତୁତ କରାଯାଇଛି ଯେ ଏହା ଉପରିଭାଗରେ ଥିବା ବିଦ୍ୟୁତ୍ ତାର କିମ୍ବା ଡିଜେଲ୍ ଇଞ୍ଜିନ୍ ଉପରେ ନିର୍ଭର ନ କରି ନିଜ ଭିତରେ ହିଁ ହାଇଡ୍ରୋଜେନ୍ ବ୍ୟବହାର କରି ବିଦ୍ୟୁତ୍ ଉତ୍ପାଦନ କରିପାରିବ। ଦେଶର ୯୯ ପ୍ରତିଶତରୁ ଅଧିକ ବ୍ରଡ୍ ଗେଜ୍ ନେଟ୍‌ୱର୍କର ବିଦ୍ୟୁତ୍‌କରଣ କରିବା ପରେ ଏହି ଉଦ୍ୟମ ଆରମ୍ଭ ହୋଇଥିଲା।

## ‘ନବମ ଶ୍ରେଣୀରେ ତୃତୀୟ ଭାଷା ଚାପ ପକାଇବ’

### ପଞ୍ଚମ କିମ୍ବା ଷଷ୍ଠ ଶ୍ରେଣୀରେ ହିଁ ପ୍ରଚଳନ କରାଯିବା ଉଚିତ

ନୂଆଦିଲ୍ଲୀ,୧୬।୭: ନବମ ଶ୍ରେଣୀରେ ତୃତୀୟ ଭାଷା ପ୍ରଚଳନ କରିବା ଉପରେ ଗୁରୁବାର ସୁପ୍ରିମକୋର୍ଟ ଚିନ୍ତା ପ୍ରକାଶ କରିଛନ୍ତି। ସୁପ୍ରିମକୋର୍ଟ କହିଛନ୍ତି ଯେ, ଜାତୀୟ ଶିକ୍ଷା ନୀତି ଅନୁଯାୟୀ ନବମ ଶ୍ରେଣୀରେ ତୃତୀୟ ଭାଷା ପ୍ରଚଳନ କରିବା ଦ୍ୱାରା ଛାତ୍ରଛାତ୍ରୀମାନେ ବୋର୍ଡ ପରୀକ୍ଷା ପାଇଁ ପ୍ରସ୍ତୁତି ଆରମ୍ଭ କରିବା ସମୟରେ ସେମାନଙ୍କ ଉପରେ ଅଯଥା ଚାପ ପଡ଼ିବ। ବିଚାରପତି ବିଭି ନାଗରତ୍ନା ଓ ଆର ମହାଦେବନଙ୍କୁ ନେଇ ଗଠିତ ଖଣ୍ଡପୀଠ କେନ୍ଦ୍ରକୁ ୯ମ ଶ୍ରେଣୀ ସ୍ତରରେ ତୃତୀୟ ଭାଷା ପ୍ରଚଳନ ନ କରିବାକୁ ମୌଖିକ ଭାବରେ କହିଛନ୍ତି। ଖଣ୍ଡପୀଠ କହିଛନ୍ତି ଯେ, ତୃତୀୟ ଭାଷାକୁ ପଞ୍ଚମ କିମ୍ବା ଷଷ୍ଠ ଶ୍ରେଣୀରେ ହିଁ ପ୍ରଚଳନ କରାଯିବା ଉଚିତ ।ଖଣ୍ଡପୀଠ ରାଜ୍ୟର ପ୍ରତ୍ୟେକ ଜିଲ୍ଲାରେ ଜବାହାର ନବୋଦୟ ବିଦ୍ୟାଳୟ (ଜେଏନ୍‌ଭି) ପ୍ରତିଷ୍ଠା କରିବା ପାଇଁ ମାଡ୍ରାସ ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ଚ୍ୟାଲେଞ୍ଜ କରି ତାମିଲନାଡୁ ସରକାରଙ୍କ ଦ୍ୱାରା ଦାୟର ଏକ ଆବେଦନର ଶୁଣାଣି କରିବା ସମୟରେ ଏହି ରାୟ ଦେଇଥିଲେ। ଏବର ମାମଲାର ଶୁଣାଣି ୨୯ ତାରିଖରେ କରାଯିବ।

## ମୌସୁମୀ ଅଧିବେଶନରେ ଆସିପାରେ ୫ ନୂତନ ଓ ୨ ବିଚାରାଧୀନ ବିଲ୍ !



ଦିଲ୍ଲୀ,୧୬।୭: ଆଗାମୀ ମୌସୁମୀ ଅଧିବେଶନରେ ୫ଟି ନୂତନ ବିଲ୍ ଏବଂ ୨ଟି ବିଚାରାଧୀନ ବିଲ୍ ଆସିବା ସମ୍ଭାବନା ଅଛି। ସରକାର ଆବଶ୍ୟକ ଦୁଇ-ତୃତୀୟାଂଶ ବହୁମତ ହାସଲ କରିବା ପାଇଁ ନିଶ୍ଚିତ ହେବା ପରେ ହିଁ ସୀମା ନିର୍ଦ୍ଧାରଣ ଏବଂ ମହିଳା ସଂରକ୍ଷଣ ଉପରେ ସମ୍ବିଧାନ ସଂଶୋଧନ ବିଲ୍ ସହିତ ଆଗକୁ ବଢ଼ିବ ବୋଲି କଳ୍ପନାଜଳ୍ପନା କରାଯାଉଛି। ମୌସୁମୀ ଅଧିବେଶନର ଅସ୍ଥାୟୀ କାର୍ଯ୍ୟସୂଚୀରେ ସମ୍ବିଧାନ ସଂଶୋଧନ ବିଲ୍ ଆସବା ସମ୍ଭାବନା ନ ଥିବା କୁହାଯାଉଛି।

### ॥ ନୂଆ ରୋଡ୍‌ମ୍ୟାପ୍ ଲାଗି ‘ସୁପ୍ରିମ’ ପ୍ରସ୍ତୁତି ॥

# ନ୍ୟାୟ ପ୍ରଦାନ ପ୍ରକ୍ରିୟା ବଢ଼ିବ ଆଗକୁ

ନୂଆଦିଲ୍ଲୀ,୧୬।୭: ସୁପ୍ରିମକୋର୍ଟ ବହୁ ଦିନ ଧରି ପଡ଼ି ରହିଥିବା ମାମଲାଗୁଡ଼ିକର ଶୀଘ୍ର ସମାଧାନ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। ଆସନ୍ତା ଅଗଷ୍ଟ ମାସରେ ଏକ ସ୍ୱତନ୍ତ୍ର ଲୋକ ଅଦାଲତ ଆୟୋଜିତ ହେବ ଓ ଏଥିରେ ପ୍ରାୟ ୧୦୦ଟି ବେଞ୍ଚ ମାମଲା ବୋଝ କମାଇବା ଏବଂ ନ୍ୟାୟିକ ପ୍ରକ୍ରିୟାକୁ ଅଧିକ ଦ୍ରୁତ ତଥା ଶୃଙ୍ଖଳିତ କରିବା ପାଇଁ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ୧୫ ଜୁଲାଇ ୨୦୨ରେ ଅନୁଷ୍ଠିତ ଫୁଲ୍ କୋର୍ଟ (ସମସ୍ତ ବିଚାରପତିଙ୍କ ବୈଠକ) ବୈଠକରେ ସ୍ଥିର କରାଯାଇଛି ଯେ, ଆସନ୍ତା

- ହଜାର ହଜାର ମାମଲାର ହେବ ସମାଧାନ
- ନିଜେ ମାମଲା ଲଢୁଥିବା ବ୍ୟକ୍ତିଙ୍କୁ ମିଳିବ ନୂଆ ସୁବିଧା

(ଏକାଧିକ ସମାନ ମାମଲାର ସମୂହ) କୁ ପ୍ରାଥମିକତା ଦେଇ ଶୁଣାଣି କରାଯିବ। ଏହା ମାଧ୍ୟମରେ ପ୍ରାୟ ୯,୧୭୭ଟି ମାମଲାର ସମାଧାନ ପାଇଁ ପ୍ରସ୍ତୁତି କରାଯାଇଛି। ଅଦାଲତରେ ପଡ଼ି ରହିଥିବା ମାମଲାର ଅଗଷ୍ଟ ୨୧, ୨୨ ଏବଂ ୨୩ ତାରିଖରେ ‘ସମାଧାନ ସମାରୋହ’ ଅଧୀନରେ ବିଶେଷ ଲୋକ ଅଦାଲତ ଆୟୋଜନ କରାଯିବ। ଏଥିରେ ସୁପ୍ରିମକୋର୍ଟର ସମସ୍ତ ବିଚାରପତି ଅଂଶଗ୍ରହଣ କରିବେ। ନୋଟିସ ଜାରି ହେବା ଦିନଠାରୁ ପଡ଼ି ରହିଥିବା ସବୁଠାରୁ ପୁରୁଣା ମାମଲାଗୁଡ଼ିକର ଶୁଣାଣି ପ୍ରତି ସପ୍ତାହର ମଙ୍ଗଳବାର, ବୁଧବାର ଏବଂ ଗୁରୁବାର



କରାଯିବ। ଏହା ବ୍ୟତୀତ ମାମଲାର ତାଲିକା ଅର୍ଥାତ୍ 'କଜ୍ ଲିଷ୍ଟ' କୁ ଅଧିକ ସରଳ ଓ ଶୃଙ୍ଖଳିତ କରିବା ପାଇଁ ସୁପ୍ରିମକୋର୍ଟର ବିଚାରପତିମାନଙ୍କୁ ନେଇ ଏକ କମିଟି ଗଠନ କରାଯିବ, ଯାହା ବ୍ୟବସ୍ଥାର ସୁଧାର ପାଇଁ ପରାମର୍ଶ ଦେବ। ଚୂଡ଼ାନ୍ତ ଶୁଣାଣି ପର୍ଯ୍ୟାୟରେ ଥିବା ମାମଲାଗୁଡ଼ିକ ପାଇଁ ଫୁଲ୍ କୋର୍ଟ ଏକ ନୂଆ ବ୍ୟବସ୍ଥା ଲାଗୁ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏବେ ଏଭଳି ମାମଲାରେ ଓକିଲମାନଙ୍କୁ ପୂର୍ବରୁ ଜଣାଇବାକୁ ହେବ ଯେ ସେମାନଙ୍କୁ ମୌଖିକ ଯୁକ୍ତି ରଖିବା ପାଇଁ କେତେ ସମୟ ଦରକାର। ଏହାଦ୍ୱାରା ଶୁଣାଣି ଅଯଥା ଦୀର୍ଘ ହେବନାହିଁ ଏବଂ ଅଦାଲତ ନିଜ ସମୟର ସଠିକ୍ ପରିଚାଳନା କରିପାରିବେ। ସୁପ୍ରିମକୋର୍ଟ ପୂର୍ବରୁ ମଧ୍ୟ ସମୟ ସୀମା ମଧ୍ୟରେ ଶୁଣାଣି ଉପରେ ଜୋର ଦେଇ ଆସୁଛନ୍ତି ଏବଂ ଏହି ନିଷ୍ପତ୍ତି ସେହି ଦିଗରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ବୈଠକରେ ସାଧାରଣ ଲୋକଙ୍କ ସୁବିଧା ପାଇଁ ମଧ୍ୟ ଏକ ବଡ଼ ନିଷ୍ପତ୍ତି ନିଆଯାଇଛି। ସୁପ୍ରିମକୋର୍ଟ ନିୟମାବଳୀ, ୨୦୧୩ ଅନୁଯାୟୀ, ଏବେ ଯେଉଁ ପକ୍ଷକାରମାନେ ଓକିଲ ନ ରଖି ନିଜେ ନିଜର ମାମଲା ଲଢୁଛନ୍ତି, ସେମାନେ ରେଜିଷ୍ଟ୍ରାରଙ୍କ ସମ୍ମୁଖରେ ଭର୍ଚୁଆଲ୍ (ଅନଲାଇନ୍) ମାଧ୍ୟମରେ ହାଜର ହେବାର ସୁବିଧା ପାଇବେ। ତେବେ, ଯଦି କୌଣସି ପକ୍ଷକାର ବ୍ୟକ୍ତିଗତ ଭାବେ କୋର୍ଟରେ ଉପସ୍ଥିତ ହେବାକୁ ଚାହାନ୍ତି, ତେବେ ତାଙ୍କୁ ଏହାର ଅନୁମତି ମିଳିବ। କିନ୍ତୁ ଏଭଳି ଶୁଣାଣିର କୌଣସି ଲାଇଭ୍-ଷ୍ଟ୍ରିମିଂ ବା ଭିଡିଓ ରେକର୍ଡିଂ କରାଯିବ ନାହିଁ।

CMYK

ତିଥି :(ତୃତୀୟା): (ମଘା ସିଂହ)
ଅମୃତ ବେଳା: ଦିବା ଘ ୬।୫୬ ମଧ୍ୟେ ଘ ୭।୪୪ ଗତେ

## ଆଜିର ଅନୁଚିନ୍ତନ

ଜୀର୍ଣ୍ଣ ବସ୍ତ୍ରଗୁଡ଼ିକୁ ପରିତ୍ୟାଗ କରି ମନୁଷ୍ୟ ଯେପରି ନୂତନ ବସ୍ତ୍ର ପରିଧାନ କରେ, ଠିକ୍ ସେହିପରି ଦେହୀ ପୁରାତନ ଶରୀର ତ୍ୟାଗ କରି ଅନ୍ୟ ନୂତନ ଶରୀରକୁ ଚାଲିଯାଏ।। - ଶ୍ରୀମଦ୍ ଭଗବଦ୍ ଗୀତା

# ପାକିସ୍ତାନର ଛଳ !

ପ୍ରାୟ ଦେଢ ମାସ ଧରି ପାକ୍ ଅଧିକୃତ କାଶ୍ମୀର ବା ପିଓକେ ଏବେ ଜନସାଧାରଣଙ୍କ ପକ୍ଷରୁ ପାକିସ୍ତାନ ସରକାରଙ୍କ ବିରୋଧରେ ବିରୋଧର ସ୍ୱର ପୂର୍ବାପେକ୍ଷା ତୀବ୍ର ହେଉଥିବା ଲକ୍ଷ୍ୟ କରାଯାଇଛି, ଯାହାକି ସେମାନଙ୍କ ଭବିଷ୍ୟତର ଗତିପଥ ମୋଡ଼ ନେବାରେ ସହାୟକ ହୋଇପାରେ ଏପରି ଅନୁମାନ କରାଯାଉଛି। ଏହା ଜଣାଶୁଣା ଉକ୍ତ ଅଞ୍ଚଳକୁ ପାକିସ୍ତାନ ନିଜର ବୋଲି ଦାବି କରିଆସୁଛି। ନିଜର ବୋଲି ଦାବି କରିବା ବେଳେ ଯେଉଁ ମୌଳିକ ସୁବିଧା ଯୋଗାଇବା କଥା ସେଥିରେ ପାକିସ୍ତାନ ଖିଲାପ କରୁଥିଲେ ହେଁ ତାହାକୁ ଅଣଦେଖା ହିଁ କରିଚାଲିଛି। ପାକ୍ ଅଧିକୃତ କାଶ୍ମୀର ମାଟିରେ ବିକ୍ଷୋଭର ସ୍ୱର ତେଜୁଥିବା ଜଣେ ପ୍ରମୁଖ ନେତାଙ୍କ ଦାବି ଉକ୍ତ ଅଞ୍ଚଳବାସୀଙ୍କୁ ଖୁବ୍ ଉତ୍ସାହିତ କରିଛି। ତାହା ହେଉଛି- ପିଓକେ କେବେ ମୁକ୍ତ ନ ଥିଲା କି କେବେ ବିବାଦୀୟ ଅଞ୍ଚଳ ନ ଥିଲା, ବରଂ ଏହା ଅଧିକୃତ ହିଁ କରାଯାଇଛି।

ସ୍ମରଣ କରାଯାଇପାରେ ପାକିସ୍ତାନ ସଂପୃକ୍ତ ଅଞ୍ଚଳକୁ 'ଆଜାଦ୍ କାଶ୍ମୀର' ଭାବରେ ଦାବି କରିଆସିଛି। ଦାବି କରିବା ଓ ବାସ୍ତବତା ଦୁଇ ଭିନ୍ନ ଦିଗ ଏହା ହୃଦ୍‌ବୋଧ କରିବାକୁ ପାକ୍ ନାରାଜ, ଏଭଳି ହିଁ ବୋଧ ହେଉଛି। ବିକ୍ଷୋଭ କରୁଥିବା ନେତାଙ୍କ ସ୍ୱରକୁ କ୍ଷୀଣ କରିବା ଅବା ଚାପି ଦେବା ଉଦ୍ଦେଶ୍ୟ ରଖି ପାକିସ୍ତାନ ଦମନମୂଳକ ନୀତି ଆରମ୍ଭ କରିଚାଲିଛି। ଉକ୍ତ ଅଞ୍ଚଳକୁ ଆବଶ୍ୟକ ପରିମାଣରେ ଖାଦ୍ୟସାମଗ୍ରୀ ପଠାଉନାହିଁ। ହୁଏତ ପାକିସ୍ତାନ ଲକ୍ଷ୍ୟ ରଖିଛି ଯଦି ଅତ୍ୟାବଶ୍ୟକ ଯୋଗାଣ କମାଇ ଦିଆଯାଏ, ଅଥବା ନିୟନ୍ତ୍ରଣ କରାଯାଏ ତେବେ ଆନ୍ଦୋଳନ ମୁଣ୍ଡ ଟେକି ଉଠିବାର ବଳ ପାଇବ ନାହିଁ। ଏଭଳି ପିଓକେ ଅଞ୍ଚଳବାସୀ ଓ ପାକିସ୍ତାନ ମୁହାଁମୁହିଁ ସ୍ଥିତିରେ ଅଛନ୍ତି, ଯାହାକୁ ସମୁଦାୟ ବିଶ୍ୱ ଲକ୍ଷ୍ୟ କରୁଛି। ଇରାନ-ଆମେରିକା ବିବାଦରେ ମଧ୍ୟସ୍ଥି ସାଜି ବ୍ୟର୍ଥ ହୋଇଥିବାବେଳେ ପିଓକେ ସମସ୍ୟା ସମାଧାନ ଦିଗରେ ମୁଣ୍ଡ ନ ଖେଳାଇବା ଏହାର ଦୁର୍ବଳତାକୁ ହିଁ ସୂଚିତ କରିଛି ବୋଲି କୁହାଯିବା ଅସଙ୍ଗତ ହେବନାହିଁ।

ମୁଦ୍ରାସ୍ଫୀତି, ବିଦ୍ୟୁତ୍ ଦରବୃଦ୍ଧି ସମସ୍ୟାର ସମାଧାନ , ସରକାରୀ ସବ୍‌ସିଡି ଛାଡ, ବେରୋଜଗାରୀ ଦୂରୀକରଣ ସର୍ବୋପରି ରାଜନୈତିକ ବିଦ୍ୱେଷର ଅନ୍ତ ଘଟାଇବା ପ୍ରଭୃତି ସଂପର୍କରେ ସଂପୃକ୍ତ ଅଞ୍ଚଳବାସୀଙ୍କ ଦାବି ଦୀର୍ଘଦିନରୁ ରହିଛି। ଏସବୁ ପ୍ରସଙ୍ଗ ନେଇ ତିକ୍ତତା ଓ ଅସନ୍ତୋଷର ମାତ୍ରା ବଢିବ। ସର୍ବୋପରି ପିଓକେବାସୀ ରାଜରାସ୍ତାରେ ଏକାଠି ହେବା ପ୍ରକାରାନ୍ତେ ସୂଚନା ଦେଉଛି ସେମାନେ ପଡ଼ୋଶୀ ଜମ୍ମୁକାଶ୍ମୀର ଅଞ୍ଚଳର ବିକାଶର ଗତି ଦେଖି ନିଶ୍ଚୟ ସ୍ତମ୍ଭୀଭୂତ।

ସୁତରାଂ ଇସଲାମବାଦର ବୈମାତୃକ ମନୋଭାବ ପିଓକେ ପ୍ରତି ରହିଛି ବୋଲି ବିକ୍ଷୋଭ ବା ଆନ୍ଦୋଳନ ଦବାଇବା ଅପପ୍ରୟାସରେ ପାକ୍ କର୍ତ୍ତୃପକ୍ଷ ରହିଛନ୍ତି। କେବଳ ସେତିକି ନୁହେଁ, ଉକ୍ତ ଅଞ୍ଚଳକୁ ଆତଙ୍କବାଦୀ ଭୂମି ଭାବରେ ଉପସ୍ଥାପିତ କରି ପାକିସ୍ତାନ ଭାରତୀୟ ସହିତ ବହୁ ସମୟରେ ଛଦ୍ମ ଯୁଦ୍ଧ ଚଳାଇ ଆସିବା ସମସ୍ତେ ଲକ୍ଷ୍ୟ କରିଛନ୍ତି। ତେବେ ପିଓକେବାସୀ ଭାରତ ସହିତ ପୁନର୍ବାର ମିଶିଯିବାକୁ ଯେପରି ଆଗଭରତା ବିକ୍ଷୋଭ ମାଧ୍ୟମରେ ଦେଖାଇଛନ୍ତି ସେମାନେ ଭାରତର ବିକାଶ ତଥା ଶାନ୍ତିପୂର୍ଣ୍ଣ ସ୍ଥିତିକୁ ନିଶ୍ଚୟ ଲକ୍ଷ୍ୟ କରିସାରିଛନ୍ତି। ଯାହା ମନେ କରାଯାଉଛି ଯେଉଁ ଜାଗରଣ ପିଓକେ ଅଞ୍ଚଳରେ ଏବେ ଦେଖାଯାଇଛି ତାହା ପୂର୍ବରୁ କେବେ ଦେଖାଯାଇନଥିଲା, ସେମାନେ ଅନ୍ତର୍ଜାତୀୟ ସମୁଦାୟର ଦୃଷ୍ଟି ଆକର୍ଷଣ ପୂର୍ବକ ଉକ୍ତ ସମସ୍ୟାର ସମାଧାନ ନେଇ ନିଶ୍ଚୟ ଆଶାବାଦୀ ଅଛନ୍ତି।

# ସୀମାରେ ଅବିଶ୍ୱାସ, ବ୍ୟବସାୟ ପାଇଁ ବିଶ୍ୱାସ: କେତେ ଉଚିତ !

### ଗୋପାଳ ମହାପାତ୍ର

କୌଣସି ରାଷ୍ଟ୍ରର ଦିଶା କେବଳ ଯୁଦ୍ଧ କ୍ଷେତ୍ରରେ ନୁହେଁ ବରଂ ନୀତିଗତ ନିର୍ଣ୍ଣୟରେ ହିଁ ନିର୍ଦ୍ଧାରିତ ହୋଇଥାଏ। ଇତିହାସ ଏହାର ମୂକସାକ୍ଷୀ। ଭାରତ ସରକାରଙ୍କ ଦ୍ୱାରା ୪ଟି ଚାଇନା ପାୱାର ଉପକରଣ କମ୍ପାନୀ (ଯେଉଁମାନଙ୍କର ଭାରତରେ ବିନିର୍ମାଣ ସଂସ୍ଥା ରହିଛି)କୁ ବିଦ୍ୟୁତ୍ ଉତ୍ପାଦନ କ୍ଷେତ୍ରର ଗୁରୁତ୍ୱପୂର୍ଣ୍ଣ ସରକାରୀ ପରିଯୋଜନାରେ ଦୁଇ ବର୍ଷ ପାଇଁ ଟେଣ୍ଡର ଦାଖଲ କରି କାର୍ଯ୍ୟ କରିବା ପାଇଁ ଅନୁମତି ଦେବା ଏହି ଭଳି ଏକ ନିର୍ଣ୍ଣୟ। ଏହାକୁ ବ୍ୟବସାୟିକ ଉଦାରୀକରଣ କହିଲେ ଭୁଲ ହେବ ନିଶ୍ଚୟ। ଏହା ଏକ ବିବାଦୀୟ ପ୍ରସଙ୍ଗ ବା ଦ୍ୱନ୍ଦ୍ୱର ପ୍ରତୀକ। ଗୋଟିଏ ପଟେ ଆର୍ଥିକ ବିକାଶର ଆବଶ୍ୟକତା ଓ ଅନ୍ୟ ପକ୍ଷରେ ରାଷ୍ଟ୍ରୀୟ ସୁରକ୍ଷାର ଅଟଳ ଦାୟିତ୍ୱ। ଗଲବାନର ସେଇ ରକ୍ତରିତ ସ୍ମୃତି ଆଜିବି ରାଷ୍ଟ୍ରୀୟ ଚେତନାରେ ଛାପ ଛାଡି ଯାଇଛି। ପୂର୍ବ ଲଦାଖର ବାସ୍ତବିକ୍ ନିୟନ୍ତ୍ରଣ ରେଖା ଉପରେ ଭାରତର ପୂର୍ଣ୍ଣ ନିୟନ୍ତ୍ରଣ ଏବେ ବି ଅଧୁରା ରହିଛି । ଦୁଇ ଦେଶ ମଧ୍ୟରେ ବିଶ୍ୱାସର ବାତାବାରଣ ଏବେ ବି ସୃଷ୍ଟି ହୋଇପାରିନାହିଁ। ତଥାପି ଆର୍ଥିକ ଆବଶ୍ୟକତା ପାଇଁ ଦୁଇ ଦେଶ ପରସ୍ପର ସହ ଆଲୋଚନା କରୁଛନ୍ତି। ପ୍ରଶ୍ନ କେବଳ ଚୀନର କମ୍ପାନୀମାନଙ୍କୁ ବିତାଡିତ କରିବା ନୁହେଁ ବରଂ ପ୍ରଶ୍ନ ହେଉଛି ଭାରତ ସରକାର କ'ଣ ଏମାନଙ୍କୁ ନିଜର ରଣନୈତିକ ସ୍ୱାର୍ଥ ଅନୁରପ ନିୟନ୍ତ୍ରଣ କରିପାରିବେ ? କ'ଣ ଆର୍ଥିକ ଆବଶ୍ୟକତା ଧୀରେ ଧୀରେ ରଣନୈତିକ ନିର୍ଭରତାରେ ବଦଳିଯିବ ?

ବଡ ବଡ ନିଷ୍ପତ୍ତି ନିଆଯିବା ବେଳେ ଆର୍ଥିକ ଯଥାର୍ଥତା ବାବଦରେ ଅଧିକ ଗୁରୁତ୍ୱ ଦିଆଯାଇଥାଏ। ଏ ପ୍ରସଙ୍ଗକୁ ଅଣଦେଖା କରାଯିବା ମଧ୍ୟ ଅନୁଚିତ। ଭାରତ ଉର୍ଜା (ବିଦ୍ୟୁତ୍‌ଶକ୍ତି) ସଂକ୍ରମଣ, ଉଚ୍ଚଗତି ରେଳ, ସ୍ମାର୍ଟ ସିଟି, ହରିତ୍ ଅବସଂରଚନା ଏବଂ ନବୀକରଣୀୟ ଶକ୍ତି ଭଳି ମହତ୍ତ୍ୱାକାଂକ୍ଷୀ ପରିଯୋଜନା ଉପରେ ଗୁରୁତ୍ୱ ଦେଉଛି। ଏସବୁ ପାଇଁ ଅଧିକ ପୁଂଜିନିବେଶ ସହ ଉନ୍ନତ ବୈଷୟିକ ଜ୍ଞାନ କୌଶଳ, ତୀବ୍ର ନିଷ୍ପାଦିତ କ୍ଷମତା ଏବଂ ପ୍ରତିସ୍ପର୍ଦ୍ଧୀ ବ୍ୟୟର ଆବଶ୍ୟକତା ରହିଛି। ବିଶ୍ୱସ୍ତରରେ ଅନେକ ଚାଇନା କମ୍ପାନୀ କମ୍ ସମୟ ଏବଂ କମ୍ ବ୍ୟୟରେ ଏଭଳି ବିଶାଳ ପରିଯୋଜନାକୁ ସଂପୂର୍ଣ୍ଣ କରିବାରେ ସକ୍ଷମ। ଅନ୍ୟପକ୍ଷରେ ଅନ୍ୟ ବିଦେଶୀ କମ୍ପାନୀ ବିଶେଷ କରି ୟୁରୋପୀୟ କମ୍ପାନୀମାନଙ୍କୁ ଏଭଳି ପରିଯୋଜନା ପାଇଁ ଅଧିକ ବ୍ୟୟ କରିବାକୁ ପଡିଥାଏ। ଏବେ ବି ଭାରତୀୟ ଉଦ୍ୟୋଗମାନେ ସବୁ କ୍ଷେତ୍ରରେ ଆତ୍ମନିର୍ଭର ହୋଇ ପାରି ନାହାନ୍ତି। ଏ ଦୃଷ୍ଟିରୁ ଶସ୍ତା ଓ ସକ୍ଷମ ବିକଳ୍ପ ଭାରତୀୟ ଉଦ୍ୟୋଗ ପାଇଁ ଆକର୍ଷଣର କାରଣ ହୋଇଛି। ଏଭଳି ସ୍ଥିତିରେ ଆର୍ଥିକ ଆବଶ୍ୟକତା ଏବଂ ରାଷ୍ଟ୍ରୀୟ ସୁରକ୍ଷା ଭିତରେ କଠିନ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇପାରେ। ସୁରକ୍ଷା ଏଜେନ୍ସୀମାନେ ଯେଉଁ ଆଶଙ୍କା କରୁଛନ୍ତି ତାହା ପୂର୍ବାଗ୍ରହ ନୁହେଁ ବରଂ ଅନୁଭବ ଉପରେ ଆଧାରିତ। ଅନେକ ଚାଇନା କମ୍ପାନୀଙ୍କର ଚାଇନା ସରକାର ସହ ସମ୍ପର୍କକୁ ନେଇ ଅନେକ ଦେଶ ଚିନ୍ତା ପ୍ରକଟ କରିଛନ୍ତି ଓ କରୁଛନ୍ତି ମଧ୍ୟ। ଯଦି ଏଭଳି କମ୍ପାନୀମାନଙ୍କୁ ବିଦ୍ୟୁତ୍ ଗ୍ରୀଡ଼, ଦୂରସଞ୍ଚାର ନେଟୱାର୍କ, ରେଳବାଇ, ବନ୍ଦର ଏବଂ ଡିଜିଟାଲ ଅବସଂରଚନା ଭଳି ଅତ୍ୟନ୍ତ ସମ୍ବେଦନଶୀଳ କ୍ଷେତ୍ରରେ କାର୍ଯ୍ୟ କରିବାର ସୁଯୋଗ ଦିଆଯାଏ ତେବେ ଡ଼ାଟା ସଂଗ୍ରହ, ସାଇବର ନିୟନ୍ତ୍ରଣ, ସମ୍ଭାବିତ ବ୍ୟାକଡ଼ୋର ଏବଂ ଲଜିଷ୍ଟିକ୍ ନିୟନ୍ତ୍ରଣକୁ ନେଇ ଅବ୍ୟବସ୍ଥା ଦେଖାଯିବ। ଏପରିକି ଏସବୁ କ୍ଷେତ୍ର ଭାରତ ସରକାରଙ୍କ ନିୟନ୍ତ୍ରଣ ବାହାରକୁ ଚାଲିଯିବାର ଅଧିକ ସମ୍ଭାବନା ମଧ୍ୟ ରହିଛି।

ଏବେ ଯୁଦ୍ଧ କେବଳ ସୀମାରେ ନୁହେଁ, ବରଂ ଡ଼ାଟା, ଡିଜିଟାଲ ନେଟୱାର୍କ ଏବଂ ଗୁରୁତ୍ୱପୂର୍ଣ୍ଣ ଅବସଂରଚନାକୁ ନେଇ ଲଢ଼ାଯାଉଛି। ଏଭଳି ସ୍ଥିତିରେ ପ୍ରଶ୍ନ ଉଠିବା ସ୍ୱାଭାବିକ୍ ଯେ ଔପଚାରିକ ସୁରକ୍ଷା ଯାଞ୍ଚ ଏବଂ କାଗଜ କଲମର ମଞ୍ଜୁରୀ ଏହିସବୁ ଅଦୃଶ୍ୟ ବିପଦରୁ ଦେଶକୁ ରକ୍ଷା କରି ପାରିବ ? ଭାରତ ସରକାରଙ୍କ ଏହି ନିଷ୍ପତ୍ତି ଭବିଷ୍ୟତରେ ରାଷ୍ଟ୍ରୀୟ ସୁରକ୍ଷା ପାଇଁ ବିପଦ ସୃଷ୍ଟି କରିବ ନାହିଁ ତ ? ବିଡ଼ମ୍ବନା ହେଉଛି ସାରା ବିଶ୍ୱ ଯେତେବେଳେ ଆର୍ଥିକ ସନ୍ତୁଳନର ନୂଆ ଦିଗରେ ଗତି କରୁଛି ସେତେବେଳେ ଭାରତ ଏକ ଭିନ୍ନ ଦ୍ୱନ୍ଦ୍ୱକୁ ଆପଣେଇବାରେ ଲାଗିଛି। ଏବେ ସାରା ବିଶ୍ୱ ଚୀନ ପ୍ଲସ ୱାନ ରଣନୀତି ଆପଣେଇବାରେ ଲାଗିଛି ଓ ଆମଦାନି ପାଇଁ ଚୀନ ଉପରେ ନିର୍ଭରତା କମ୍ କରି ଭାରତ ଭଳି ଦେଶ ସହ ସମ୍ପର୍କ ବୃଦ୍ଧି ଉଦ୍ୟମ କରୁଛି। ଇତିହାସ ସେଇ ଦେଶ ମାନଙ୍କୁ ସମ୍ମାନ ଦେଇଥାଏ ଯେଉଁମାନେ କ୍ଷଣିକ ଲାଭ ନୁହେଁ ବରଂ ଦୂର ଦୃଷ୍ଟିରେ ନିଜର ଭବିଷ୍ୟତ ନିର୍ଣ୍ଣୟ କରିଥାନ୍ତି।

ରାମଚନ୍ଦ୍ରପୁର, ରଣପୁର, ମୋ:୯୪୩୮୪୮୫୦୯୪

# ଆତ୍ମାର ଚିରନ୍ତନ ବନ୍ଧନ

### ବିଷ୍ଣୁ ପ୍ରସାଦ ଦାସ

> ଦୁଇଟି ପକ୍ଷୀ ଦେଖାଇଦେଲେ ଯେ, ପ୍ରେମ ହେଉଛି ତ୍ୟାଗ, ବିଶ୍ୱାସ ଓ ସମର୍ପଣର ଅନ୍ୟ ନାମ। ଅନ୍ୟକୁ ପ୍ରତାରଣା କରି ନିଜର ସ୍ୱାର୍ଥ ହାସଲ କରୁଥିବା ବ୍ୟକ୍ତି ଈଶ୍ୱରଙ୍କ ଦରବାରରେ ନିଶ୍ଚିତ ଦଣ୍ଡ ପାଇବେ। ପ୍ରେମ ହିଁ ସତ୍ୟ, ପ୍ରେମ ହିଁ ଶିବ, ପ୍ରେମ ହିଁ ସୁନ୍ଦର। ହଜାର ହଜାର କିଲୋମିଟର ପଥ ଅତିକ୍ରମ କରି କେବଳ ସାଥୀର ସ୍ନେହ ପାଇଁ ଫେରି ଆସୁଥିବା ସେହି ପକ୍ଷୀ ଯୁଗଳଙ୍କ ଠାରୁ ଆଜିର ସ୍ୱାର୍ଥପର ମଣିଷ ସମାଜର ବହୁତ କିଛି ଶିଖିବାର ଅଛି। ସମ୍ପର୍କ କେବଳ ଶାରୀରିକ ବା ସ୍ୱାର୍ଥର ଆଧାର ନୁହେଁ, ଏହା ଦୁଇଟି ଆତ୍ମାର ଚିରନ୍ତନ ବନ୍ଧନ। କେବଳ ଉପଭୋଗ ପାଇଁ ନୁହେଁ, ବରଂ ନିଜର କର୍ତ୍ତବ୍ୟ, ଦାୟିତ୍ୱ ଏବଂ ପରିବାର ପ୍ରତି ସ୍ନେହରେ ହିଁ ଏହାର ପ୍ରକୃତ ସାର୍ଥକତା ରହିଛି। ପ୍ରକୃତି ସର୍ବଦା ମଣିଷକୁ ନିସ୍ୱାର୍ଥପର ହେବାକୁ ଶିଖାଏ, କିନ୍ତୁ ମଣିଷ ନିଜ ସ୍ୱାର୍ଥ ଆଗରେ ଅନ୍ଧ ହୋଇଯାଏ ।

ଆଜିର ସମୟରେ ଖବରକାଗଜର ପୃଷ୍ଠା ହେଉ କିମ୍ବା ଟିଭି ପରଦା, ସବୁଠି ପ୍ରେମ, ପ୍ରତାରଣା ଓ ହତ୍ୟାର କରୁଣ ଚିତ୍ର ଦେଖିବାକୁ ମିଳୁଛି। ଆଧୁନିକ ମଣିଷ ନିଜର ସ୍ୱାର୍ଥ ଓ ଅଭିଳାଷ ପୂରଣ ପାଇଁ ପ୍ରେମ ଭଳି ଏକ ପବିତ୍ର ସମ୍ପର୍କକୁ ଅସ୍ତ୍ର କରୁଛି ଏବଂ ଶେଷରେ ସେହି ସ୍ୱାର୍ଥ ହାସଲ ପରେ ପ୍ରତାରଣା ଓ ହତ୍ୟା ଭଳି ଅମାନବୀୟ କାଣ୍ଡ ଘଟାଇବାକୁ ପଛାଉ ନାହିଁ। ଉନ୍ନତ ମସ୍ତିଷ୍କର ଅଧିକାରୀ କୁହାଯାଉଥିବା ମଣିଷ ଆଜି ନିଜ ଆଚରଣରେ ପଶୁଠାରୁ ବି ହୀନ ହୋଇ ଯାଉଥିବା ବେଳେ, ପଶୁପକ୍ଷୀଙ୍କ ଦୁନିଆରେ ଦୟା, କ୍ଷମା ଓ ନିଷ୍ପାପର ପ୍ରେମର ଅନେକ ଅପୂର୍ବ ଉଦାହରଣ ଦେଖିବାକୁ ମିଳୁଛି। ଅତୀତର ସେହି କାମନା-ବାସନା ରହିତ ପବିତ୍ର ପ୍ରେମ ଗନ୍ଧ ଆଜି ମାନବ ସମାଜରେ ବିରଳ ହୋଇପଡ଼ିଛି। ଏହି ପରିପ୍ରେକ୍ଷୀରେ, ଦୁଇଟି ପକ୍ଷୀଙ୍କର ଏକ ସତ୍ୟ ଓ କାଳଜୟୀ ପ୍ରେମ କାହାଣୀ ମଣିଷ ସମାଜକୁ ଆଇନା ଦେଖାଇବା ପାଇଁ ଯଥେଷ୍ଟ।

୧୯୯୩ ମସିହାର କଥା। ଦକ୍ଷିଣ-ପୂର୍ବ ୟୁରୋପର କ୍ରୋଏସିଆ ଦେଶର ଏକ ଛୋଟ ଗାଁ "ବ୍ରଡସ୍କି'ରେ ରହୁଥିଲେ ଷ୍ଟିପାନ୍ ଭୋକିକ୍, ଯିଏ ଜଣେ ସ୍କୁଲ୍ କର୍ମଚାରୀ ଥିଲେ। ଦିନେ ମାଛ ଧରିବା ସମୟରେ ତାଙ୍କୁ ଜଣେ ନିଷ୍ଠୁର ଶିକାରୀର ଗୁଳିରେ ଆହତ ହୋଇଥିବା ଏକ ମାଈ ସାରସ ପକ୍ଷୀ ମିଳିଲା। ଗୁଳି ବାଜି ତାର ଡେଣାର ହାଡ଼ ଭାଙ୍ଗି ଯାଇଥିଲା। ଷ୍ଟିପାନ୍ ତା'ପ୍ରତି ଦୟାର୍ଦ୍ର ହୋଇ ନିଜ ଘରକୁ ଆଣିଲେ ଏବଂ ଅତ୍ୟନ୍ତ ସ୍ନେହର ସହ ତାର ସେବା ଶୁଶ୍ରୂଷା କଲେ। ସେ ସୁସ୍ଥ ତ ହେଲା, କିନ୍ତୁ ତାର ଉଡ଼ିବାର ଶକ୍ତି ଚିରଦିନ ପାଇଁ ଚାଲିଗଲା। ଷ୍ଟିପାନ୍ ତାକୁ ନିଜ ଝିଅ ଭଳି ସ୍ନେହ କଲେ ଏବଂ ଆଦରରେ ତାର ନାମ ରଖିଲେ 'ମାଲେନା'। ସେ ମାଲେନା ପାଇଁ ନିଜ ଘର ଛାତ ଉପରେ ଏକ ସୁନ୍ଦର ବସା ତିଆରି କରିଦେଲେ। ଦୁହିଁଙ୍କ ଭିତରେ ଏଭଳି ଏକ ଅନାବିଳ ଆତ୍ମୀୟତା ଗଢ଼ିଉଠିଲା ଯେ ସେମାନେ ପରସ୍ପରକୁ ଛାଡ଼ି ମୁହୂର୍ତ୍ତେ ବି ରହିପାରୁ ନଥିଲେ। ଦିନସାରା ମାଲେନା ଛାତ ଉପର ବସାରେ ରହୁଥିବା ବେଳେ ରାତିରେ ଷ୍ଟିପାନ୍‌ଙ୍କ ସହ ଘର ଭିତରେ ଶୋଉଥିଲା।



ସମୟର ଚକ୍ର ଖୁବ୍ ଶୀଘ୍ର ଘୂରିଗଲା ଏବଂ ମାଲେନା ଏକ ସୁନ୍ଦର ପୂର୍ଣ୍ଣାଙ୍ଗ ପକ୍ଷୀରେ ପରିଣତ ହେଲା । ୨୦୦୧ ମସିହାରେ ବସନ୍ତ ଋତୁର ଏକ ମଧୁର ସକାଳେ ଷ୍ଟିପାନ୍ ଦେଖିଲେ ଯେ, ଏକ ଅଣ୍ଡିରା ସାରସ ପକ୍ଷୀ ଆସି ମାଲେନା ପାଖରେ ବସିଛି। ଦୁହେଁ ନିଜ ଭାଷାରେ ମନର କଥା ହେଉଛନ୍ତି ଏବଂ ପ୍ରେମରେ ଥଣ୍ଟକୁ ଥଣ୍ଟ ଘଷୁଛନ୍ତି। ଷ୍ଟିପାନ୍ ଏହା ଦେଖି ଆନନ୍ଦିତ ହେଲେ ଏବଂ ସେହି ଅଣ୍ଡିରା ପକ୍ଷୀର ନାମ ରଖିଲେ 'କ୍ଲେପେଟାନ୍'। କ୍ଲେପେଟାନ୍ ମାଲେନା ପାଇଁ ନଦୀରୁ ମାଛ ଧରି ଆଣୁଥିଲା, ସର୍ବଦା ତାର ଛାୟା ଭଳି ପାଖେ ପାଖେ ରହୁଥିଲା। ପ୍ରକୃତିର ନିୟମ ଅନୁଯାୟୀ ସେମାନଙ୍କର ମିଳନ ହେଲା ଏବଂ ସେମାନଙ୍କ ସଂସାର ବେଶ୍ ହସଖୁସିରେ ଚାଲିଲା।

କିନ୍ତୁ ସୁଖର ଦିନ ସର୍ବଦା ରହେନାହିଁ। ଶୀତ ଋତୁ ଆସିବା ପୂର୍ବରୁ ଦିନେ ହଠାତ୍ କ୍ଲେପେଟାନ୍ ମାଲେନାକୁ ଛାଡ଼ି କେଉଁଆଡ଼େ ଚାଲିଗଲା। ସାଥୀର ବିରହରେ ମାଲେନା ସମ୍ପୂର୍ଣ୍ଣ ଭାଙ୍ଗିପଡ଼ିଲା, ଖିଆପିଆ ଛାଡ଼ିଦେଲା। ଷ୍ଟିପାନ୍ ଏହା ଦେଖି ଚିନ୍ତିତ ହେଲେ ଏବଂ ପ୍ରଥମେ କ୍ଲେପେଟାନ୍‌କୁ ଜଣେ ପ୍ରତାରକ ଭାବି ନିନ୍ଦା କଲେ। କିନ୍ତୁ ସମୟ ବଦଳିବା ସହ ମାଲେନା ନିଜକୁ ସମ୍ଭାଳି ନେଲା।ଧୀରେ ଧୀରେ ମାସ ଓ ବର୍ଷ ବିତିଗଲା। ଠିକ୍ ପରବର୍ତ୍ତୀ ବସନ୍ତରେ ଆଶ୍ଚର୍ଯ୍ୟଜନକ ଭାବେ କ୍ଲେପେଟାନ୍ ପୁଣି ମାଲେନା ପାଖକୁ ଫେରିଆସିଲା। ମାଲେନାର ଖୁସି କହିଲେ ନ ସରେ, ଦୁହେଁ ଆନନ୍ଦରେ ନାଚି ଉଠିଲେ। ଏହିପରି ପ୍ରତିବର୍ଷ ହେବାକୁ ଲାଗିଲା— ଶୀତରେ କ୍ଲେପେଟାନ୍ ଚାଲିଯାଏ ଏବଂ ବସନ୍ତରେ ପୁଣି ଫେରିଆସେ। ଷ୍ଟିପାନ୍ ଏହାର କାରଣ ଖୋଜିବା ପରେ ଏକ ବିସ୍ମୟକର ସତ୍ୟ ସାମ୍ନାକୁ ଆସିଲା।

ପ୍ରତିବର୍ଷ ଶୀତ ଦିନେ ସାରସ ପକ୍ଷୀମାନେ ୟୁରୋପରୁ ହଜାର ହଜାର କିଲୋମିଟର ଦୂର ସୁଦୂର ଦକ୍ଷିଣ ଆଫ୍ରିକାର କେପ୍ ଟାଉନ୍‌କୁ ଦେଶାନ୍ତର ଗମନ କରନ୍ତି। ମାଲେନା ଅକ୍ଷମ ଥିବାରୁ ସେ ଉଡ଼ିପାରୁ ନଥିଲା, କିନ୍ତୁ କ୍ଲେପେଟାନ୍ ନିଜ ସାଥୀର ପ୍ରେମ ପାଇଁ ପ୍ରତିବର୍ଷ ପ୍ରାୟ ୧୩,୦୦୦ କିଲୋମିଟରର ବିପଜ୍ଜନକ ଆକାଶ ପଥ ଅତିକ୍ରମ କରି କେବଳ ତା ପାଖକୁ ଫେରିଆସୁଥିଲା। ଏହି ଅପୂର୍ବ ପ୍ରେମ କାହାଣୀ ସାରା ବିଶ୍ୱରେ ଚର୍ଚ୍ଚାର ବିଷୟ ପାଲଟିଗଲା।

ଦୀର୍ଘ ୧୬ ବର୍ଷ ଧରି ଏହି ମଧୁର ସମ୍ପର୍କ ଚାଲିବା ପରେ, ୨୦୧୭ ମସିହାରେ କ୍ଲେପେଟାନ୍ ନିର୍ଦ୍ଦିଷ୍ଟ ସମୟରେ ଫେରିଲା ନାହିଁ। ମାଲେନା ଆକାଶକୁ ଚାହିଁ ରହି ବିକଳ ଡାକ ଦେଉଥିଲା। ଅନାବିଳ ପ୍ରେମର ବନ୍ଧନରେ ବାନ୍ଧି ହୋଇଥିବା ପ୍ରେମୀ ଯୁଗଳ ଅଲଗା ହୋଇ ରହିବା ଖୁବ୍ କଷ୍ଟ ଦାୟକ । ଷ୍ଟିପାନ୍ ମାଲେନା ସାରା ଦେଶରେ ଚର୍ଚ୍ଚାର ବିଷୟ ପାଲଟି ଯାଇଛନ୍ତି । ଋତୁ ବଦଳିଛି ଦଳ ଦଳ ବିଦେଶାଗତ ପକ୍ଷୀ କେଚେରେ ମେଚେର ଶବ୍ଦ କରି ଆକାଶ ଦେଇ ଉଡ଼ି ଯାଉଛନ୍ତି... ମାଲେନା ଷ୍ଟିପାନ୍‌ଙ୍କ ଛାତ ଉପରେ ବସି ଅପଲକ ନୟନରେ କ୍ଲେପେଟାନ୍‌କୁ ଖୋଜି ଚାଲିଛି । ଷ୍ଟିପାନ୍ ଅନୁସନ୍ଧାନରୁ ଜାଣିବାକୁ ପାଇଲେ ଯେ ଲେବନାନ ଓ ଲିବିଆ ଭଳି ଦେଶ ଉପର ଦେଇ ପକ୍ଷୀମାନେ ଉଡ଼ିଯିବା ବେଳେ ଶିକାରୀମାନେ ଅବୈଧ ଭାବେ ସେମାନଙ୍କୁ ଶିକାର କରୁଛନ୍ତି। ମାଲେନାର ଦୁଃଖ ଦେଖି ନ ପାରି ଷ୍ଟିପାନ୍ ମାଲେନାର ଗୋଟିଏ ଝଡ଼ି ପଡ଼ିଥିବା ପରକୁ କଲମ କରି ଲେବନନର ସରକାରଙ୍କୁ ଏକ ଅତ୍ୟନ୍ତ ଭାବପ୍ରବଣ ଚିଠି ଲେଖିଲେ। ସେଥିରେ ସେ ଏହି ଦୁଇ ପକ୍ଷୀଙ୍କ ପ୍ରେମ କାହାଣୀ ବର୍ଣ୍ଣନା କରି ପକ୍ଷୀ ଶିକାର ରୋକିବାକୁ ଅନୁରୋଧ କରିଥିଲେ। ଏହି ଚିଠି ବିଶ୍ୱବ୍ୟାପୀ ପକ୍ଷୀ ପ୍ରେମୀଙ୍କ ଉପରେ ଘୋର ରେଖାପାତ କରିଥିଲା ଏବଂ ସେହି ଦେଶରେ ବିଦେଶୀ ପକ୍ଷୀ ଶିକାର ଉପରେ କଡ଼ା କଟକଣା ଲଗାଗଲା। କିଛି ଦିନର ବିଳମ୍ବ ପରେ, ମୃତ୍ୟୁମୁଖରୁ ଉଦ୍ଧାର ପାଇ କ୍ଲେପେଟାନ୍ ପୁଣି ତାର ପ୍ରିୟତମା ମାଲେନା ପାଖକୁ ଫେରିଆସିଲା।

ବର୍ଷ ବର୍ଷ ଧରି ଏହି ଦୁଇ ପ୍ରେମୀ ପକ୍ଷୀ ଅନେକ ଶାବକଙ୍କୁ ଜନ୍ମ ଦେଇ ସେମାନଙ୍କୁ ଉଡ଼ିବା ଶିଖାଇଲେ। ସେହି ଶାବକମାନେ କ୍ଲେପେଟାନ୍ ସହ ଦକ୍ଷିଣ ଆଫ୍ରିକା ଉଡ଼ିଯାଉଥିଲେ ମଧ୍ୟ ମାଲେନା ନିଜ କର୍ତ୍ତବ୍ୟ କରି ଚାଲିଥିଲା । କିନ୍ତୁ ଜୀବନର ଚିରନ୍ତନ ସତ୍ୟ ମୃତ୍ୟୁକୁ କେହି ଏଡ଼ାଇ ପାରିବେ ନାହିଁ। ବୟସାଧିକ୍ୟ କାରଣରୁ ଅସୁସ୍ଥ ହୋଇ ମାଲେନା ୦୭ ଜୁଲାଇ ୨୦୨୧ରେ ଚିରଦିନ ପାଇଁ ଆଖି ବୁଜିଲା। ତାର ମୃତ୍ୟୁ ସହ ଏକ ଐତିହାସିକ ପ୍ରେମ କାହାଣୀର ଅନ୍ତ ଘଟିଲା, ଯାହା ସାରା ପୃଥିବୀକୁ ପ୍ରେମର ପ୍ରକୃତ ସଂଜ୍ଞା ବୁଝାଇ ଦେଇଗଲା।

ଆଜିର ଆଧୁନିକ ମନୁଷ୍ୟମାନଙ୍କୁ ଏକ ବଡ଼ ପ୍ରଶ୍ନ— ଆମେ ଆଜି କେଉଁଠି ପହଞ୍ଚିଛୁ ? ଯେଉଁଠି ମଣିଷ ଭିତରୁ ସ୍ନେହ, ଦୟା, ନିଷ୍ଠା ଓ ସହାନୁଭୂତି ଉଭେଇ ଯାଇଛି। ସେ କେବଳ କାମନା, ଲୋଭ ଓ କପଟତାର ବଶବର୍ତ୍ତୀ ହୋଇଛି । ଦୁଇଟି ପକ୍ଷୀ ଦେଖାଇଦେଲେ ଯେ, ପ୍ରେମ ହେଉଛି ତ୍ୟାଗ, ବିଶ୍ୱାସ ଓ ସମର୍ପଣର ଅନ୍ୟ ନାମ। ଅନ୍ୟକୁ ପ୍ରତାରଣା କରି ନିଜର ସ୍ୱାର୍ଥ ହାସଲ କରୁଥିବା ବ୍ୟକ୍ତି ଈଶ୍ୱରଙ୍କ ଦରବାରରେ ନିଶ୍ଚିତ ଦଣ୍ଡ ପାଇବେ। ପ୍ରେମ ହିଁ ସତ୍ୟ, ପ୍ରେମ ହିଁ ଶିବ, ପ୍ରେମ ହିଁ ସୁନ୍ଦର। ହଜାର ହଜାର କିଲୋମିଟର ପଥ ଅତିକ୍ରମ କରି କେବଳ ସାଥୀର ସ୍ନେହ ପାଇଁ ଫେରି ଆସୁଥିବା ସେହି ପକ୍ଷୀ ଯୁଗଳଙ୍କ ଠାରୁ ଆଜିର ସ୍ୱାର୍ଥପର ମଣିଷ ସମାଜର ବହୁତ କିଛି ଶିଖିବାର ଅଛି। ସମ୍ପର୍କ କେବଳ ଶାରୀରିକ ବା ସ୍ୱାର୍ଥର ଆଧାର ନୁହେଁ, ଏହା ଦୁଇଟି ଆତ୍ମାର ଚିରନ୍ତନ ବନ୍ଧନ। କେବଳ ଉପଭୋଗ ପାଇଁ ନୁହେଁ, ବରଂ ନିଜର କର୍ତ୍ତବ୍ୟ, ଦାୟିତ୍ୱ ଏବଂ ପରିବାର ପ୍ରତି ସ୍ନେହରେ ହିଁ ଏହାର ପ୍ରକୃତ ସାର୍ଥକତା ରହିଛି। ପ୍ରକୃତି ସର୍ବଦା ମଣିଷକୁ ନିସ୍ୱାର୍ଥପର ହେବାକୁ ଶିଖାଏ, କିନ୍ତୁ ମଣିଷ ନିଜ ସ୍ୱାର୍ଥ ଆଗରେ ଅନ୍ଧ ହୋଇଯାଏ ।

କଟକ ୭୫୩୦୦୯
ମୋ: ୯୯୩୭୧୭୪୦୯୭

# ଇଥାନଲ ମିଶା ପେଟ୍ରୋଲ ବଜାର ଓ ଏହାର କରାମତି

### ସୁବାସ ଷଡ଼ଙ୍ଗୀ

> ପେଟ୍ରୋଲରେ ଇଥାନଲ ମିଶ୍ରଣକୁ ନେଇ କିଛିଟା ମୌଳିକ ପ୍ରଶ୍ନ ଲୋକମାନଙ୍କ ମନରେ ଦେଖାଦେଇଛି। ଆମଦାନି ହେଉଥିବା ଅପରିଶୋଧିତ ତେଲ ଉପରୁ ଚାପ କମାଇବା ପାଇଁ ପେଟ୍ରୋଲରେ ଇଥାନଲ ମିଶାଯାଉଛି। ଏହା ସହିତ ରହିଛି ଚାଷୀମାନଙ୍କ ସ୍ୱାର୍ଥ। ସେମାନଙ୍କ ଆୟ ବଢାଇବା କଥାଟି ଏଥିସହିତ ଜଡିତ। ଏହାସହିତ ପରିବେଶ କଥା ମଧ୍ୟ ଚିନ୍ତା କରାଯାଉଛି। କାର୍ବନ ଗ୍ୟାସ ଯେପରି ଅଧିକ ନିର୍ଗତ ନ ହେବ, ସେଥିପାଇଁ ସରକାର ଚେଷ୍ଟା କରୁଛନ୍ତି। ଏହି ସବୁ କଥା ଦୃଷ୍ଟିରେ ରଖି ପେଟ୍ରୋଲରେ ଇଥାନଲ ମିଶେଇବାକୁ ଅନୁମତି ଦିଆଯାଇଛି। ପ୍ରଥମେ ଦଶ ଭାଗ ଓ ଏବେ କୋଡିଏ ଭାଗ ଏବଂ ଶେଷରେ ପଚିଶ ଭାଗ ଇଥାନଲ ମିଶାଇବା କଥା ସରକାର ଚିନ୍ତା କରୁଛନ୍ତି।

ସବୁ ଜିନିଷରେ କିଛି ନା କିଛି ମିଶୁଛି। କିନ୍ତୁ ଆମେ ଗାଡି ମଟରରେ ଜାଳେଣି ଭାବେ ବ୍ୟବହାର କରୁଥିବା ପେଟ୍ରୋଲ ପୂରା ପିଓର ଥିଲା। ଏବେ କିନ୍ତୁ ଏଥିରେ ଇଥାନଲ ମିଶୁଛି। ଆଗରୁ ଶତକଡା ଦଶ ଭାଗ ମିଶୁଥିବା ବେଳେ ଏବେ ଶତକଡା କୋଡିଏ ଭାଗ ମିଶିବ ବୋଲି କୁହାଯାଇଛି। ଯାହାକୁ ନେଇ ଲୋକମାନଙ୍କ ମଧ୍ୟରେ ସନ୍ଦେହ ଦେଖାଦେଇଛି। ଏହାକୁ ବିରୋଧ କରି ସାରା ଭାରତରେ ପ୍ରତିବାଦ ଦେଖାଦେଇଛି। କୋଡିଏ ଭାଗ ଇଥାନଲ ମିଶିବା ପରେ ଗାଡିର ମାଇଲେଜ କମୁଛି ବୋଲି ଗାଡି ମାଲିକମାନେ ଅଭିଯୋଗ କରୁଛନ୍ତି। ଗାଡିର ଇଂଜିନ ଯନ୍ତ୍ରାଂଶ ମଧ୍ୟ ଖରାପ ହୋଇଯାଉଛି ବୋଲି କେହି କେହି କହୁଛନ୍ତି। ଫଳରେ ଦିଲ୍ଲୀର ଯନ୍ତରମନ୍ତର ଠାରେ ଏକ ପ୍ରତିବାଦ ସଭା ହୋଇଥିଲା। ଗାଡି ମାଲିକଙ୍କ ଅଭିଯୋଗ ସମ୍ପର୍କରେ ଗାଡି ନିର୍ମାତାମାନେ ସିଧାସଳଖ କିଛି କହୁ ନାହାନ୍ତି। ତେବେ ମାଇଲେଜ କମୁଛି ବୋଲି ସ୍ୱୀକାର କରାଯାଇଛି। ଆମ ଆଦମୀ ଦଳ ପକ୍ଷରୁ ଏହାକୁ 'ବିଜେପି ପେଟ୍ରୋଲ ପମ୍ପ' କୁହାଯାଇ ବିଦ୍ରୂପ କରାଯାଇଛି। ଲୋକଙ୍କ ଅଭିଯୋଗ ହେଲା ପେଟ୍ରୋଲର ପୂରାଦାମ ସରକାର ନେଉଥିଲାବେଳେ ଇଥାନଲ ମିଶା ପେଟ୍ରୋଲ ସରକାର ଲୋକଙ୍କୁ ଦେଇ ଠକୁଛନ୍ତି। ଗାଡି ନିର୍ମାତାମାନେ ମାଇଲେଜ କମୁଥିବା କଥା ସ୍ୱୀକାର କରୁଥିଲେ ମଧ୍ୟ ଗାଡ଼ିର ଯନ୍ତ୍ରାଂଶ ଖରାପ ହେବା କଥାକୁ ମାନୁ ନାହାନ୍ତି। ସବୁଠାରୁ ବଡ କଥା ହେଲା ଲୋକମାନଙ୍କର ଏଭଳି ଆଶଙ୍କା ସମ୍ପର୍କରେ କୌଣସି ପ୍ରଯୁକ୍ତିଗତ ତଥ୍ୟ ଏଯାବତ୍ ମିଳିପାରି ନାହିଁ।

ପେଟ୍ରୋଲରେ ଇଥାନଲ ମିଶ୍ରଣକୁ ନେଇ କିଛିଟା ମୌଳିକ ପ୍ରଶ୍ନ ଲୋକମାନଙ୍କ ମନରେ ଦେଖାଦେଇଛି। ଆମଦାନି ହେଉଥିବା ଅପରିଶୋଧିତ ତେଲ ଉପରୁ ଚାପ କମାଇବା ପାଇଁ ପେଟ୍ରୋଲରେ ଇଥାନଲ ମିଶାଯାଉଛି। ଏହା ସହିତ ରହିଛି ଚାଷୀମାନଙ୍କ ସ୍ୱାର୍ଥ। ସେମାନଙ୍କ ଆୟ ବଢାଇବା କଥାଟି ଏଥିସହିତ ଜଡିତ। ଏହାସହିତ ପରିବେଶ କଥା ମଧ୍ୟ ଚିନ୍ତା କରାଯାଉଛି। କାର୍ବନ ଗ୍ୟାସ ଯେପରି ଅଧିକ ନିର୍ଗତ ନ ହେବ, ସେଥିପାଇଁ ସରକାର ଚେଷ୍ଟା କରୁଛନ୍ତି। ଏହି ସବୁ କଥା ଦୃଷ୍ଟିରେ ରଖି ପେଟ୍ରୋଲରେ ଇଥାନଲ ମିଶେଇବାକୁ ଅନୁମତି ଦିଆଯାଇଛି। ପ୍ରଥମେ ଦଶ ଭାଗ ଓ ଏବେ କୋଡିଏ ଭାଗ ଏବଂ ଶେଷରେ ପଚିଶ ଭାଗ ଇଥାନଲ ମିଶାଇବା କଥା ସରକାର ଚିନ୍ତା କରୁଛନ୍ତି।

ପ୍ରଥମ କଥାଟି ହେଲା ଟ୍ରୋଲରେ ଏ ଯେ ଇଥାନଲ ମିଶୁଛି, ସେଥିପାଇଁ ଗାଡି ନିର୍ମାତା, ଗାଡି ଚାଳକ, ଦେଶ, ବଜାର ଏବଂ ଉପଭୋକ୍ତା ପ୍ରସ୍ତୁତ କି ?

ବିଭିନ୍ନ ରକମର ସ୍ୱାର୍ଥ ଏଥି ସହିତ ରହିଛି। ଯେଉଁସବୁ ଅଭିଯୋଗ ଗାଡି ମାଲିକମାନେ କରିଛନ୍ତି, ତାର କୌଣସି ସନ୍ତୋଷଜନକ ଉତ୍ତର ସରକାରଙ୍କ ପାଖରେ ନାହିଁ। ଇଥାନଲ ଅଧିକ ପରିମାଣରେ ମିଶିଲେ ଗାଡିର ରକ୍ଷଣାବେକ୍ଷଣ ଖର୍ଚ୍ଚ ଅଧିକ ବଢିଯିବ। ଇଥାନଲର ଶକ୍ତି ପେଟ୍ରୋଲ ତୁଳନାରେ କମ। ଏଣୁ ମାଇଲେଜ କମିବା ସ୍ୱାଭାବିକ। ଏବେର ଗାଡି ଇଞ୍ଜିନଗୁଡିକ ଇଥାନଲ ମିଶ୍ରଣ ପେଟ୍ରୋଲ ପାଇଁ ଉପଯୁକ୍ତ କି ନା, ସେ ନେଇ ଲୋକଙ୍କ ମନରେ ସନ୍ଦେହ। ଯଦି ନୂଆଗାଡିଗୁଡିକର ଇଞ୍ଜିନ ଇଥାନଲ ମିଶ୍ରଣ ପାଇଁ ଉପଯୁକ୍ତ ଭାବେ ତିଆରି ହୋଇଛି, ତେବେ ପୁରୁଣା ଗାଡି ଗୁଡିକ କଣ ହେବ ? କୁହାଯାଉଛି, ପୁରୁଣାଗାଡ଼ିଗୁଡିକର ଇଞ୍ଜିନ ଇଥାନଲ ମିଶ୍ରଣ ପାଇଁ ଉପଯୁକ୍ତ ନୁହେଁ। ଇଥାନଲର ରାସାୟନିକ ପ୍ରତିକ୍ରିୟା ଯୋଗ ଗାଡିର ରବର, ପ୍ଲାଷ୍ଟିକ ଓ ଧାତବ ଖଣ୍ଡ ନଷ୍ଟ ହେଉଛି ବୋଲି ଅନେକଙ୍କ ଅଭିଯୋଗ। ସରକାର ଯଦି କେବଳ ପରିବେଶ କଥାକୁ ଚିନ୍ତା କରି ,ଏପରି କରୁଥାନ୍ତି,ତେବେ ତାହାର ମୂଲ୍ୟ ପୁରୁଣା ଗାଡି ମାଲିକ କାହିଁକି ଦେବେ ?

ଏଭଳି ନୀତିର ଆଉ ଏକ ଦିଗ ହେଲା ଇଥାନଲ ବ୍ୟବହାର ଓ କୃଷିକ୍ଷେତ୍ର ଉପରେ ଏହାର ପ୍ରଭାବ। ଭାରତରେ ଇଥାନଲ ସାଧାରଣ ଭାବରେ ଆଖୁ, ଗହମ ଓ ବାର୍ଲି ଗଛରୁ ପ୍ରସ୍ତୁତ ହୋଇଥାଏ। ଆଖୁ ଓ ଗହମ ଚାଷ ପୂରାପୂରି ପାଣି ନିର୍ଭର। ଆମ ଦେଶର ଅନେକ ଅଂଚଳରେ ପାଣିର ଘୋର ଅଭାବ, ଏପରିକି, ପିଇବା ପାଇଁ ମଧ୍ୟ ଯଥେଷ୍ଟ ପାଣି ମିଳୁନାହିଁ।




ଦିନକୁ ଦିନ ଭୂତଳ ଜଳସ୍ତର କମିବାରେ ଲାଗୁଛି। ଚାଷ ପାଇଁ ଯଥେଷ୍ଟ ପାଣି ଯୋଗାଇ ଦିଆଯାଇ ପାରୁ ନାହିଁ। ଏଣୁ ଏପରି ଅବସ୍ଥାରେ ଜାଳେଣି ପାଇଁ ଅଧିକ ଚାଷ କରିବାକୁ ପାଣି ଆସିବ କେଉଁଠୁ ? ସରକାରଙ୍କ ଆଗରେ ଚାଲେଞ୍ଜ ହେଉଛି, ପ୍ରସ୍ତାବିତ ନୀତିର ଉଦ୍ଦେଶ୍ୟ ଓ ବାସ୍ତବ ପ୍ରୟୋଗ ମଧ୍ୟରେ ଭାରସମ୍ୟ ରକ୍ଷା କରିବା। ଦେଶରେ ଚାଲୁଥିବା ଗାଡିଗୁଡିକ ସହଜ ସୁଲଭ ଓ ନିରାପଦ ଜାଳେଣି ଯୋଗାଇଦେବା ହେଉଛି, ସରକାରଙ୍କ କାମ। ଉପଭୋକ୍ତାଙ୍କର ଜାଣିବାର ଅଧିକାର ରହିଛି। ଗାଡି ନିର୍ମାତାମାନେ ମଧ୍ୟ ଏନେଇ ନିଜର ଗ୍ରାହକମାନଙ୍କୁ ସୂଚନା ଦେବା ଦରକାର। ଉଭୟେ ଭଲ ଓ ମନ୍ଦ ବିଷୟରେ ଗାଡିମାଲିକ ଜାଣିବାର ଅଧିକାର ରହିଛି। ଜାଳେଣିର ବିକଳ୍ପ ଭାବରେ ଏବେ ବିଦ୍ୟୁତ ଚାଳିତ ଗାଡି ବଜାରକୁ ଆସଲାଣି। ପ୍ରତ୍ୟେକ ଗାଡି ମାଲିକ ବୁଝିବା ଦରକାର ଯେ ତା ଗାଡିରେ ଯେଉଁ ଜାଳେଣି ବ୍ୟବହୃତ ହେଉଛି, ତାହା ସବୁଠାରୁ ଭଲ। ଦରକାର ପଡିଲେ ପୁରୁଣା ଗାଡିଗୁଡିକୁ କେବଳ ପେଟ୍ରୋଲ ଦେବାର ବ୍ୟବସ୍ଥା କରାଯାଇପାରେ। ଲୋକଙ୍କ ମନରେ ଯେଉଁ ସନ୍ଦେହ ଦେଖାଦେଇଛି, ତାହା ଦୂର ହୋଇପାରିଲେ, ସରକାରଙ୍କ ଉଦ୍ଦେଶ୍ୟ ସଫଳ ହୋଇପାରିବ।

ଭୁବନେଶ୍ୱର
ମୋ-୯୪୩୯୬୫୨୩୨୨

# ଖରା ଦିନେ ଭୁଲିଗଲେ, ବର୍ଷାରେ ଚାଲିଛି ଗାର୍ଡୱାଲ କାର୍ଯ୍ୟ

ପିପିଲି, ୧୬।୭ (ନିପ୍ର); ଖରା ଦିନ ଗଲା କିଛି ମନେ ପଡିଲାନି। ବର୍ଷା ଦିନ ଆରମ୍ଭ ହେବାରୁ ନଦୀ ବନ୍ଧ ସୁରକ୍ଷାର ଦ୍ୱାହି ଦେଇ ସମସ୍ତ ସରକାରୀ ନୀତିନିୟମକୁ ଉଲଙ୍ଘନ କରି ଢୁ ଢୁ ବର୍ଷାରେ ଚାଲିଛି ଭାର୍ଗବୀ ନଦୀ ବନ୍ଧର ଗାର୍ଡ ୱାଲ ନିର୍ମାଣ କାର୍ଯ୍ୟ। ତେବେ ଆଜି ପର୍ଯ୍ୟନ୍ତ ବଳଙ୍ଗା ଜଳ ସମ୍ପଦ ଉପଖଣ୍ଡ ଚେଇଁ ଶୋଇଥିବା ବେଳେ ହଠାତ୍ ବର୍ଷା ଋତୁ ଆସିବାରେ ନିର୍ମାଣ କାର୍ଯ୍ୟ ପାଇଁ ଆଗଭର ହୋଇ ପଡିଲେ ତାହା ତଦନ୍ତ ସାପେକ୍ଷ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ବଳଙ୍ଗା ଜଳ ସମ୍ପଦ ଉପଖଣ୍ଡ ଅଧୀନସ୍ଥ ଭାର୍ଗବୀ ନଦୀ ବନ୍ଧର ଶମ୍ଭୁ ଭାରତୀ ପାଟଣା କେନାଲ ବନ୍ଧ କଲୋନୀଠାରୁ ୩ଶହ ମିଟରରୁ ଊର୍ଦ୍ଧ୍ୱ ଲମ୍ବର ଗାର୍ଡୱାଲ୍ ନିର୍ମାଣ କାର୍ଯ୍ୟ ଚାଲିଛି। ଗତ ବନ୍ୟା ସମୟରେ ଏହି ସ୍ଥାନ ଅତ୍ୟନ୍ତ ସମ୍ବେଦନଶୀଳ ସ୍ଥାନ ଭାବେ ଚିହ୍ନଟ ହୋଇ ନଦୀ ବନ୍ଧର ସୁରକ୍ଷା ପାଇଁ ନଦୀ ବନ୍ଧ ଓ ଚନ୍ଦନପୁର ବ୍ରାଞ୍ଚ କେନାଲର ଧାରେ ଧାରେ ଏହି ଗାର୍ଡୱାଲ୍ ନିର୍ମାଣ କାର୍ଯ୍ୟ ଏବେ ଚାଲିଛି। ଯାହାକି ଅତ୍ୟନ୍ତ ନିମ୍ନମାନର ନେଇ ସାଧାରଣରେ ଅଭିଯୋଗ ହେଉଛି। ଅପରପକ୍ଷେ ଖରାଦିନ ସାରା ଶୋଇରହି ଢୁ ଢୁ ବର୍ଷାରେ ନଦୀ ବନ୍ଧକୁ ଖୋଳି ତାଡି କେମିତି ଏହି କାର୍ଯ୍ୟ ଚାଲିଛି ନେଇ ସାଧାରଣରେ ପ୍ରଶ୍ନ ଉଠୁଛି। ଏପରିକି ଠିକାଦାରଙ୍କ ଦ୍ୱାରା ଏହି ନିର୍ମାଣ କାର୍ଯ୍ୟ ଚାଲିଥିଲା ବେଳେ କାର୍ଯ୍ୟ ତଦାରଖ ପାଇଁ ଜଳ ସମ୍ପଦ ବିଭାଗର କୌଣସି କର୍ମଚାରୀ ଉପସ୍ଥିତ ରହୁନଥିବା ଅଭିଯୋଗ ହେଉଛି। ବିଭାଗୀୟ ଉଚ୍ଚ ପଦସ୍ଥ ଅଧିକାରୀମାନେ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ଶିକ୍ଷୟିତ୍ରୀଙ୍କ ଡେପୁଟେସନ୍ ବାତିଲ ଦାବି ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଦାବିପତ୍ର ପ୍ରଦାନ

ନିରାକାରପୁର, ୧୬।୭ (ନିପ୍ର): ଖୋର୍ଦ୍ଧା ଜିଲ୍ଲା ହଜ ସରକାରୀ ଉଚ୍ଚ ବିଦ୍ୟାଳୟର ସରକାରୀ ଶିକ୍ଷୟିତ୍ରୀ ସସ୍ମିତା ମହାପାତ୍ରଙ୍କ ଡେପୁଟେସନ୍ ବାତିଲ୍ କରିବା ପାଇଁ ଅଞ୍ଚଳବାସୀ ଓ ବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ ଦୃଢ ଦାବି ହୋଇଛି। ଏହି ମର୍ମରେ ହଜ ସରକାରୀ ଉଚ୍ଚ ବିଦ୍ୟାଳୟର ସ୍କୁଲ୍ ମ୍ୟାନେଜମେଣ୍ଟ ଆଣ୍ଡ ଡେଭଲପମେଣ୍ଟ କମିଟି ସଭ୍ୟ/ସଭ୍ୟା, ପରିଚାଳନା ଶିକ୍ଷା ସେତୁର ସଭ୍ୟ/ସଭ୍ୟା ଏବଂ ସ୍ଥାନୀୟ ଗ୍ରାମବାସୀଙ୍କ ତରଫରୁ ଖୋର୍ଦ୍ଧା ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଏକ ଲିଖିତ ଦାବିପତ୍ର ପ୍ରଦାନ କରାଯାଇଛି।ଅଭିଯୋଗ ଅନୁଯାୟୀ, ଉକ୍ତ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷୟିତ୍ରୀ ଶ୍ରୀମତୀ ମହାପାତ୍ରଙ୍କୁ ସରକାରୀ ଉଚ୍ଚ ବିଦ୍ୟାଳୟ, ଛତ୍ରପଡାକୁ ଡେପୁଟେସନରେ ପଠାଯାଇଛି। ତେବେ ବିଦ୍ୟାଳୟରେ ପୂର୍ବରୁ ମଧ୍ୟ ଶିକ୍ଷକ ସମସ୍ୟା ରହିଆସିଛି। ବିଗତ ବର୍ଷମାନଙ୍କରେ ଏହି ସ୍କୁଲରୁ ଜଣେ ଜଣେ ଶିକ୍ଷକଙ୍କୁ ଡେପୁଟେସନରେ ପଠାଯାଇଥିଲେ ହେଁ, ପରବର୍ତ୍ତୀ ସମୟରେ ସେମାନେ ଆଉ ସ୍କୁଲକୁ ଫେରି ନଥିଲେ କିମ୍ବା ସେମାନଙ୍କ ସ୍ଥାନରେ ଅନ୍ୟ କୌଣସି ଶିକ୍ଷକ ଯୋଗ ଦେଇନଥିଲେ।ସାମ୍ପ୍ରତିକ ପରିସ୍ଥିତିରେ, ପୁନର୍ବାର ଏହି ବିଦ୍ୟାଳୟରୁ ଅନ୍ୟ ଜଣେ ଶିକ୍ଷୟିତ୍ରୀଙ୍କୁ ଅନ୍ୟତ୍ର ଡେପୁଟେସନରେ ପଠାଇବା ଦ୍ୱାରା ସ୍କୁଲର ଶିକ୍ଷାଦାନ ବ୍ୟବସ୍ଥା ସମ୍ପୂର୍ଣ୍ଣ ରୂପେ ବ୍ୟାହତ ହେଉଛି ଏବଂ ଛାତ୍ରଛାତ୍ରୀଙ୍କ ପାଠପଢ଼ାରେ ଘୋର ଅସୁବିଧା ସୃଷ୍ଟି ହେଉଛି। ବିଦ୍ୟାଳୟର ପାଠପଢ଼ାକୁ ସୁରୁଖୁରୁରେ ଚଳାଇବା ପାଇଁ ଏହି ଡେପୁଟେସନ୍ ଆଦେଶକୁ ଅତିଶୀଘ୍ର ରଦ୍ଦ ବା ବାତିଲ କରିବାକୁ ଗ୍ରାମବାସୀ ଓ କମିଟି କର୍ମକର୍ତ୍ତାମାନେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ନିକଟରେ ଅନୁରୋଧ କରିଛନ୍ତି।

# ବରିଷ୍ଠ ନାଗରିକ ସଂଘର ସାଧାରଣ ସଭା ଓ ବୃକ୍ଷ ରୋପଣ

କୁଚିଣ୍ଡା, ୧୬।୭ (ନିପ୍ର); ସମ୍ବଲପୁର ଜିଲ୍ଲା କୁଚିଣ୍ଡା ବରିଷ୍ଠ ନାଗରିକ ସଂଘର ଏକ ସାଧାରଣ ସଭା ବୁଧବାର ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ଧୀରେନ୍ଦ୍ର ମହାନ୍ତିଙ୍କ ଅଧକ୍ଷତାରେ ହୋଇଥିବା ସଭାରେ ବରିଷ୍ଠ ସଦସ୍ୟ ଶାନ୍ତନୁ ସାହୁ, ଜୟପ୍ରକାଶ ଗୁପ୍ତା,କିଶୋର ପ୍ରଧାନ, ପ୍ରଫୁଲ୍ଲ ସାହୁ ପ୍ରମୁଖ କେତେକ ବରିଷ୍ଠ ସଦସ୍ୟଙ୍କ ଦୟନୀୟ ସ୍ଥିତି ସମ୍ପର୍କରେ ପ୍ରସ୍ତାବ ଆଗତ କରିଥିଲେ। ସଭାରେ ସର୍ବ ସମ୍ମତିକ୍ରମେ ବରିଷ୍ଠଙ୍କ ସ୍ୱାସ୍ଥ୍ୟ, ଆର୍ଥିକ ସ୍ଥିତି ଓ ପାରିବାରିକ ସମସ୍ୟା ଉପରେ ସଂଘ ପକ୍ଷରୁ ଆବଶ୍ୟକୀୟ ପଦକ୍ଷେପ ନେବାକୁ ମତ ପ୍ରକାଶ ପାଇଥିଲା। ଅନ୍ୟ ପକ୍ଷରେ ଓଡିଶା ସରକାରଙ୍କ ନିୟମ ଅନୁଯାୟୀ ସଂଘର ପଞ୍ଜୀକରଣ କରାଯିବା ସହ ଦୁଇଜଣ ବରିଷ୍ଠ ସଦସ୍ୟ ସ୍ୱର୍ଗତ ଗଗନ ବିହାରୀ ଶର୍ମା ଓ ଲଳିତ ମୋହନ ପଟେଲଙ୍କ ସହଧର୍ମିଣୀଙ୍କୁ ସଂଘର ପ୍ରତିଷ୍ଠା ଦିବସରେ ସମ୍ବର୍ଦ୍ଧିତ କରିବାକୁ ପ୍ରସ୍ତାବ ନିଆଯାଇଥିଲା। ପରେ ସଂଘ କାର୍ଯ୍ୟାଳୟ ପରିସରରେ ଡାଳିମ୍ବ, ଅଁଳା,ପିଜୁଳି ଓ ଅମୃତଭଣ୍ଡା ଚାରା ରୋପଣ କରାଯାଇଥିଲା। ସାଧାରଣ ସମ୍ପାଦକ ଜନ୍ ସାମିଲ ଲାକ୍ରା ବିବରଣୀ ପଠନ କରିଥିବା ବେଳେ ଶେଷରେ ସମ୍ପାଦକ ତୁଳାରାମ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ମେରା ଯୁବ ଭାରତ ଜିଲ୍ଲା ପରାମର୍ଶଦାତା କମିଟି ବୈଠକ

ରାୟଗଡ଼ା, ୧୬।୭ (ନିପ୍ର); ମେରା ଯୁବ ଭାରତ, ରାୟଗଡ଼ ପକ୍ଷରୁ ଜିଲ୍ଲା ପରାମର୍ଶଦାତା କମିଟି ବୈଠକ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ)ନବୀନ ନାୟକଙ୍କ ଅଧକ୍ଷତାରେ ଜିଲ୍ଲାପାଳ କାର୍ଯାଳୟ ସ୍ଥିତ ସଦଭାବନା ଗୃହ ଠାରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ମେରା ଯୁବ ଭାରତର ବିଭିନ୍ନ ଯୁବ ବିକାଶମୂଳକ କାର୍ଯ୍ୟକ୍ରମ ସମ୍ପର୍କରେ ସମ୍ୟକ୍ ଆଲୋଚନା କରାଯାଇଥିଲା। ଏହି ଅବସରରେ ଆଗାମୀ ସ୍ୱତନ୍ତ୍ର ସଚେତନତା ଓ ପଞ୍ଜୀକରଣ ଅଭିଯାନର ପୋଷ୍ଟର ଉନ୍ମୋଚନ କରାଯାଇ ଜିଲ୍ଲାବ୍ୟାପୀ ଯୁବ ସଂଯୋଗ ଅଭିଯାନର ଶୁଭାରମ୍ଭ କରାଯାଇଥିଲା। ବୈଠକରେ 'ଭାରତ ପାଇଁ ସ୍ୱେଚ୍ଛାସେବକ' କାର୍ଯ୍ୟକ୍ରମ, ଅନୁଭୂତିଭିତ୍ତିକ ଶିକ୍ଷଣ କାର୍ଯ୍ୟକ୍ରମ, ଯୁବ ବିନିମୟ କାର୍ଯ୍ୟକ୍ରମ, ବିକଶିତ ସଜୀବ ଗ୍ରାମ କାର୍ଯ୍ୟକ୍ରମ, ବିକଶିତ ଭାରତ ଯୁବ ନେତୃତ୍ୱ ଆଲୋଚନା, ଯୁବ କ୍ଲବ ଗଠନ ଓ କ୍ଲବଗୁଡ଼ିକୁ ଆବଶ୍ୟକ ସହଯୋଗ ପ୍ରଦାନ ଆଦି କାର୍ଯ୍ୟକ୍ରମର ସଫଳ ରୂପାୟନ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ଏହା ସହିତ ଜିଲ୍ଲାସ୍ତରରେ କ୍ରୀଡ଼ା, ସାଂସ୍କୃତିକ, ତଥା ବିଭିନ୍ନ ଦକ୍ଷତା-ଆଧାରିତ ପ୍ରତିଯୋଗିତା ଆୟୋଜନ କରି ପ୍ରତିଭାବାନ ଯୁବକ ଓ ଯୁବତୀମାନଙ୍କୁ ଜାତୀୟ ସ୍ତରର ପ୍ରତିଯୋଗିତା ପାଇଁ ଚୟନ କରିବା ସମ୍ପର୍କରେ ମଧ୍ୟ ଆଲୋଚନା କରାଯାଇଥିଲା। ଅତିରିକ୍ତ ଜିଲ୍ଲାପାଳ ନବୀନ ନାୟକ ଜିଲ୍ଲାରେ ମେରା ଯୁବ ଭାରତରେ ଯୁବକ ଓ ଯୁବତୀଙ୍କ ପଞ୍ଜୀକରଣକୁ ଅଭିଯାନ ଭିତ୍ତିକ (କ୍ୟାମ୍ପେନ୍ ମୋଡ୍) ଭାବେ ତ୍ୱରାନ୍ୱିତ କରିବାକୁ ସମସ୍ତ ସମ୍ପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଜିଲ୍ଲାର ଯୁବକମାନଙ୍କୁ ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମ ସହ ଅଧିକ ସକ୍ରିୟ ଭାବେ ସଂଯୁକ୍ତ କରିବା ପାଇଁ ଏକ ଜିଲ୍ଲା ଯୁବ କମିଟି ଗଠନ କରିବାକୁ ମଧ୍ୟ ପରାମର୍ଶ ଦେଇଥିଲେ। ବୈଠକରେ ଜିଲ୍ଲାର ସମସ୍ତ ଯୁବକ ଓ ଯୁବତୀଙ୍କୁ ମେରା ଯୁବ ଭାରତ ସହ ଯୋଡ଼ି ହୋଇ ରାଷ୍ଟ୍ର ନିର୍ମାଣରେ ସକ୍ରିୟ ସହଭାଗୀ ହେବାକୁ ଆହ୍ୱାନ କରାଯାଇଥିଲା।

# ପାରଳା ବିଧାୟକଙ୍କ ଅଚାନକ ଗସ୍ତ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ଅନୁପସ୍ଥିତ

କାଶୀନଗର, ୧୬।୭ (ନିପ୍ର); କାଶୀନଗର ବ୍ଲକ ଅନ୍ତର୍ଗତ ଖାରଡ଼ା ପଞ୍ଚାୟତ ଅଧୀନରେ ଥିବା ନାଭଡା ପ୍ରାଥମିକ ବିଦ୍ୟାଳୟ ଯେଉଁ ବିଦ୍ୟାଳୟ ରେ ପ୍ରଥମ ଶ୍ରେଣୀ ଠାରୁ ପଞ୍ଚମ ଶ୍ରେଣୀ ଯାଏଁ ପାଠ ପଢା ଯାଉଛି । ଯେଉଁ ଠି ୨୧ ଜଣ ଛାତ୍ରଛାତ୍ରୀଙ୍କୁ ଦୁଇ ଜଣ ଶିକ୍ଷକ ଶିକ୍ଷା ଦାନ କରିଥାନ୍ତି। ଯେ ହେତୁ କୌଣସି ଛୁଟି ଦିନ ମଧ ନ ଥିଲେ ବି କୌଣସି ଛାତ୍ରଛାତ୍ରୀ ବିଦ୍ୟାଳୟରେ ଉପସ୍ଥିତ ନ ଥିବା



ସମସ୍ତଙ୍କୁ ଚକିତ କରିଛି। ହଠାତ ସ୍ଥାନୀୟ ବିଧାୟକ ଇଂ ରୂପେଶ କୁମାର ପାଣିଗ୍ରାହୀ, ଜିଲ୍ଲା ପରିଷଦ ଅଧକ୍ଷ ଜି ତିରୁପତି ରାଓ ଓ ବ୍ଲକ ଅଧକ୍ଷା ବାଲା ସାଇମ୍ମା ସେହି ବିଦ୍ୟାଳୟରେ ଆକସ୍ମିକ ଭାବେ ପହଂଚି ପରିଦର୍ଶନ କରିଥିବା ବେଳେ ବିଦ୍ୟାଳୟର ଶ୍ରେଣୀ କକ୍ଷରେ କୌଣସି ଛାତ୍ର ଛାତ୍ରୀ ଉପସ୍ଥିତ ନ ଥିବା ଦେଖି ତାଜୁବ ହୋଇଥିଲେ। ଉପସ୍ଥିତ ଥିବା ଶିକ୍ଷକ ରଜନୀକାନ୍ତ ମହାପାତ୍ରଙ୍କୁ ଏ ବିଷୟରେ ପଚାରିବାରୁ କୌଣସି ସଠିକ ଉତ୍ତର ବିଧାୟକ ଶ୍ରୀ ପାଣିଗ୍ରାହୀ ପାଇ ନ ପାରି ଉଚ୍ଚସ୍ତରୀୟ ଅଧିକାରୀଙ୍କୁ ଏ ବିଷୟରେ ଅବଗତ କରେଇ ତୁରନ୍ତ ବିଦ୍ୟାଳୟ ସୁଚାରୁ ରୂପେ ଚାଲୁ ରହିବା ସହ ସମସ୍ତ ଛାତ୍ରଛାତ୍ରୀ ଉପସ୍ଥିତ ରହିବେ ସେଥି ପାଇଁ ଅଭିଭାବକଙ୍କ ସହ ଯୋଗାଯୋଗ କରି ଉଚିତ ପଦକ୍ଷେପ ନେବା ସହ ଶ୍ରେଣୀ କକ୍ଷ ଚାଲୁ ରହିବା ନିମନ୍ତେ ନିର୍ଦ୍ଦେଶ ଦେଇ ଥିବା ସୂଚନା ମିଳିଛି। ବିଧାୟକଙ୍କ ଗସ୍ତ ସମୟରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନବୀନ ଚନ୍ଦ୍ର ପ୍ରଧାନ ଛୁଟିରେ ଥିବା ସୂଚନା ହସ୍ତଗତ ହୋଇଛି।

# ଲଗାଣ ବର୍ଷାରେ କଣ୍ଟାବାଡ଼- ମଲ୍ଲିପଦର ଯୋଗାଯୋଗ ବିଚ୍ଛିନ୍ନ
# ରାସ୍ତା ଉପରେ ଛୁଟିଲା ୩ ଫୁଟ୍‌ର ପାଣି

ବେଗୁନିଆ, ୧୬।୭ : ଅବିରତ ଅବିଶ୍ରାନ୍ତ ଏବଂ ଲଗାଣ ବର୍ଷା ଜନଜୀବନକୁ ଅସ୍ତବ୍ୟସ୍ତ କରିଛି। କେଉଁଠି ଘର ଭିତରେ ଆଣ୍ଠିଏ ପାଣି ତ ଆଉ କେଉଁଠି ରାସ୍ତା ଉପରେ ତିନି ଫୁଟର ପାଣି ଚାଲୁଥିବା ଦେଖିବାକୁ ମିଳିଛି। ଖୋର୍ଧା ଜିଲ୍ଲା ବେଗୁନିଆ ବ୍ଲକରେ ଲଗାଣ ବର୍ଷା ହେବା କାରଣରୁ ଜନଜୀବନ ଏକ ପ୍ରକାର ଅସ୍ତବ୍ୟସ୍ତ ହେଇଥିବା ବେଳେ ଲଗାଣ ବର୍ଷାରେ କଣ୍ଟାବାଡ଼ ମଲ୍ଲୀପଦର ଗ୍ରାମ୍ୟ ଉନ୍ନୟନ ମୁଖ୍ୟ ରାସ୍ତା ଉପରେ ତିନି ଫୁଟର ପାଣି ଚାଲୁଛି। ଫଳରେ କଣ୍ଟାବାଡ଼ରୁ ମଲ୍ଲୀପଦରକୁ ଯୋଗାଯୋଗ ବିଚ୍ଛିନ୍ନ ହେଇଛି। ସେହିପରି ଓସ୍ତପୁର ଗ୍ରାମରେ ମଧ ଏକାଧିକ ବ୍ୟକ୍ତିଙ୍କ ଘରେ ଆଣ୍ଠୁଏ ଆଣ୍ଠୁଏ ପାଣି ପଶିଯାଇଛି।



ଜଳ ସଠିକ ଭାବେ ନିଷ୍କାସିତ ନହେବା ସହ ପ୍ରବଳ ବର୍ଷା କାରଣରୁ ଏହିପରି ପରିସ୍ଥିତି ଉପୁଜିଛି।ଭାରି୍ବର୍ଷାରେ ଚାଷୀ କୁଳର ବ୍ୟାପକ କ୍ଷତି ହେଇଥିବା ବେଳେ ପ୍ରଥମ ବର୍ଷାରେ ତଳି ଧାନ ନଷ୍ଟ ହେଇଥିବା ବେଳେ ପୁନର୍ବାର ଲଗାଣ ବର୍ଷା ଜଳ ତଳି ଧାନ ବ୍ୟାପକ ନଷ୍ଟ ହେଇଥିବା ଚାଷୀମାନେ କହିଛନ୍ତି। କିପରି ପୁଣି ଚାଷ ପାଇଁ ବିହନ କେଉଁଠୁ ଆଣିବେ ଫସଲ କିପରି କରିବେ ତାକୁ ନେଇ ଚିନ୍ତାରେ ପଡିଛନ୍ତି। ଚାଷ ଜମିରେ ପାଣି ପୂର୍ଣ୍ଣ ହେଇ ରହିଥିବାରୁ ଜମି ନଦୀର ଭ୍ରମ ସୃଷ୍ଟି କରୁଛି। ସବୁଠି ପାଣି ଆଉ ପାଣି। ଆଜି ସକାଳ ସାଢେ ଆଠଟା ସୁଦ୍ଧା ଖୋର୍ଧା ଜିଲ୍ଲାର ବାଲିଅନ୍ତାରେ ୪୮ ମିଲିମିଟର ବର୍ଷା ହେଇଥିବା ବେଳେ ବାଲିପାଟଣାରେ ୪୮ ମିଲିମିଟର ଭୁବନେଶ୍ୱରରେ ୫୦ ମିଲିମିଟର ଜଟଣୀରେ ୮ ମିଲିମିଟର ବାଣପୁରରେ ୪୪ ମିଲିମିଟର ବେଗୁନିଆରେ ୮୪ ମିଲିମିଟର ବୋଲଗଡରେ ୮୨,ଚିଲିକାରେ ୪୩ ଖୋରଧାରେ ୫୭ ଏବଂ ଟାଙ୍ଗିରେ ବ୍ଲକରେ ୨୨ ମିଲିମିଟର ବର୍ଷା ହେଇଥିବା ରେକର୍ଡ କରାଯାଇଛି। ସେପଟେ ଲଗାଣ ବର୍ଷା ଚାଷୀକୁଳ ପାଇଁ ବ୍ୟାପକ କ୍ଷତି କରିଥିବା ବେଳେ ମଲ୍ଲୀପଦର ଚାଷୀ ଅର୍ଜୁନ ଦାଶ ଏବଂ ବାପି ମହାପାତ୍ର କହିଛନ୍ତି ଆମେ ବିହନ କେଉଁ ଠାରୁ ଆଣିବୁ ବାରମ୍ବାର ଯାହା ବିହନ ତଳି ପକାଉଛୁ ତାହା ଲଗାଣ ବର୍ଷା ଦ୍ୱାରା ନଷ୍ଟ ହେଉଛି ପ୍ରଶାସନ ତୁରନ୍ତ ବିହନ ଯୋଗାଇବାକୁ ଦାବି କରିଛନ୍ତି। ସେପଟେ ଓସ୍ତପୁରରେ ଏକାଧିକ ପରିବାର ଦୀର୍ଘ ବର୍ଷ ଧରି ଜଳ ନିଷ୍କାସନ ବ୍ୟବସ୍ଥା ନଥିବାରୁ ଲଗାଣ ବର୍ଷା ବେଳେ ଘରେ ଆଣ୍ଠୁଏ ପାଣି ଜମା ହେଉଛି। ପ୍ରଶାସନ ଟିକିଏ ଦୃଷ୍ଟି ଦେବା ସହ ପାଣି କିପରି ନିଷ୍କାସନ ହେଇପାରିବ, ବର୍ଷାଦିନେ ଆମେ ଟିକିଏ ଶାନ୍ତିରେ ରହିପାରିବୁ ଏପରି ମର୍ମରେ ଦାବି କରିଛନ୍ତି ଗ୍ରାମର ନୃସିଂହ ଚରଣ ପଣ୍ଡା, ମମତା ପଣ୍ଡା ଏବଂ ଗ୍ରାମ୍ୟ କମିଟି ସଭାପତି ଧନେଶ୍ୱର ପ୍ରଧାନ।

# ରକ୍ତ ଭଣ୍ଡାରକୁ ନବୀକରଣ ନେଇ ଆଲୋଚନା

ରାୟଗଡା, ୧୬।୭ (ନିପ୍ର): ରକ୍ତ ଭଣ୍ଡାରକୁ ନବୀକରଣ କରାଯିବାନେଇ ପରିଚାଳନା କମିଟି ବୈଠକରେ ଆଲୋଚନା। ରାୟଗଡା ଜିଲ୍ଲା ଗୁଣପୁର ଉପଖଣ୍ଡର ରକ୍ତଭଣ୍ଡାର ପରିଚାଳନା କମିଟିର ବୈଠକ ଉପ-ଜିଲ୍ଲାପାଳ ତଥା ରକ୍ତଭଣ୍ଡାର ପରିଚାଳନା କମିଟିର ସଭାପତି ଦୁଦ୍ଧାଲ ଅଭିଷେକ ଦିଲୀପଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିବା ବେଳେ ଗତ ୨୦୧୯। ଠାରୁ ଚଳିତ ବର୍ଷ ଜୁନ ମାସ ପର୍ଯ୍ୟନ୍ତ ହୋଇଥିବା ବ୍ୟୟର ହିସାବ ସହ ଗତ ୨୦୧୯ ଠାରୁ ଚଳିତ ବର୍ଷ ଜୁନ ମାସ ପର୍ଯ୍ୟନ୍ତ ହୋଇଥିବା ବ୍ୟୟର ହିସାବ ସହ ଗତ ୨୦୨୩ ବର୍ଷ ଠାରୁ ଚଳିତ ମାସ ପର୍ଯ୍ୟନ୍ତ ରକ୍ତଦାନ ଶିବିର ଏବଂ ରକ୍ତ ସଂଗ୍ରହ ବିଷୟରେ ଆଲୋଚନା ହୋଇ ଥିଲା। ଏଥିସହ ରକ୍ତ ଭଣ୍ଡାରକୁ ନବୀକରଣ କରାଯିବା ନିମନ୍ତେ ଚଳିତ ବର୍ଷ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ କରାଯିବ ବୋଲି ନିଷ୍ପତି ହୋଇଛି। ଭଣ୍ଡାରକୁ ଟାଉନ ପ୍ଲାନିଂରେ ଅନ୍ତର୍ଭୁକ୍ତ କରାଯାଇ ଅଗ୍ନି ନିରାପତ୍ତା ବ୍ୟବସ୍ଥା କରିବାକୁ ଉପ -ଜିଲ୍ଲାପାଳ ଦିଲ୍ଲିପ ଅଭିଷେକ ନିର୍ଦ୍ଦେଶ ଦେଇଥିଲେ। ଆଗାମୀ ଦିନରେ ପ୍ରତ୍ୟେକ ମାସରେ ରକ୍ତଦାନ ଶିବିର ଆୟୋଜନ କରାଯିବାକୁ ଚୂଡାନ୍ତ ହୋଇଥିବା ବେଳେ ପର୍ଯ୍ୟାୟ କ୍ରମେ ବିଭିନ୍ନ ସଂଗଠନ ଶିବିର ଆୟୋଜନ କରାଯିବାକୁ ଘୋଷଣା କରାଯାଇଥିଲା। ରକ୍ତ ଶିକୁଳି ଓ ଥାଲସେମିଆ ରୋଗୀଙ୍କୁ ଅଗ୍ରାଧିକାର ଭିତ୍ତିରେ ରକ୍ତ ପ୍ରଦାନ କରିବାକୁ ଘୋଷଣା ହୋଇଥିଲା। ଯେତେ ଅଧିକ ଶିବିର ଆୟୋଜନ କରାଯିବ ସେତେ ପରିମାଣରେ ରକ୍ତ ସଂଗ୍ରହ କରାଯାଇପାରିବା ସହ ସେତେ ସମୟର ତଥା ରୋଗୀଙ୍କ ଆବଶ୍ୟକତାକୁ ପୂରଣ କରାଯାଇପାରିବା ସହ ରୋଗୀଙ୍କ ମନରେ ଏକ ବିଶ୍ୱାସ ଓ ଆସ୍ଥା ସୃଷ୍ଟି ହେଇପାରିବ ବୋଲି ଉପ-ଜିଲ୍ଲାପାଳ ଆଶାବ୍ୟକ୍ତ କରିବା ସହିତ ରକ୍ତର ଅଭାବ ଦୂର ହୋଇପାରିବ ବୋଲି ଅକ୍ଷୟ କୁମାର ଦାସ ବୈଠକରେ ଦୃଷ୍ଟି ଆକର୍ଷଣ କରିଥିଲେ। ପୌର ପରିଷଦ ପକ୍ଷରୁ ସମସ୍ତ ପ୍ରକାର ସହଯୋଗ ଯୋଗାଇଦିଆଯିବ ବୋଲି ପୌର ଉପାଧକ୍ଷ ଶିବ ପ୍ରସାଦ ଗୌଡ଼ ପ୍ରତିଶ୍ରୁତି ପ୍ରଦାନ କରିବା ସହ ଯାହା ସାହାଯ୍ୟ ଆବଶ୍ୟକ ତାହା ଯୋଗାଇ ଦିଆଯିବ ବୋଲି ଘୋଷଣା କରିଥିଲେ। ବୈଠକରେ ଉପଖଣ୍ଡ ଚିକିତ୍ସା ଅଧୀକ୍ଷକ ଶ୍ରୀକାନ୍ତ ଜେନା, ସ୍ୱାଗତ ଭାଷଣ ପ୍ରଦାନ କରାଯାଇଥିବା ବେଳେ ସେକ୍ସନ ମ୍ୟାନେଜର ଜିତେନ୍ଦ୍ର ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

# ନବରଙ୍ଗପୁର ଜିଲ୍ଲାରେ ସାମ୍ବାଦିକ ପରିଚୟ ଦେଇ ଚାନ୍ଦା ଆଦାୟ ଅଭିଯୋଗ

ଡ଼ାବୁଗାଁ, ୧୬।୭ (ନିପ୍ର); ଡାବୁଗାଁ ନିର୍ବାଚନ ମଣ୍ଡଳୀ ରେ କିଛି ବ୍ୟକ୍ତି ସାମ୍ବାଦିକ ପରିଚୟ ଦେଇ ବିଭିନ୍ନ ବ୍ୟବସାୟୀ, ଦୋକାନୀ ଓ ସାଧାରଣ ଲୋକଙ୍କଠାରୁ ଚାନ୍ଦା ଆଦାୟ କରୁଥିବା ନେଇ ଅଭିଯୋଗ ସାମ୍ନାକୁ ଆସିଛି । ଏହି ଅଭିଯୋଗକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଜୋର୍ ଧରିଛି ସାଧାରଣ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଓ ଚିନ୍ତା ମଧ ପ୍ରକାଶ ପାଉଛି।ସ୍ଥାନୀୟ ମହଲରେ କହିବା ଅନୁଯାୟୀ, କିଛି ଅସାମାଜିକ ବ୍ୟକ୍ତି ନିଜକୁ ସାମ୍ବାଦିକ ବୋଲି ପରିଚୟ ଦେଇ ବିଭିନ୍ନ ସ୍ଥାନକୁ ଯାଇ ଲୋକଙ୍କୁ ଭୟଭୀତ କରିବା ସହ ଟଙ୍କା ଦେବା ପାଇଁ ଚାପ ସୃଷ୍ଟି କରୁଥିବା ଅଭିଯୋଗ ହେଉଛି । କେତେକ କ୍ଷେତ୍ରରେ ସେମାନେ ଖବର ପ୍ରକାଶ କରିବାର ଭୟ ଦେଖାଇ ଅର୍ଥ ଆଦାୟ କରିବାକୁ ଚେଷ୍ଟା କରୁଥିବା ନେଇ ମଧ୍ୟ ଚର୍ଚ୍ଚା ହେଉଛି। ପ୍ରକୃତ ସାମ୍ବାଦିକମାନେ ସମାଜର ସମସ୍ୟାକୁ ଲୋକଲୋଚନକୁ ଆଣିବା ଓ ଜନସାଧାରଣଙ୍କ ସ୍ୱରକୁ ପ୍ରଶାସନ ପର୍ଯ୍ୟନ୍ତ ପହଞ୍ଚାଇବା ପାଇଁ କାମ କରୁଥିବା ବେଳେ, କିଛି ଅସାଧୁ ବ୍ୟକ୍ତିଙ୍କ ଏପରି ଆଚରଣ ଯୋଗୁଁ




ପ୍ରକୃତ ସାମ୍ବାଦିକମାନଙ୍କୁ ଲୋକେ ସନ୍ଦେହ ଘେରରେ ଦେଖୁଛନ୍ତି। ଡାବୁଗାଁ ସାମ୍ବାଦିକ ସଙ୍ଘର ସଭ୍ୟ ବା ପ୍ରକୃତ ସାମ୍ବାଦିକ ଭାଇ ମାନେ କହିବା ଅନୁସାରେ, ଯେଉଁ ବ୍ୟକ୍ତି ପ୍ରକୃତରେ କୌଣସି ଗଣମାଧ୍ୟମ ସହିତ ଜଡ଼ିତ ନୁହନ୍ତି,ଯଦି ସେମାନେ ସାମ୍ବାଦିକ ପରିଚୟ ଦେଉଥାନ୍ତି ତେବେ ସେମାନଙ୍କ ବିରୋଧରେ କଡ଼ା ଆଇନଗତ କାର୍ଯ୍ୟାନୁଷ୍ଠାନ ହେବା ଆବଶ୍ୟକ ରହିଛି । ଏପରି ଘଟଣା ଉପରେ ଅଙ୍କୁଶ ନ ଲାଗିଲେ ସାଧାରଣ ଲୋକଙ୍କ ବିଶ୍ୱାସ ଗଣମାଧ୍ୟମ ଉପରୁ ହଟିଯିବାର ଆଶଙ୍କା ରହିଛି। ଅନେକ ସଚେତନ ନାଗରିକ ପ୍ରଶାସନଙ୍କୁ ଏହି ଘଟଣାର ନିରପେକ୍ଷ ତଦନ୍ତ କରିବା ସହିତ, ପ୍ରକୃତ ଦୋଷୀ ଚିହ୍ନଟ ହେଲେ ସେମାନଙ୍କ ବିରୋଧରେ ଆଇନ ଅନୁଯାୟୀ ଆବଶ୍ୟକ ପଦକ୍ଷେପ ନେବାକୁ ଦାବି କରିଛନ୍ତି । ସେହିପରି ସାଧାରଣ ଲୋକଙ୍କୁ ମଧ କୌଣସି ବ୍ୟକ୍ତି ସାମ୍ବାଦିକ ପରିଚୟ ଦେଲେ, ସେମାନଙ୍କ ପରିଚୟପତ୍ର ଯାଞ୍ଚ କରିବା ଏବଂ କୌଣସି ପ୍ରକାରର ସନ୍ଦେହ ହେଲେ ତୁରନ୍ତ ସ୍ଥାନୀୟ ପୁଲିସ କିମ୍ବା ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ଜଣାଇବା ପାଇଁ ଡାବୁଗାଁ ସାମ୍ବାଦିକ ସଙ୍ଘ ତରଫରୁ ଅନୁରୋଧ କରାଯାଉଛି।

# ମନ୍ଦିର ନିକଟରେ ମଦଦୋକାନ ଖୋଲିବାରୁ ବିରୋଧ

ଜଟଣୀ, ୧୬।୭ (ନିପ୍ର):ସୀତାରାମ ଛକଠାରେ ଥିବା ବାଲୁଙ୍କେଶ୍ୱର ମନ୍ଦିରରୁ ମାତ୍ର କେଇ ମିଟର ଦୂରରେ ଏକ ଠିପିବନ୍ଦ ମଦ ଦୋକାନ ଖୋଲିଛି। ଯାହାକୁ ନେଇ କିଛିଦିନ ତଳେ ସ୍ଥାନୀୟ ବାସିନ୍ଦା, ବିଭିନ୍ନ ସାମାଜିକ ଓ ଧାର୍ମିକ ଅନୁଷ୍ଠାନ ଏହାର ବିରୋଧ କରିଥିବା ବେଳେ ବିଶ୍ୱହିନ୍ଦୁ ପରିଷଦ ଜଟଣୀ ପ୍ରଖଣ୍ଡ ପକ୍ଷରୁ ବିରୋଧ କରାଯିବା ସହିତ ବଜରଙ୍ଗ ଦଳ, ଦୁର୍ଗାବାହିନୀ କାର୍ଯ୍ୟକର୍ତ୍ତାମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ କରିବା ସହ ଜଟଣୀ ପ୍ରଖଣ୍ଡ ସଭାପତି ରମେଶ କୁମାର ଦାସଙ୍କ ନେତୃତ୍ୱରେ ବିଭାଗ ସମ୍ପାଦକ ବିଭୁଧେନ୍ଦ୍ର ବିଦ୍ୟାଧର, ବଜରଙ୍ଗ ଦଳ ସହ ସଂଯୋଜକ ଏସ୍.ଏମ୍ ଦିବ୍ୟପ୍ରକାଶ, ଦୁର୍ଗାବାହିନୀ ଜିଲା ସଂଯୋଜିକା ସୁନିତା ଦାସ, ବିଏଚ୍ପି ଖୋର୍ଦ୍ଧା ଜିଲା ଧର୍ମାଚାର୍ଯ୍ୟ ପ୍ରମୁଖ ହୃଷିକେଶ ବେହେରା, କୋଷାଧ୍ୟକ୍ଷ ଅଭିମନ୍ୟୁ ଘଟୁଆଳ, ରଞ୍ଜନ ବରାଳ, ରଶ୍ମିରଞ୍ଜନ ମିଶ୍ର, ପ୍ରଶାନ୍ତ ବେହେରା, ଚିତ୍ତ ରଞ୍ଜନ ପ୍ରଧାନ ଓ ଗିରୀଶ ମହାରଣା ପ୍ରମୁଖ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି। ୨୪ ଘଣ୍ଟା ମଧରେ ମଦ ଦୋକାନ ସେଠାରୁ ସ୍ଥାନାନ୍ତର ନ ହେଲେ ଆନ୍ଦୋଳନ କରାଯିବା ସହିତ ସେଠାରେ ମଦ ଦୋକାନ ଖୋଲିବାକୁ ସୁଯୋଗ ଦିଆଯିବ ନାହିଁବୋଲି ଚେତାବନୀ ଦିଆଯାଇଛି । ଉଲ୍ଲେଖ ଯୋଗ୍ୟ ଯେ ଏ ସଂକ୍ରାନ୍ତରେ ପୂର୍ବରୁ ଜଟଣୀର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଅଭିଯୋଗ ହୋଇଥିଲା। ତଦନ୍ତ ପରେ ନିଷ୍ପତ୍ତି ନିଆଯିବ ବୋଲି ଜିଲା ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ମିଳିଥିଲା। ଏଥି ସହିତ ଅବକାରୀ ବିଭାଗକୁ ତଦନ୍ତକରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ତେବେ ଜିଲାପାଳଙ୍କ ନିର୍ଦ୍ଦେଶକୁ ଅବମାନନା କରି ଅବକାରୀ ବିଭାଗ କୌଣସି ତଦନ୍ତ ନକରି ତରବରିଆ ଭାବେ କିପରି ଦୋକାନ ଖୋଲିବାକୁ ନିର୍ଦ୍ଦେଶ ଦେଇଛି ତାହା ତଦନ୍ତ ସାପେକ୍ଷ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି । ଏପରିକି ଜିଲାପାଳଙ୍କ ନିର୍ଦ୍ଦେଶକୁ ଅବମାନନା କରିଥିବା ଅବକାରୀ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି।

# ପୁଅର ଜୀବନ ବଞ୍ଚାଇବାକୁ ଦାଣ୍ଡରେ ଭିକ ମାଗୁଛନ୍ତି ଅସହାୟ ବୃଦ୍ଧ ବାପା
## ସାହାଯ୍ୟ ପାଇଁ ପ୍ରଶାସନ ଓ ସାଧାରଣଲୋକଙ୍କୁ ନିବେଦନ

ସୋନପୁର, ୧୬।୭ (ନିପ୍ର); ବୃଦ୍ଧ ବୟସରେ ପୁଅ ବାପାର ସାହାରା ପାଲଟିଥାଏ, ହେଲେ ନିୟତିର ଖେଳ ବଡ଼ ନିଷ୍ଠୁର। ଏହି ପରିଣତ ବୟସରେ ବିଶ୍ରାମ ନେବା ବଦଳରେ ଜଣେ ଅସହାୟ ବାପା ନିଜ ରକ୍ତର ଋଣ ସୁଝିବାକୁ ଯାଇ ଏବେ ଦାଣ୍ଡରେ ଭିକାରୀ ସାଜିଛନ୍ତି। ବେକରେ ଏକ ପୋଷ୍ଟର ଝୁଲାଇ, ହାତରେ ଭିକ୍ଷା ଥାଳି ଧରି ଦୋକାନ ବଜାର ଓ ଗଳିକନ୍ଦିରେ ବୁଲି ବୁଲି ପୁଅର ଅପରେସନ ପାଇଁ ଲୁହ ଭରା ଆଖିରେ ଲୋକଙ୍କୁ ଆକୁଳ ନିବେଦନ କରୁଛନ୍ତି ସୁବର୍ଣ୍ଣପୁର ଜିଲ୍ଲା ବିନିକା ବ୍ଲକ ଭଣ୍ଡାର ପଂଚାୟତ ଅନ୍ତର୍ଗତ ଗୁଲୁଣ୍ଡା ଗ୍ରାମର ବୃଦ୍ଧ ଇନ୍ଦ୍ରଜିତ ମାଝୀ।

ଏକ ଅଜଣା ଗାଡ଼ି ଛଡ଼ାଇ ନେଲା ହସଖୁସି ସୂଚନା ଅନୁଯାୟୀ, ଇନ୍ଦ୍ରଜିତଙ୍କ ପୁଅ ରବୀନ୍ଦ୍ର ମାଝୀ ନିଜ ପୁଅକୁ ସ୍କୁଲରେ ଛାଡି ଘରକୁ ଫେରୁଥିବା ବେଳେ ରାସ୍ତାରେ ଏକ ଅଜଣା ଗାଡ଼ି ତାଙ୍କୁ ଜୋରରେ ଧକ୍କା ଦେଇ ଫେରାର ହୋଇଯାଇଥିଲା। ଗୁରୁତର ଅବସ୍ଥାରେ ରବୀନ୍ଦ୍ରଙ୍କୁ ଉଦ୍ଧାର କରାଯାଇ ବୁର୍ଲା ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା।



ଆଜକୁ ୨ ମାସରୁ ଊର୍ଦ୍ଧ୍ୱ ସମୟ ଧରି ସେ ମେଡିକାଲ ବେଡରେ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ସର୍ବସ୍ୱାନ୍ତ ହୋଇଗଲା ପରିବାର ପୁଅକୁ ସୁସ୍ଥ କରି ଘରକୁ ଫେରାଇ ଆଣିବା ପାଇଁ ବାପା ଇନ୍ଦ୍ରଜିତ ଘରେ ଥିବା ସମସ୍ତ ସମ୍ବଳ ଓ ଆସବାବପତ୍ର ବିକ୍ରି କରିସାରିଲେଣି। ରବୀନ୍ଦ୍ରଙ୍କର ଇତିମଧ୍ୟରେ ୨ଟି ଅପରେସନ ଶେଷ ହୋଇଥିବା ବେଳେ, ଏବେ ତାଙ୍କୁ ସମ୍ପୂର୍ଣ୍ଣ ସୁସ୍ଥ କରିବାକୁ ଆଉ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ଅପରେସନର ଆବଶ୍ୟକତା ରହିଛି ବୋଲି ଡାକ୍ତର କହିଛନ୍ତି।

ହେଲେ ଦୁଃଖର ବିଷୟ, ବର୍ତ୍ତମାନ ପରିବାର ପାଖରେ ଔଷଧ କିଣିବା ତ ଦୂରର କଥା, ବୁର୍ଲାରେ ରହିବା ଓ ଦୁଇ ଓଳି ଖାଇବା ପାଇଁ ମଧ ପାଖରେ ଟଙ୍କାଟିଏ ନାହିଁ। ବାଧ୍ୟ ହୋଇ ଧରିଲେ ଭିକ୍ଷା ଥାଳି। ଉପାୟଶୂନ୍ୟ ହୋଇ ଏହି ବୃଦ୍ଧ ବାପା ନିଜର ଆତ୍ମସମ୍ମାନକୁ ପଛରେ ପକାଇ ପୁଅର ଜୀବନ ଭିକ୍ଷା କରିବାକୁ ରାସ୍ତାକୁ ଓହ୍ଲାଇଛନ୍ତି। ଶନିବାର ଦିନ ଇନ୍ଦ୍ରଜିତ ବେକରେ ଏକ ପୋଷ୍ଟର ଲଗାଇ ହାତରେ ଥାଳି ଧରି ଲୁହ ଛଳଛଳ ଆଖିରେ ସହରର ଲୋକଙ୍କୁ ସାହାଯ୍ୟ ମାଗୁଥିବାର ହୃଦୟ ବିଦାରକ ଦୃଶ୍ୟ ସମସ୍ତଙ୍କୁ ଭାବବିହ୍ୱଳ କରିଛି। "ମୋ ପୁଅକୁ ବଞ୍ଚେଇ ଦିଅ ବାବୁ..." କହି ସେ ଲୋକଙ୍କ ଆଗରେ ହାତ ପାତୁଛନ୍ତି। ଜିଲ୍ଲାପାଳଙ୍କୁ ସାଧାରଣରେ ଦାବି ଗୋଟିଏ ପଟେ ବେଡ୍ ଉପରେ ପୁଅର କଷ୍ଟ ଏବଂ ଅନ୍ୟ ପଟେ ବାପାର ଅସହାୟତା। ଏଭଳି ଦୟନୀୟ ପରିସ୍ଥିତିରେ ଏହି ଗରିବ ପରିବାରକୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ଅଞ୍ଚଳବାସୀ ଏବଂ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି। ସୁବର୍ଣ୍ଣପୁର ଜିଲ୍ଲାପାଳ ଏହି ଘଟଣା ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଇ ରେଡ୍ କ୍ରସ୍ ପାଣ୍ଠି କିମ୍ବା ସରକାରୀ ଯୋଜନାରୁ ଆର୍ଥିକ ସହାୟତା ଯୋଗାଇ ଦେଲେ ରବୀନ୍ଦ୍ରଙ୍କ ଜୀବନ ବଞ୍ଚିଯାଇ ପାରନ୍ତା ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

# ଗଜପତି ଜିଲ୍ଲାରେ ବିଦ୍ୟାଳୟ ଏବଂ ଛାତ୍ରାବାସକୁ ପରିବର୍ତ୍ତନ କରିବା ପାଇଁ 'ସଂକଳ୍ପ' ଏବଂ 'ସମର୍ପଣ' ଉଦ୍‌ଘାଟନ

ପାରଳାଖେମୁଣ୍ଡି, ୧୬।୭(ନିପ୍ର):ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଏବଂ ଜିଲ୍ଲା ମଙ୍ଗଳ ବିଭାଗର ମିଳିତ ଉଦ୍ୟମରେ ଶିକ୍ଷାର ଗୁଣବତ୍ତା ଏବଂ ଆଦିବାସୀ ଛାତ୍ରଛାତ୍ରୀଙ୍କ ସାମଗ୍ରିକ ବିକାଶ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପକୁ ସ୍ଥାନୀୟ ଗ୍ରାମୀଣ ଆତ୍ମନିଯୁକ୍ତି ପ୍ରଶିକ୍ଷଣ ଅନୁଷ୍ଠାନ ସମ୍ମିଳନୀ କକ୍ଷ ରେ ଦୁଇଟି ପ୍ରମୁଖ ପଦକ୍ଷେପ - 'ସଂକଳ୍ପ: ବିଦ୍ୟାଳୟ ଉତ୍କର୍ଷତା' ଏବଂ 'ସମର୍ପଣ: ଛାତ୍ରାବାସ ଉତ୍କର୍ଷତା' - କୁ ଜିଲ୍ଲାପାଳ ଶ୍ରୀଯୁକ୍ତ ଅକ୍ଷୟ ସୁନୀଲ ଅଗ୍ରୱାଲ ଉଦଘାଟନ କରିଛନ୍ତି । ବିକଶିତ ଓଡ଼ିଶା-୨୦୩୬ ଏବଂ ବିକଶିତ ଭାରତ-୨୦୪୭ ର ଦୃଷ୍ଟିକୋଣ ସହିତ ସରକାରୀ ସ୍କୁଲ ଏବଂ ଛାତ୍ରାବାସକୁ ଶୈକ୍ଷିକ ଉତ୍କର୍ଷତା, ନେତୃତ୍ୱ, ଶୃଙ୍ଖଳା ଏବଂ ସାମଗ୍ରିକ ବ୍ୟକ୍ତିତ୍ୱ ବିକାଶର କେନ୍ଦ୍ରରେ ପରିଣତ କରିବା ଉଦ୍ଦେଶ୍ୟରେ କଲ୍ୟାଣ ବିଭାଗ, ଅନୁସୂଚିତ ଜନଜାତି ଏବଂ ଅନୁସୂଚିତ ଜନଜାତି ବିକାଶ, ସଂଖ୍ୟାଲଘୁ ଏବଂ ପଛୁଆ ବର୍ଗ କଲ୍ୟାଣ ବିଭାଗ ଦ୍ୱାରା ଏହି ପଦକ୍ଷେପଗୁଡ଼ିକ ଆରମ୍ଭ କରାଯାଇଛି। ଏହି ଅବସରରେ ଜିଲ୍ଲାପାଳ ମତବ୍ୟକ୍ତ କଲେ ଯେ, ଗୁଣାତ୍ମକ ଶିକ୍ଷା, ମୂଲ୍ୟବୋଧ ଆଧାରିତ ଶିକ୍ଷା ଏବଂ ଏକ ପୋଷଣୀୟ ପରିବେଶ ହେଉଛି ଏକ ଆତ୍ମବିଶ୍ୱାସୀ ଏବଂ ଦାୟିତ୍ୱବାନ ପିଢ଼ି ଗଠନ ପାଇଁ ମୂଳଦୁଆ। ସେ ସମସ୍ତ ଅଧିକାରୀ, ଶିକ୍ଷକ, ଛାତ୍ରାବାସ କର୍ମଚାରୀ ଏବଂ ଅଂଶୀଦାରମାନଙ୍କୁ ଏହି ପଦକ୍ଷେପଗୁଡ଼ିକର ସଫଳ କାର୍ଯ୍ୟାନ୍ୱୟନରେ ସକ୍ରିୟ ଭାବରେ ଅଂଶଗ୍ରହଣ କରିବାକୁ ଏବଂ ପ୍ରତ୍ୟେକ ପିଲାକୁ ତାଙ୍କର ପୂର୍ଣ୍ଣ ସମ୍ଭାବନାକୁ ସାକାର କରିବାର ସୁଯୋଗ




ପାଇବାକୁ ନିଶ୍ଚିତ କରିବାକୁ ଆହ୍ୱାନ କରିଥିଲେ ସଂକଳ୍ପ - ବିଦ୍ୟାଳୟ ଉତ୍କର୍ଷତା ସଂକଳ୍ପ କାର୍ଯ୍ୟକ୍ରମ 'ଗୋଟିଏ ବିଦ୍ୟାଳୟ, ଗୋଟିଏ ପରାମର୍ଶଦାତା, ଅସୀମ ସମ୍ଭାବନା' ଧାରଣା ଉପରେ ଆଧାରିତ। ଏହି ପଦକ୍ଷେପ ଅଧୀନରେ, ଅଧିକାରୀମାନେ ବିଦ୍ୟାଳୟ ଗୁଡ଼ିକୁ ଗ୍ରହଣ କରିବେ ଏବଂ ଶୈକ୍ଷିକ ପ୍ରଦର୍ଶନ, ନେତୃତ୍ୱ, ନବସୃଜନ, ଡିଜିଟାଲ୍ ଶିକ୍ଷା, କ୍ୟାରିଅର ମାର୍ଗଦର୍ଶନ, କ୍ରୀଡା, କଳା ଏବଂ ସମ୍ପ୍ରଦାୟ ଅଂଶଗ୍ରହଣକୁ ସୁଦୃଢ଼ କରିବା ପାଇଁ ସେମାନଙ୍କୁ ପରାମର୍ଶ ଦେବେ। ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ନିୟମିତ ପରାମର୍ଶ ଏବଂ ତଦାରଖ ମାଧ୍ୟମରେ ନିରନ୍ତର ଉନ୍ନତିର ସଂସ୍କୃତି ସୃଷ୍ଟି କରିବା ସହିତ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଆକାଂକ୍ଷାକୁ ପ୍ରୋତ୍ସାହିତ କରିବା ଏହାର ଲକ୍ଷ୍ୟ ଅଟେ ସମର୍ପଣ - ଛାତ୍ରାବାସ ଉତ୍କର୍ଷତା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ହେଉଛି ସୁରକ୍ଷିତ, ସୁସ୍ଥ, ଶୃଙ୍ଖଳିତ ଏବଂ ମୂଲ୍ୟ-ଭିତ୍ତିକ ଆବାସିକ ଛାତ୍ରାବାସ ସୃଷ୍ଟି କରିବା ଉପରେ ଗୁରୁତ୍ୱାରୋପ କରିବା। ଏହା ନୈତିକ ମୂଲ୍ୟବୋଧ, ଶୈକ୍ଷିକ ସହାୟତା, ପୁଷ୍ଟିସାର, ବ୍ୟକ୍ତିତ୍ୱ ବିକାଶ, ଜୀବନ କୌଶଳ, ଯୋଗ, ପରାମର୍ଶ, ସାଂସ୍କୃତିକ ଐତିହ୍ୟ ଏବଂ ସୁସ୍ଥ ଜୀବନଯାପନକୁ ପ୍ରୋତ୍ସାହିତ କରିବାକୁ ଚେଷ୍ଟା କରେ। ଏହି କାର୍ଯ୍ୟକ୍ରମଟି ଆଦିବାସୀ ଛାତ୍ରଛାତ୍ରୀଙ୍କ ସର୍ବାଙ୍ଗୀନ ବିକାଶରେ ଯୋଗଦାନ ଦେଉଥିବା ଛାତ୍ରାବାସଗୁଡ଼ିକୁ ପୋଷଣକାରୀ ସ୍ଥାନ ଭାବରେ ପରିଣତ କରିବା ନିଶ୍ଚିତ କରିବା ପାଇଁ ପ୍ରସ୍ତୁତ କରାଯାଇଛି। ଉଭୟ କାର୍ଯ୍ୟକ୍ରମ ଶିକ୍ଷାର ଫଳାଫଳ ବୃଦ୍ଧି କରିବା, ନେତୃତ୍ୱ ଗୁଣବତ୍ତା ବୃଦ୍ଧି କରିବା, ଶୈକ୍ଷିକ ଉତ୍କର୍ଷତା ବୃଦ୍ଧି କରିବା, ସୁସ୍ଥ ଜୀବନଶୈଳୀକୁ ଉତ୍ସାହିତ କରିବା ଏବଂ ଆଦିବାସୀ ସମ୍ପ୍ରଦାୟର ସମୃଦ୍ଧ ସାଂସ୍କୃତିକ ଐତିହ୍ୟକୁ ସଂରକ୍ଷଣ କରିବ ବୋଲି ଆଶା କରାଯାଉଛି। ଏହି ପଦକ୍ଷେପଗୁଡ଼ିକ ସ୍ଥାୟୀ ଉନ୍ନତି ହାସଲ କରିବାରେ ଜିଲ୍ଲା ଏବଂ ବ୍ଲକସ୍ତରୀୟ ଅଧିକାରୀ, ଶିକ୍ଷାନୁଷ୍ଠାନ, ଛାତ୍ରାବାସ କର୍ତ୍ତୃପକ୍ଷ ଏବଂ ସ୍ଥାନୀୟ ସମ୍ପ୍ରଦାୟର ସକ୍ରିୟ ଅଂଶଗ୍ରହଣକୁ ମଧ୍ୟ ଗୁରୁତ୍ୱ ଦେଇଥାନ୍ତି । ଉଦ୍‌ଘାଟନ ସମାରୋହରେ ଅତିରିକ୍ତ ଜିଲ୍ଲାପାଳ ମୁନିନ୍ଦ୍ର ହୋନନଗା, ପ୍ରକଳ୍ପ ପ୍ରଶାସକ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପାରଳାଖେମୁଣ୍ଡି ଅଂଶୁମାନ ମହାପାତ୍ର,ଜିଲ୍ଲା ମଙ୍ଗଳ ଅଧିକାରୀ ସଲମନ ରାଇକା ଓ ଜିଲ୍ଲାର ବିଭିନ୍ନ ବିଭାଗୀୟ ଅଧିକାରୀ, ଶିକ୍ଷା କର୍ମକର୍ତ୍ତା, ବିଦ୍ୟାଳୟ ମୁଖ୍ୟ, ଛାତ୍ରାବାସ ଅଧୀକ୍ଷକ ଏବଂ ଅନ୍ୟାନ୍ୟ ଅଂଶୀଦାରମାନେ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ ଏବଂ ସଂକଳ୍ପ ଏବଂ ସମର୍ପଣକୁ ଗଜପତି ଜିଲ୍ଲାରେ ଶିକ୍ଷାଗତ ଉତ୍କର୍ଷତା ପାଇଁ ଏକ ମଡେଲ କରିବା ପାଇଁ ସେମାନଙ୍କର ପ୍ରତିବଦ୍ଧତାକୁ ପୁନଃସ୍ଥାପିତ କରିଥିଲେ।

## ଆମେରିକା ମୁଦ୍ରାନୀତି କମିଟିରେ ୩ ଭାରତୀୟ



ୱାସିଂଟନ, ୧୬।୭: ଆମେରିକାର ମୁଦ୍ରାନୀତି କମିଟିରେ ତିନି ଜଣ ଭାରତୀୟଙ୍କୁ ନିଯୁକ୍ତି ମିଳିଛି। ସେମାନେ ହେଉଛନ୍ତି ଭାରତୀୟ ରିଜର୍ଭ ବ୍ୟାଙ୍କର ପୂର୍ବତନ ଗଭର୍ଣ୍ଣର ରଘୁରାମ ରାଜନ, ଦିଲ୍ଲୀରେ ଜନ୍ମିତ ଅର୍ଥନୀତିଜ୍ଞ ରାଜ ଚେଟ୍ଟି ଓ ଏକ୍ସବକ୍ସର ସିଇଓ ଆଶା ଶର୍ମା। ଆମେରିକାର ଫେଡେରାଲ ରିଜର୍ଭର ଅଧ୍ୟକ୍ଷ କେଭି ୱାର୍ସ ଏହି ତିନି ଜଣଙ୍କୁ ନିଯୁକ୍ତି ଦେଇଛନ୍ତି। କମିଟିରେ ବ୍ୟାଙ୍କ ଅଫ୍ ଇଂଲଣ୍ଡର ପୂର୍ବତନ ଗଭର୍ଣ୍ଣର ମେରଭିନ କିଙ୍ଗ, ୱାଲମାର୍ଟର ପୂର୍ବତନ ସିଇଓ ଡଗ ମ୍ୟାକମିଲନ, ନୋବେଲ ବିଜେତା ଥୋମାସ ସର୍ଜେଣ୍ଟ ଓ ସିଲିକନ ଭ୍ୟାଲିର ଭେଞ୍ଚର କ୍ୟାପିଟାଲିଷ୍ଟ ମାର୍କ ଆଣ୍ଡ୍ରେସେସନ ମଧ୍ୟ ରହିଛନ୍ତି। କମିଟିରେ ରାଜନଙ୍କ ଦାୟିତ୍ୱ ହେଉଛି ବାଲାନ୍ସ ସିଟ୍ ନୀତିର ସମୀକ୍ଷା କରିବା। ରାଜ ଚେଟ୍ଟି ଡାଟା କମିଟିର ସହ-ନେତୃତ୍ୱ ନେବେ। ଆଶା ଶର୍ମାଙ୍କୁ ଏଆଇ ଓ ନିଯୁକ୍ତି ସମୀକ୍ଷା ଦାୟିତ୍ୱ ପ୍ରଦାନ କରାଯାଇଛି। ଫେଡେରାଲ ରିଜର୍ଭ ତରଫରୁ ପାଞ୍ଚଟି ଟାସ୍କଫୋର୍ସ ମଧ୍ୟ ଗଠନ କରାଯାଇଛି।

## ଆମିର୍ ଖାନ୍‌ଙ୍କୁ ହତ୍ୟା କଲେ ୫ କୋଟି ପୁରସ୍କାର ଘୋଷଣା କଲେ ପରମହଂସ ଆଚାର୍ଯ୍ୟ



ଅଯୋଧ୍ୟା, ୧୬।୭: ଅଭିନେତା ଆମିର୍ ଖାନ୍‌ଙ୍କୁ ହତ୍ୟା କଲେ ୫ କୋଟି ପୁରସ୍କାର ଘୋଷଣା କଲେ ପରମହଂସ ଆଚାର୍ଯ୍ୟସାଧୁଙ୍କ ଭିଡିଓ ଭାଇରାଲ ହେବା ପରେ ଆମିର୍ ଖାନଙ୍କ ସୁରକ୍ଷାକୁ ନେଇ ଚିନ୍ତା ଦେଖାଯାଇଛି। ଅଯୋଧ୍ୟାରେ ବିଶିଷ୍ଟ ତାପସ୍ୱୀ ଛାୱାନୀର ପୀଠାଧୀଶ୍ୱର ଜଗଦଗୁରୁ ପରମହଂସ ଆଚାର୍ଯ୍ୟ ବଲିଉଡର ସୁପରଷ୍ଟାର ଆମିର ଖାନଙ୍କୁ ଟାର୍ଗେଟ କରି ଏକ ଚକିତ ତଥା ବିବାଦୀୟ ବିବୃତି ଜାରି କରିବା ପରେ ବଡ଼ ବିବାଦ ଉପୁଜିଛି। ଆମିର୍ ଖାନ୍ ତୃତୀୟ ଥର ପାଇଁ ଗୌରୀ ସ୍ପ୍ରାଟ୍‌ଙ୍କୁ ବିବାହ କରିବାକୁ ନେଇ ଏହି ବିବାଦ ଦେଖାଯାଇଛି। ଆମିର୍ ଜାଣିଶୁଣି ହିନ୍ଦୁ ଝିଅମାନଙ୍କୁ ବିବାହ କରୁଛନ୍ତି। ସେ 'ଲଭ୍ ଜିହାଦ'ର ବ୍ରାଣ୍ଡ ଆମ୍ବାସଡର ବୋଲି କହି ମହାରାଷ୍ଟ୍ରର ମନ୍ତ୍ରୀ ନିତେଶ ରାଣେ ଏହାପୂର୍ବରୁ ବିବାଦ ସୃଷ୍ଟି କରିଥିଲେ। ପରମହଂସ ଆଚାର୍ଯ୍ୟ ଆମିରଙ୍କ ବିରୋଧରେ ଗମ୍ଭୀର ଅଭିଯୋଗ ଆଣିଛନ୍ତି। ଆମିର୍ ଉଦ୍ଦେଶ୍ୟମୂଳକ ଭାବରେ ହିନ୍ଦୁ ମହିଳାଙ୍କୁ ଟାର୍ଗେଟ କରୁଥିବା ଅଭିଯୋଗ କରିଛନ୍ତି। ଆମିର୍ ତିନିଥର ବିବାହ କରିଛନ୍ତି ଓ ତାହା ପୁଣି ହିନ୍ଦୁ ଭଉଣୀ ଓ ଝିଅଙ୍କୁ। ଜୀବନର ଏହି ସମୟରେ ଆମିର୍ ଖାନ୍ କେବଳ ଲଭ୍ ଜିହାଦକୁ ପ୍ରୋତ୍ସାହନ ଦେଉଛନ୍ତି ବୋଲି ପରମହଂସ ଆଚାର୍ଯ୍ୟ କହିଛନ୍ତି। ଏକ ଭିଡିଓ ବିବୃତିରେ ସେ ଆମିରଙ୍କୁ ହତ୍ୟା କରିବାକୁ ଆହ୍ୱାନ ଦେଇଛନ୍ତି। ଆମିରଙ୍କୁ ଯେକୌଣସି ବ୍ୟକ୍ତି ହତ୍ୟା କଲେ ତାଙ୍କ ପାଇଁ ୫ କୋଟି ଟଙ୍କାର ପୁରସ୍କାର ଘୋଷଣା କରିଛନ୍ତି ଓ ଅପରାଧୀଙ୍କ ପାଇଁ ପରବର୍ତ୍ତୀ ସମସ୍ତ ଆଇନଗତ ଖର୍ଚ୍ଚ ବହନ କରିବାକୁ ମଧ୍ୟ ପ୍ରତିଶ୍ରୁତି ଦେଇଛନ୍ତି।

## ମୋଦିଙ୍କୁ ଚିଠି ଲେଖିଲେ ଖଡ୍‌ଗେ

ନୂଆଦିଲ୍ଲୀ, ୧୬।୭: ସଂସଦର ମୌସୁମୀ ଅଧିବେଶନ ଜୁଲାଇ ୨୦ରେ ଆରମ୍ଭ ହେବାକୁ ଯାଉଛି। ଏହି ଅଧିବେଶନ ସମୟରେ, କେନ୍ଦ୍ରର ମୋଦି ସରକାର ପୁଣି ଥରେ ସୀମା ନିର୍ଦ୍ଧାରଣ ବିଲ ଆଗତ କରିପାରନ୍ତି, ଯାହା ମହିଳା ସଂରକ୍ଷଣ ଏବଂ ଲୋକସଭା ଆସନ ବୃଦ୍ଧି କରିବାକୁ ଚେଷ୍ଟା କରେ। ଏହି ସମୟରେ, କଂଗ୍ରେସ ଅଧ୍ୟକ୍ଷ ଏବଂ ରାଜ୍ୟ ସଭାରେ ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖଡଗେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଚିଠି ଲେଖି ସଂଶୋଧିତ ୧୩୧ତମ ସମ୍ବିଧାନ ସଂଶୋଧନ ବିଲ ଉପରେ ସର୍ବଦଳୀୟ ବୈଠକ ଦାବି କରିଛନ୍ତି। କଂଗ୍ରେସ ସଭାପତି ଖାଡଗେ ତାଙ୍କ ଚିଠିରେ ଲେଖିଛନ୍ତି, 'ମୁଁ ମାନ୍ୟବର ସଂସଦୀୟ ବ୍ୟାପାର ମନ୍ତ୍ରୀଙ୍କୁ ଚିଠି ଲେଖି ଅନୁରୋଧ କରୁଛି ଯେ କେନ୍ଦ୍ର ସରକାର ସୀମା ନିର୍ଦ୍ଧାରଣ ଇତ୍ୟାଦି ପ୍ରସ୍ତାବ ଉପରେ ଆଲୋଚନା କରିବା ପାଇଁ ଏକ ସର୍ବଦଳୀୟ ବୈଠକ ଡାକିବେ। ଏହି ଅନୁରୋଧଗୁଡ଼ିକୁ ଗ୍ରହଣ କରାଯାଇ ନଥିଲା। ପରବର୍ତ୍ତୀ ସମୟରେ, ସମ୍ବିଧାନ (୧୩୧ତମ ସଂଶୋଧନ) ବିଲ, ୨୦୨୬, ଏପ୍ରିଲ ୧୭ରେ ଲୋକ ସଭାରେ ଆବଶ୍ୟକୀୟ ୨/୩ ସଂଖ୍ୟାଗରିଷ୍ଠତା ହାସଲ କରିବାରେ ସ୍ୱଷ୍ଟ ବ୍ୟବଧାନରେ ବିଫଳ ହୋଇଥିଲା।' ସେ ଲେଖିଛନ୍ତି, 'ମୁଁ ଗଣମାଧ୍ୟମରେ ପଢୁଛି ଯେ କେନ୍ଦ୍ର ସରକାର ସଂସଦର ଆଗାମୀ ମୌସୁମୀ ଅଧିବେଶନରେ ୧୩୧ତମ ସଂଶୋଧନ ବିଲ, ୨୦୨୬ ପୁନଃଆଗତ କରିବାକୁ ପ୍ରସ୍ତାବ ଦେଉଛନ୍ତି।

## ବିଶାଖାପାଟଣାରେ କୋଭିଡର ପ୍ରଥମ ମାମଲା

ନୂଆଦିଲ୍ଲୀ, ୧୬।୭: ଆନ୍ଧ୍ର ପ୍ରଦେଶର ବିଶାଖାପାଟଣାରେ କୋଭିଡ୍-୧୯ର ପ୍ରଥମ ମାମଲା ସାମ୍ନାକୁ ଆସିଛି। ୩୩ ବର୍ଷ ବୟସର ଜଣେ ଯୁବକଙ୍କ କୋଭିଡ୍ ପରୀକ୍ଷା ରିପୋର୍ଟ ପଜିଟିଭ୍ ଆସିଛି। ସେ ବର୍ତ୍ତମାନ ଘରେ ରହି ଚିକିତ୍ସା ନେଉଛନ୍ତି ଏବଂ ଡାକ୍ତରଙ୍କ ନଜରରେ ଚିକିତ୍ସିତ ହେଉଛନ୍ତି । ସୂଚନା ଅନୁଯାୟୀ, ଯୁବକ ଜଣକ କିଛି ଦିନ ପୂର୍ବରୁ ହାଇଦ୍ରାବାଦରୁ ବିଶାଖାପାଟଣା ଫେରିଥିଲେ ।

## ଅନାଥାଶ୍ରମରେ ଅଗ୍ନିକାଣ୍ଡ: ୧୧ ଜଣଙ୍କ ମୃତ୍ୟୁ, ୧୯ ଆହତ

ଅଲଜିଅର୍ସ, ୧୬।୭: ଅଲଜେରିଆର ରାଜଧାନୀ ଅଲଜିଅର୍ସ ନିକଟସ୍ଥ ମହମ୍ମାଦିଆ ଅଞ୍ଚଳର ଏକ ସରକାରୀ ଅନାଥାଶ୍ରମରେ ଘଟିଥିବା ଭୟଙ୍କର ଅଗ୍ନିକାଣ୍ଡରେ ଅତି କମରେ ୧୧ ଜଣଙ୍କ ମୃତ୍ୟୁ ଘଟିଛି। ଏହି ଦୁର୍ଘଟଣାରେ ୧୯ ଜଣ ଆହତ ହୋଇଛନ୍ତି। ଏଥିରେ ଅନେକ ଶିଶୁଙ୍କର ମୃତ୍ୟୁ ହୋଇଥିବା ଅଧିକାରୀମାନେ ସୂଚନା ଦେଇଛନ୍ତି। ସିଭିଲ ପ୍ରୋଟେକ୍ସନ ବିଭାଗର ସୂଚନା ଅନୁଯାୟୀ, ଗୁରୁବାର ଭୋର ପ୍ରାୟ ୩ଟା ୩୦ ମିନିଟ୍ ସମୟରେ ଦୁଇ ମହଲା ବିଶିଷ୍ଟ ଶିଶୁ ଯତ୍ନ କେନ୍ଦ୍ରରେ ନିଆଁ ଲାଗିଥିଲା। ଖବର ପାଇବା ପରେ ଅଗ୍ନିଶମ ବାହିନୀର ଏକାଧିକ ଗାଡ଼ି ଏବଂ ଉଦ୍ଧାରକାରୀ ଦଳ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ କରିବା ସହ ଶିଶୁମାନଙ୍କୁ ଉଦ୍ଧାର କରିଥିଲେ। ଆହତମାନଙ୍କ ମଧ୍ୟରୁ ୧୦ ଜଣ ନିଆଁରେ ପୋଡ଼ି ହୋଇଯାଇଥିବା ବେଳେ ଦୁଇ ଜଣ ଧୂଆଁ ଯୋଗୁ ଅଣନିଃଶ୍ୱାସୀ ହୋଇପଡ଼ିଥିଲେ।

## ସୁପ୍ରିମକୋର୍ଟଙ୍କ ତାଗିଦ୍

# ବୃଦ୍ଧ ଓ ଗୁରୁତର ଅସୁସ୍ଥ କଏଦୀଙ୍କ ମୁକ୍ତିକୁ ନେଇ ତୁରନ୍ତ ନୀତି ପ୍ରସ୍ତୁତ ହେଉ

ନୂଆଦିଲ୍ଲୀ, ୧୬।୭: ସୁପ୍ରିମକୋର୍ଟ ସବୁ ରାଜ୍ୟ ଓ କେନ୍ଦ୍ର ଶାସିତ ପ୍ରଦେଶଙ୍କୁ ଅତ୍ୟନ୍ତ ବୃଦ୍ଧ ଓ ଗୁରୁତର ଅସୁସ୍ଥ କଏଦୀଙ୍କ ଶୀଘ୍ର ଅଥବା ଅବଧି ପୂର୍ବ ମୁକ୍ତି ଲାଗି ଏକ ନୀତି ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିରେ ରାଜ୍ୟ ଓ କେନ୍ଦ୍ର ଶାସିତ ପ୍ରଦେଶ ସରକାରମାନଙ୍କୁ ସୁପ୍ରିମକୋର୍ଟଙ୍କ ନିଷ୍ପତ୍ତି ତାରିଖରୁ ୩ ମାସ ମଧ୍ୟରେ ବ୍ୟାପକ ନୀତି ପ୍ରସ୍ତୁତ କରି ଅଧିସୂଚନା ଜାରି କରିବାକୁ ହେବ ବୋଲି କହିଛନ୍ତି। ସୁପ୍ରିମକୋର୍ଟଙ୍କ ବିଚାରପତି ଜଷ୍ଟିସ୍ ବିକ୍ରମ ନାଥ ଓ ଜଷ୍ଟିସ୍ ସନ୍ଦୀପ ମେହେଟ୍ଟାଙ୍କ ପୀଠ ଗୁରୁବାର କହିଛନ୍ତି ଯେ ନୀତିରେ ମୁକ୍ତିଲାଗି ପାତ୍ରତା ମାନଦଣ୍ଡ ଓ ପ୍ରକ୍ରିୟାତ୍ମକ ଢାଞ୍ଚାକୁ ସ୍ୱଷ୍ଟ ରୂପେ ପରିଭାଷିତ କରାଯିବା ଦରକାର।ଏଥିରେ ବନ୍ଦୀଙ୍କ ଅସୁସ୍ଥତା ବିଶେଷ କରି ଗୁରୁତର ରୋଗର ସ୍ୱଷ୍ଟ ଓ ସମାନ ପରିଭାଷା ପ୍ରଦାନ କରାଯିବା ଦରକାର ବୋଲି କହିଛନ୍ତି। ପୀଠ ଜାତୀୟ ବିଧି ସେବା ପ୍ରାଧିକରଣ (ଏନଏଏଲଏସଏ) ଦ୍ୱାରା ରୁଜୁ ଏକ ପିଟିସନ ଉପରେ ଏହି ରାୟ ଦେଇଛନ୍ତି। ଏଥିରେ ଗୁରୁତର ଅସୁସ୍ଥ ଅଥବା ୭୦ ବର୍ଷ ବୟସରୁ ଊର୍ଦ୍ଧ୍ୱ ବୟସ୍କ ବନ୍ଦୀଙ୍କୁ ଜାମିନରେ ମୁକ୍ତି କରିବାକୁ ଦାବି କରାଯାଇଥିଲା। ଜଷ୍ଟିସ୍ ମେହେଟ୍ଟା କହିଛନ୍ତି ଯେ ନୀତିକୁ ସମ୍ପର୍କିତ ରାଜ୍ୟ ବିଧିସେବା ପ୍ରାଧିକରଣ ସହିତ ପରାମର୍ଶ କରି ପ୍ରସ୍ତୁତ କରାଯିବା ଆବଶ୍ୟକ।ଏହା ଦ୍ୱାରା ସଂସ୍ଥାଗତ ସମନ୍ୱୟ ସୁନିଶ୍ଚିତ ହୋଇ ପାରିବା ସହ ଯୋଗ୍ୟ କୈଦୀଙ୍କ ପ୍ରଭାବୀ ଚିହ୍ନଟ ହୋଇ ପାରିବ। ଏଥିରେ କୁହାଯାଇଛି ଯେ ନୀତିକୁ ଶୀଘ୍ର ଅଥବା ଦୟାରେ ମୁକ୍ତି ଲାଗି ଆବେଦନ ପ୍ରସ୍ତୁତ କରିବା, ଯାଞ୍ଚ ଓ ସମାଧାନ ପ୍ରକ୍ରିୟାକୁ ସମୟବଦ୍ଧ, ପାରଦର୍ଶୀ ଓ ସୁଲଭ କରାଯିବା ଦରକାର। ପୀଠ କେନ୍ଦ୍ର, ରାଜ୍ୟ ଓ କେନ୍ଦ୍ର ଶାସିତ ପ୍ରଦେଶଙ୍କ ନ୍ୟାୟାଳୟଙ୍କୁ କୋର୍ଟଙ୍କ ନିର୍ଦ୍ଦେଶର ପ୍ରଭାବୀ ପାଳନ ନିମନ୍ତେ ଆବଶ୍ୟକ ବୈଷୟିକ ସହାୟତା, ଡିଜିଟାଲ ଭିତ୍ତିଭୂମି ଓ ଦକ୍ଷତା ବିକାଶ ସମର୍ଥନ ପ୍ରଦାନ କରିବାକୁ ଅନୁରୋଧ କରିଛନ୍ତି। ଏଥି ପାଇଁ କେନ୍ଦ୍ର, ରାଜ୍ୟ ଓ କେନ୍ଦ୍ର ଶାସିତ ପ୍ରଦେଶଙ୍କୁ ୬ ମାସ ମଧ୍ୟରେ ଅନୁପାଳନ ଆଫିଡେଭିଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି, ଯେଉଁଥିରେ ଅନୁପାଳନ ସ୍ଥିତିର ବିବରଣୀ ଦେବାକୁ କୁହାଯାଇଛି। ଗତବର୍ଷ ମେ ମାସରେ ସୁପ୍ରିମକୋର୍ଟ ଏନଏଏଲଏସଏଙ୍କ ଆବେଦନ ଶୁଣାଣି ଲାଗି ସହମତ ହୋଇଥିଲେ ଓ ଏଥିପାଇଁ କେନ୍ଦ୍ର ଏବଂ ଅନ୍ୟମାନଙ୍କ ପ୍ରତିକ୍ରିୟା ମାଗିଥିଲେ। ପିଟିନସରେ ୭୦ ବର୍ଷ ବୟସରୁ ଊର୍ଦ୍ଧ୍ୱ ଓ ଗୁରୁତର ଅସୁସ୍ଥ କୈଦୀଙ୍କୁ ମୁକ୍ତି କରିବା ପାଇଁ ନିର୍ଦ୍ଦେଶ ଜାରି କରିବାକୁ ଅନୁରୋଧ କରାଯାଇଥିଲା।



## ଇସ୍ରୋରେ ଚିନ୍ତା : ମହାକାଶ ଗବେଷଣା ସଂସ୍ଥା ଛାଡ଼ିଲେଣି ଶତାଧିକ ବୈଜ୍ଞାନିକ

ନୂଆଦିଲ୍ଲୀ, ୧୬।୭ : ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ)ର ଗଗନାୟନ ଓ ଚନ୍ଦ୍ରାୟନ -୩ ପରି ମହତ୍ୱାକାଂକ୍ଷୀ ଓ ଗୁରୁତ୍ୱପୂର୍ଣ୍ଣ ମିଶନ ସହିତ ଜଡ଼ିତ ବୈଜ୍ଞାନିକଙ୍କ ଇସ୍ତଫା ମହାକାଶ ବିଭାଗର ଚିନ୍ତା ବଢ଼ାଇ ଦେଇଛି। ଗତ କିଛି ମାସ ହେଲା ୧୦୦ରୁ ଅଧିକ ବୈଜ୍ଞାନିକ ଚାକିରି ଛାଡ଼ି ଦେଇଛନ୍ତି। ବିଭାଗ ବୈଜ୍ଞାନିକଙ୍କ ପଳାୟନ ରୋକିବାକୁ ବଡ଼ ପଦକ୍ଷେପ ନେଇଛି।ଜୁଲାଇ ୧୪ ତାରିଖରେ ଜାରି ଏକ ନୂଆ ବିଭାଗୀୟ ଚିଠି ଜରିଆରେ ବୈଜ୍ଞାନିକଙ୍କ ସ୍ୱେଚ୍ଛାକୃତ ସେବାନିବୃତ୍ତି (ଭିଆରଏସ୍) ଓ ଇସ୍ତଫାକୁ ନେଇ ରହିଥିବା ନିୟମକୁ ଅଧିକ କଠୋର କରାଯାଇଛି। ଟାଇମ୍ସ ଅଫ୍ ଇଣ୍ଡିଆ ରିପୋର୍ଟ ଅନୁଯାୟୀ, ମହାକାଶ ବିଭାଗ ବୈଜ୍ଞାନିକଙ୍କ ଚାକିରି ଛାଡ଼ିବା ଉପରେ କୌଣସି ସଂଖ୍ୟା ପ୍ରଦାନ କରିନାହିଁ। କିନ୍ତୁ ସୂତ୍ର ଅନୁସାରେ ଏହି ସଂଖ୍ୟା ୧୦୦ରୁ ୧୨୦ ଭିତରେ ହେବ। ୟୁଆରଏସସି (ୟୁଆର୍ ରାଓ ସାଟେଲାଇଟ ସେଣ୍ଟର)ରୁ ପାଖାପାଖି ୮୦ ଜଣ ଓ ଭିଏସ୍‌ଏସସି (ବିକ୍ରମ ସାରାଭାଇ ମହାକାଶ କେନ୍ଦ୍ର) ଅତିକମରେ ୨୦ ଜଣ ବୈଜ୍ଞାନିକ ଇସ୍ତଫା ଦେଇଛନ୍ତି। ଏହାବ୍ୟତୀତ ଅନେକ ଇସ୍ତଫା ଏବେ ତର୍ଜମା ପର୍ଯ୍ୟାୟରେ ରହିଛି। ସୂଚନାଯୋଗ୍ୟ, ୟୁଆରଏସସି ଇସ୍ରୋର ଏକ ପ୍ରମୁଖ କେନ୍ଦ୍ର, ଯାହା ସାଟେଲାଇଟ ଡିଜାଇନ୍, ବିକାଶ, ନିର୍ମାଣ ଓ ପରୀକ୍ଷଣ ସହିତ ଜଡ଼ିତ। ଅନ୍ୟପକ୍ଷରେ ଭିଏସ୍‌ଏସସି ରକେଟ ଟେକ୍ନୋଲୋଜି ଡିଜାଇନ ଓ ବିକାଶ ପାଇଁ ଏକ ପ୍ରମୁଖ କେନ୍ଦ୍ର। ଇସ୍ତଫା ପ୍ରଦାନକାରୀ ବୈଜ୍ଞାନିକଙ୍କ ମଧ୍ୟରେ ଭିଏସ୍‌ଏସସିରୁ ଏଲଭିଏମ୍-୩ ପ୍ରକଳ୍ପର ନିର୍ଦ୍ଦେଶକ ଭିକ୍ଟର ଯୋଶେଫ ଇସ୍ତଫା ଅଛନ୍ତି। ସେହିପରି ୟୁଆରଏସସିର ସ୍ପାଡେକ୍ସ ପ୍ରକଳ୍ପର ନିର୍ଦ୍ଦେଶକ ମଧ୍ୟ ଚାକିରି ଛାଡ଼ି ଦେଇଛନ୍ତି। ଐତିହାସିକ ଚନ୍ଦ୍ରାୟନ-୩ ମିସନର ଅଂଶ ଥିବା ଆଦିତ୍ୟ ରାଲାପଲ୍ଲୀ ମଧ୍ୟ ଇସ୍ତଫା ଦେଇଛନ୍ତି। ସେ ମିସନର ପ୍ରୋଜେକ୍ଟ ପରିଚାଳକ (ସିମୁଲେସନ) ଥିଲେ ଓ ତାଙ୍କ ଟିମ୍ ଚନ୍ଦ୍ରରେ ଅବତରଣକୁ ଭ୍ୟାଲିଡେଟ୍ କରିବାକୁ ୧ ଲକ୍ଷରୁ ଅଧିକ ପରୀକ୍ଷା କରି ପାଖାପାଖି ୨୫ ଟେରାବାଇଟ ଡାଟା ପ୍ରସ୍ତୁତ କରିଥିଲେ। ଇସ୍ତଫାର ଧାରାକୁ ଦେଖି ସରକାର ୨୦୨୦ରେ ଆଣିଥିବା ନୂଆ ନିୟମକୁ ବଦଳାଇ ଦେଇଛନ୍ତି। ପୂର୍ବରୁ ଇସ୍ରୋର ସେଣ୍ଟର ନିର୍ଦ୍ଦେଶକଙ୍କୁ ଗ୍ରୁପ 'ଏ' ର ବୈଷୟିକ ଓ ବୈଜ୍ଞାନିକ କର୍ମୀଙ୍କ ଇସ୍ତଫା ଓ ଭିଆରଏସ୍ ମଞ୍ଜୁର କରିବାର ଅଧିକାର ଥିଲା। କିନ୍ତୁ ନୂଆ ଆଦେଶ ପରେ ଗଗନାୟନ ଓ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ରାଷ୍ଟ୍ରୀୟ ମିଶନ ସହିତ ଜଡ଼ିତ ବୈଜ୍ଞାନିକଙ୍କ ଇସ୍ତଫା କେନ୍ଦ୍ରର ନିର୍ଦ୍ଦେଶକ ରୁଟିନ୍ ଅନୁଯାୟୀ କରିପାରିବେ ନାହିଁ। ଏବେ ଇସ୍ତଫା ପାଇଁ ନିର୍ଦ୍ଦେଶକଙ୍କ ସୁପାରିସ୍ ସହିତ ଚୂଡ଼ାନ୍ତ ନିଷ୍ପତ୍ତି ମହାକାଶ ବିଭାଗ ନିକଟକୁ ପଠାଇବାକୁ ପଡ଼ିବ। ରିପୋର୍ଟ ଅନୁଯାୟୀ ଇସ୍ରୋର ଅଧ୍ୟକ୍ଷ ଭି ନାରାୟଣନ ଇସ୍ତଫା କଥାକୁ ସ୍ୱୀକାର କରିଛନ୍ତି ଓ କହିଛନ୍ତି ଯେ, ଇସ୍ରୋ ଏହାର ମୁକାବିଲା କରିବାକୁ ପ୍ରସ୍ତୁତ। ରଣନୈତିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ତଥା ବଡ଼ ପ୍ରକଳ୍ପ ଯେପରି ବାଧାପ୍ରାପ୍ତ ହେବନାହିଁ ସେଥିପାଇଁ ଯେତେବେଳେ ଜଣେ ଇସ୍ତଫା ଦେଲେ ଅନ୍ୟ ଜଣେ ସେହି ଦାୟିତ୍ୱ ନେବାକୁ ଯେପରି ପ୍ରସ୍ତୁତ ଥିବେ,ସେ ଉପରେ ଗୁରୁତ୍ୱ ଦେବା ଦିଗରେ ଆମେ ଧ୍ୟାନ ଦେଉଛୁ। ଇସ୍ରୋରେ ବର୍ତ୍ତମାନ ୧୪,୬୦୦ରୁ ଅଧିକ କର୍ମଚାରୀ ଅଛନ୍ତି।



## ମମତାଙ୍କୁ ଝଟକା: ଟିଏମସି ସାଂସଦ କୋଏଲ ମଲ୍ଲିକ ଦେଲେ ରାଜ୍ୟସଭାରୁ ଇସ୍ତଫା



କୋଲକତା, ୧୬।୭ : ପଶ୍ଚିମବଙ୍ଗର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଟିଏମସି ମୁଖ୍ୟ ମମତା ବାନାର୍ଜୀଙ୍କୁ ଆଉ ଏକ ଝଟକା । ମମତାଙ୍କ ହାତ ଛାଡିଲେ ଟିଏମସିର ରାଜ୍ୟସଭା ସାଂସଦ ତଥା ଟଲିଉଡ ଲୋକପ୍ରିୟ ଅଭିନେତ୍ରୀ କୋଏଲ ମଲ୍ଲିକ । ତାଙ୍କ ଇସ୍ତଫା ପରେ ପଶ୍ଚିମବଙ୍ଗ ରାଜନୀତିରେ ନୂଆ ଚର୍ଚ୍ଚା ଦେଖିବାକୁ ମିଳିଛି । ରାଜ୍ୟସଭାରୁ ଇସ୍ତଫା ଦେବା ପରେ କୋଏଲ ମଲ୍ଲିକ କେନ୍ଦ୍ର ମନ୍ତ୍ରୀ ଭୂପେନ୍ଦ୍ର ଯାଦବଙ୍କୁ ସାକ୍ଷାତ କରିଛନ୍ତି । ପଶ୍ଚିମବଙ୍ଗ ସିନେମାର ଭେଟେରାନ ଅଭିନେତା ରଞ୍ଜିତ ମଲ୍ଲିକଙ୍କ ଝିଅ କୋଏଲ୍ ମଲ୍ଲିକ ଦୀର୍ଘ ୨୦ ବର୍ଷ ଧରି ପଶ୍ଚିମବଙ୍ଗ ସିନେ ଇଣ୍ଡଷ୍ଟ୍ରୀରେ ରାଜ କରୁଥିଲେ । ସିନେମା ନାୟିକା ଭାବେ ରାଜ୍ୟରେ ସେ ଖୁବ୍ ଲୋକପ୍ରିୟ ଥିବାରୁ ଟିଏମସି ଏହାର ଫାଇଦା ନେଇ ତାଙ୍କୁ ରାଜ୍ୟସଭା ପଠାଇଥିଲା। ତେବେ ଏହାରି ଭିତରେ ସାୟୋନୀ ଘୋଷ, ରଚନା ବାନାର୍ଜୀ, ମିମି ଚକ୍ରବର୍ତ୍ତୀ, ଦେବ, ରାଜ ଚକ୍ରବର୍ତ୍ତୀ, ଦେବଶ୍ରୀ ରୟ ଆଦି ଅନେକ ନେତା ଟିଏମସି ଛାଡ଼ି ଦେଇସାରିଲେଣି । ଆଉ ଏବେ ଟିଏମସି ରାଜ୍ୟସଭା ସାଂସଦ ତଥା ଲୋକପ୍ରିୟ ବଙ୍ଗୀୟ ଅଭିନେତ୍ରୀ କୋଏଲ୍ ମଲ୍ଲିକ ମଧ୍ୟ ରାଜ୍ୟସଭାରୁ ଇସ୍ତଫା ଦେଇଛନ୍ତି । ମାତ୍ର ୪ ମାସ ତଳେ କୋଏଲ୍ ଟିଏମସିରୁ ରାଜ୍ୟସଭାକୁ ଯାଇଥିଲେ । ସଂସଦର ମୌସୁମୀ ଅଧିବେଶନକୁ ଆଉ ମାତ୍ର ୪ ଦିନ ଥିବାରୁ କୋଏଲ ଇସ୍ତଫା ଦେଇଛନ୍ତି । ରାଜ୍ୟସଭାରେ ଟିଏମସି ସଦସ୍ୟ ସଂଖ୍ୟା ୧୩ ରୁ ମାତ୍ର ୯କୁ ଖସି ଆସିଛି ।

## ମୌଲାନାଙ୍କ ମନ୍ତବ୍ୟକୁ ନେଇ ବିବାଦ


## କହିଲେ, ଭଗବାନ ଶ୍ରୀକୃଷ୍ଣ ମୁସଲମାନ, ସେ ନମାଜ କରୁଥିଲେ

ନୂଆଦିଲ୍ଲୀ, ୧୬।୭ : ଉତ୍ତରପ୍ରଦେଶର ଜଣେ ମୁସଲିମ୍ ଧର୍ମଗୁରୁ ମୌଲାନା ଜରଜିସ ଅନସାରୀଙ୍କ ଏକ ବିବାଦୀୟ ମନ୍ତବ୍ୟକୁ ନେଇ ରାଜ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିବା ଏକ ଭିଡିଓରେ ସେ ଦାବି କରୁଥିବା ଦେଖାଯାଇଛି ଯେ, ଭଗବାନ ଶ୍ରୀକୃଷ୍ଣ ଜଣେ ମୁସଲିମ ଥିଲେ ଓ ସେ ନମାଜ ପାଠ କରୁଥିଲେ। ଏହି ମନ୍ତବ୍ୟ ପ୍ରକାଶ ପାଇବା ପରେ ବିଭିନ୍ନ ହିନ୍ଦୁ ସଂଗଠନ ଓ ରାଜନୈତିକ ଦଳ ପକ୍ଷରୁ କଡ଼ା ବିରୋଧ କରାଯାଇଛି। ଭାଇରାଲ ଭିଡିଓରେ ମୌଲାନା ଜରଜିସ ଅନସାରୀ କହୁଥିବା ଶୁଣିବାକୁ ମିଳିଛି ଯେ, ଶ୍ରୀକୃଷ୍ଣ ନମାଜ ପାଠ କରୁଥିଲେ ଏବଂ ତାଙ୍କ ଜୀବନଶୈଳୀ ଇସଲାମୀ ପରମ୍ପରା ସହ ମେଳ ଖାଉଥିଲା। ମୌଲାନା କହିଥିଲେ, ଗୀତାରେ ଅଛି: ଯୋଗୀ ଯୁଞ୍ଜୀତ ସତତମାତ୍ମାନଂ ରହସି ସ୍ଥିତଃ । ଏକାକୀ ଯତଚିତ୍ତାତ୍ମା ନିରାଶୀରପରିଗ୍ରହଃ । । ଅର୍ଥାତ୍, ଜଣେ ଯୋଗୀ ମନ ଓ ଶରୀରକୁ ବଶ କରି, କାମନା ରହିତ ଭାବରେ ଭୋଗ୍ୟବସ୍ତୁ ସଂଗ୍ରହର ଲାଳସା ତ୍ୟାଗ କରି, ଏକାନ୍ତରେ ବାସ କରି, ନିରନ୍ତର ଭଗବାନଙ୍କର ଧ୍ୟାନ କରିବା ଉଚିତ। ମୌଲାନା ଦାବି କରିଥିଲେ ଯେ, ଭଗବାନ୍ ଶ୍ରୀକୃଷ୍ଣ ସମଗ୍ର ଶରୀର ଦେଇ ଭଗବାନଙ୍କ ଉପାସନା କରିବାକୁ ଭକ୍ତମାନଙ୍କୁ କହୁଥିଲେ ଓ ସେ ନିଜେ ପାଞ୍ଚଥର ନମାଜ କରୁଥିଲେ। ଯଦି ମୋ କଥା ବିଶ୍ୱାସ ହେଉନି, ତେବେ ଗୀତାର ଷଷ୍ଠ ଅଧ୍ୟାୟର ଦଶମ ଶ୍ଳୋକ ଦେଖନ୍ତୁ। ତାଙ୍କର ଏହି ଦାବିକୁ ନେଇ ସାମାଜିକ ଗଣମାଧ୍ୟମରେ ତୀବ୍ର ଚର୍ଚ୍ଚା ଆରମ୍ଭ ହୋଇଛି। ଅନେକ ଲୋକ ଏହାକୁ ଧାର୍ମିକ ଭାବନାକୁ ଆଘାତ ପହଞ୍ଚାଇବା ଭଳି ମନ୍ତବ୍ୟ ବୋଲି କହିଛନ୍ତି।

## ସିପିଂ କମ୍ପାନୀକୁ ସରକାରଙ୍କ ପରାମର୍ଶ ଜାହାଜରେ ଭାରତୀୟଙ୍କୁ ମୁତୟନ କରନି

ନୂଆଦିଲ୍ଲୀ, ୧୬।୭: ଆମେରିକା-ଇରାନ ଯୁଦ୍ଧ କାରଣରୁ ବଢିଥିବା ବିବାଦ ପରେ ଏବେ ଷ୍ଟ୍ରେଟ୍ ଅଫ୍ ହର୍ମୁଜରେ ବହୁ ଭାରତୀୟଙ୍କ ମୃତ୍ୟୁ ପରେ ଭାରତ ସରକାର ଆକ୍ସନ ମୋଡରେ ଆସିଛନ୍ତି। ସରକାର ସିପିଂ କମ୍ପାନୀଙ୍କ ପାଇଁ ଏକ ଆଡଭାଇଜରୀ ଜାରି କରିଛନ୍ତି। ଏହା ସହ ପରାମର୍ଶ ଦେଇଛନ୍ତି ଏହି ରାସ୍ତାରେ ଯାଉଥିବା ଜାହାଜରେ କୌଣସି ଭାରତୀୟଙ୍କୁ ମୁତୟନ କରାନଯାଉ। ନିକଟରେ ଆମେରିକା-ଇରାନ ଭିତରେ ପୁଣିଥରେ ଆରମ୍ଭ ହୋଇଛି ସଂଘର୍ଷ। ଏହାକୁ ଦେଖି ସରକାର ଏଭଳି ପଦକ୍ଷେପ ଗ୍ରହଣ କରିଛନ୍ତି। ଡାଇରେକ୍ଟର ଜେନେରାଲ ଅଫ୍ ମ୍ୟାରିଟାଇମ୍ ଆଡମିନଷ୍ଟ୍ରେସନ୍ (ଡିଜିଏମ୍ଏ) ସିପ୍ ମାଲିକ, ସିପ୍ ମ୍ୟାନେଜର ଓ ଏଜେନ୍ସିକୁ ଏହି ଆଡଭାଇଜରୀ ଜାରି କରିଛନ୍ତି। ଏହା ଅନୁସାରେ, ସରକାର ସବୁ କମ୍ପାନୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଯେ, ଆଗାମୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ହର୍ମୁଜ ବାଟ ଦେଇ ଯାଉଥିବା କୌଣସି ଜାହାଜ ଉପରେ ଭାରତୀୟ ନାବିକଙ୍କୁ ମୁତୟନ କରିବାଠାରୁ ଦୂରେଇ ରୁହନ୍ତୁ। ଡିଜିଏମ୍ଏ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଏକ ପୋଷ୍ଟ ସେୟାର କରି କହିଛନ୍ତି, ଯୁଦ୍ଧ ପ୍ରଭାବିତ ଏହି କ୍ଷେତ୍ରରେ ବ୍ୟାପରିକ ଜାହାଜ ଉପରେ ଲଗାତାର ହେଉଥିବା ଆକ୍ରମଣକୁ ଦେଖି ଭାରତୀୟ ନାବିକଙ୍କ ସୁରକ୍ଷା ସୁନିଶ୍ଚ କରିବା ପାଇଁ ଏହି ନିଷ୍ପତ୍ତି ନିଆଯାଇଛି। ଡିଜିଏମ୍ଏ କହିଛନ୍ତି, ସରକାର ଉପସାଗରୀୟ ଦେଶରେ ଦ୍ରୁତ ଗତିରେ ବଦଳୁଥିବା ସ୍ଥିତି ଉପରେ ଲଗାତାର ନଜର ରଖିଛନ୍ତି।

## ମୁଁ ବିଜେପିର ପତନ ଦେଖିବାକୁ ନିଶ୍ଚିତ ଜୀବିତ ଥିବି: ମମତା



କୋଲକାତା, ୧୬।୭: ତୃଣ ମୂଳ କଂଗ୍ରେସ (ଟିଏମସି) ମୁଖ୍ୟ ମମତା ବାନାର୍ଜୀ ବିଜେପି ଉପରେ ବର୍ଷିଛନ୍ତି। କହିଛନ୍ତି ମୁଁ ବିଜେପିର ପତନ ଦେଖିବା ପର୍ଯ୍ୟନ୍ତ ନିଶ୍ଚିତ ଜୀବିତ ରହିବି। ବିଧାୟକ ମଦନ ମିତ୍ର ରତବ୍ରତ ବାନାର୍ଜୀଙ୍କ ବିରୋଧୀ ଗୋଷ୍ଠୀରେ ସାମିଲ ହେବା ପରେ ମମତା ଏପରି କହିଛନ୍ତି। ତେବେ ମିତ୍ର ଦଳ ଛାଡିବାକୁ ସେ ଏତେଟା ଗୁରୁତ୍ୱ ଦେଇ ନାହାନ୍ତି। କହିଛନ୍ତି ସେ ବିଧାନସଭାରେ କେବଳ ତାଙ୍କର କୋଠରୀ ବଦଳାଇଛନ୍ତି ଓ କହିଛନ୍ତି ସେ ଟିଏମସି ଏଥି ପାଇଁ ଛାଡିଛନ୍ତି ଯେ ଅଭିଷେକ ବାନାର୍ଜୀଙ୍କୁ ୬ ମାସ ଛୁଟି ଦେବାକୁ ତାଙ୍କ ଅନୁରୋଧ ଅସ୍ୱୀକାର କରାଯାଇଥିଲା। ତେବେ ମଦନ ମିତ୍ର ଗୋଷ୍ଠୀ ବଦଳାଇଦେବା ପ୍ରସଙ୍ଗରେ ମମତା କହିଛନ୍ତି ଯେ ସେ ଏହି ପଦକ୍ଷେପ ତାଙ୍କ ପତ୍ନୀ ଓ ପୁଅଙ୍କୁ ଇଡି ନୋଟିସ୍ ମିଳିବା ପରେ ନେଇଛନ୍ତି। ତେବେ ମିତ୍ରଙ୍କ ଏପରି ନିଷ୍ପତ୍ତି ପଛରେ ଅଭିଷେକ ବାନାର୍ଜୀଙ୍କ କୌଣସି ହାତ ନାହିଁ। ଏବେ ଅଭିଷେକ ବାନାର୍ଜୀଙ୍କୁ ଏକ ବାହାନା କରାଯାଉଛି।

## ଟ୍ରମ୍ପଙ୍କୁ ହତ୍ୟା ପାଇଁ ଇରାନର ବିଭିନ୍ନ ଛକରେ ବଡ଼ ବଡ଼ ହୋର୍ଡିଂ

### ଇଂରାଜୀ ଓ ପାର୍ସୀ ଭାଷାରେ ଧମକପୂର୍ଣ୍ଣ ଚେତାବନୀ




ନୂଆଦିଲ୍ଲୀ, ୧୬।୭: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ହତ୍ୟା କରିବାକୁ ଷଡ଼ଯନ୍ତ୍ର କରୁଛି ଇରାନ । ବିଭିନ୍ନ ଦାବି ମଧ୍ୟରେ, ଇରାନ କେନ୍ଦ୍ରୀୟ ତେହେରାନର ଆଙ୍ଗେଲାବ ସ୍କୋୟାରରେ ଏକ ବଡ଼ ବିଲବୋର୍ଡ ସ୍ଥାପନ କରିଛି। ଏଥିରେ ଟ୍ରମ୍ପଙ୍କୁ ଏକ କଫିନରେ ଶୋଇଥିବା ଦର୍ଶାଯାଇଛି। ରାସ୍ତା ମଝିରେ ବିଲ୍ବୋର୍ଡରେ ଦେଖାଯାଉଥିବା ଏହି କଫିନ ପଥଚାରୀଙ୍କ ଦୃଷ୍ଟି ଆକର୍ଷଣ କରୁଛି। ଏହା ଉଲ୍ଲେଖନୀୟ ଯେ ଇରାନ ଦୀର୍ଘ ସମୟ ଧରି ରାଜନୈତିକ ଯୋଗାଯୋଗର ଏକ ମାଧ୍ୟମ ଭାବରେ ସାର୍ବଜନୀନ ସ୍ଥାନଗୁଡ଼ିକୁ ବ୍ୟବହାର କରିଆସୁଛି, କିନ୍ତୁ ଫେବୃଆରୀ ୨୦୨୬ ଶେଷ ଭାଗରେ ଆମେରିକା-ଇସ୍ରାଏଲୀ ବାହିନୀ ବିରୁଦ୍ଧରେ ଯୁଦ୍ଧ ଆରମ୍ଭ ହେବା ପରଠାରୁ, ଏହା ତେହେରାନର ବିଭିନ୍ନ ଅଞ୍ଚଳରେ ବିପ୍ଳବୀ ପ୍ରତୀକ, ଯୁଦ୍ଧ ସ୍ମାରକୀ ଏବଂ ଆଦର୍ଶ ବାର୍ତ୍ତାକୁ ଦର୍ଶାଇ ବଡ଼ ବିଲବୋର୍ଡ ସ୍ଥାପନ କରିଆସୁଛି। ଇରାନ ଦ୍ୱାରା ଲଗାଯାଇଥିବା ଏକ ନୂତନ ବିଲବୋର୍ଡରେ ଆମେରିକା ରାଷ୍ଟ୍ରପତିଙ୍କ ଶରୀର ଏକ ଖୋଲା କଳା କଫିନରୁ ବାହାରକୁ ଉଙ୍କି ମାରୁଥିବା ଦେଖାଯାଉଛି। ତାଙ୍କ କେଶ ବିକ୍ଷିପ୍ତ, ତାଙ୍କ ଆଖି ଏବଂ ମୁହଁ ବନ୍ଦ, ଏବଂ ତାଙ୍କ ହାତ ତାଙ୍କ ପେଟରେ ବନ୍ଧା ହୋଇଥିବା ଏକ ଲାଲ ଟାଇ ଉପରେ ରହିଛି। ତାଙ୍କ ପାଦ ସିଧା କଫିନର ଅନ୍ୟ ମୁଣ୍ଡରେ ଅଛି। କଳା କଫିନରେ 'ଆମେ ଟ୍ରମ୍ପଙ୍କୁ ହତ୍ୟା କରିବୁ' ଭଳି ଧମକ ପାର୍ସୀ ଏବଂ ଇଂରାଜୀ ଉଭୟ ଭାଷାରେ ଲେଖାଯାଇଛି। ନ୍ୟୁୟର୍କ ପୋଷ୍ଟର ଏକ ରିପୋର୍ଟ ଅନୁଯାୟୀ, ବିଲବୋର୍ଡରେ ଥିବା ବାର୍ତ୍ତା ଗୁଡ଼ିକରେ ପୂର୍ବତନ ସର୍ବୋଚ୍ଚ ନେତାଙ୍କୁ ସହିଦ ଭାବରେ ବର୍ଣ୍ଣନା କରାଯାଇଛି ଏବଂ 'ମିନାବଙ୍କ ସନ୍ତାନ ମାନଙ୍କ ସ୍ମୃତିରେ ଏଭଳି ବାର୍ତ୍ତାକୁ ଅନ୍ତର୍ଭୁକ୍ତ କରାଯାଇଛି । ଇରାନରେ ବିଲବୋର୍ଡରେ ଧମକ ଦେବା କିମ୍ବା ଉପହାସ କରିବା କିଛି ନୂଆ କଥା ନୁହେଁ। ମେ ୨୦୨୬ ରେ, ଇରାନ ଟ୍ରମ୍ପଙ୍କ ପାଟି ସିଲେଇ ହୋଇଥିବା ଏକ ଦ୍ୱିଭାଷୀ ବିଲବୋର୍ଡ ସହିତ ଆମେରିକାକୁ ଟାର୍ଗେଟ କରିଥିଲା। ଏହା ଉପରେ ହରମୁଜ୍ ପ୍ରଣାଳୀର ଏକ ଫଟୋ ଥିଲା।


## କିଭ୍ ଉପରେ ରୁଷର ବାଲିଷ୍ଟିକ କ୍ଷେପଣାସ୍ତ୍ର ମାଡ଼

କିଭ, ୧୬।୭: ରୁଷ୍ ଗୁରୁବାର ୟୁକ୍ରେନର ରାଜଧାନୀ କିଭ ଉପରେ ବାଲିଷ୍ଟିକ କ୍ଷେପଣାସ୍ତ୍ର ମାଡ଼ କରିଛି। ଏହି ଆକ୍ରମଣ ପରେ ସହରର ବିଭିନ୍ନ ସ୍ଥାନରେ ବିସ୍ଫୋରଣର ଶବ୍ଦ ଶୁଣିବାକୁ ମିଳିଥିଲା। ୟୁକ୍ରେନ କର୍ତ୍ତୃପକ୍ଷ କହିଛନ୍ତି, ରୁଷ୍ ପକ୍ଷରୁ ଆଗାମୀ ସମୟରେ ଆହୁରି କ୍ଷେପଣାସ୍ତ୍ର ଓ ଡ୍ରୋନ୍ ଆକ୍ରମଣ ହୋଇପାରେ। ଏହାକୁ ଦୃଷ୍ଟିରେ ରଖି ସାରା ଦେଶରେ ସତର୍କତା ବଢ଼ାଯାଇଛି। ୟୁକ୍ରେନ ବାୟୁସେନା କହିଛି, ରୁଷ୍ ବାଲିଷ୍ଟିକ କ୍ଷେପଣାସ୍ତ୍ର ସହ ବିଭିନ୍ନ ପ୍ରକାରର ଆକ୍ରମଣ କରିଛି। ଆକାଶ ପ୍ରତିରକ୍ଷା ବ୍ୟବସ୍ଥା ଅନେକ କ୍ଷେପଣାସ୍ତ୍ର ଓ ଡ୍ରୋନକୁ ଧ୍ୱଂସ କରିଥିଲେ ମଧ୍ୟ କେତେକ ସ୍ଥାନରେ କ୍ଷତି ହୋଇଛି। କିଭରେ ବିସ୍ଫୋରଣ ପରେ ଜରୁରିକାଳୀନ ସେବା ଦଳକୁ ତୁରନ୍ତ ଘଟଣାସ୍ଥଳକୁ ପଠାଯାଇଥିଲା। କିଭ ସାମରିକ ପ୍ରଶାସନ ଲୋକଙ୍କୁ ଏୟାର୍ ରେଡ୍ ସାଇରନ୍ ବାଜିବା ମାତ୍ରେ ସୁରକ୍ଷିତ ସ୍ଥାନକୁ ଯିବାକୁ ପରାମର୍ଶ ଦେଇଛି।

### ସୌମ୍ୟରଞ୍ଜନ ଭିଡ଼ ହତ୍ୟା ମାମଲା

## ସଙ୍ଗୀନ୍ ଅଭିଯୋଗ ଆଣିଲେ ସୌମ୍ୟଙ୍କ ମା’

କଣ୍ଟାପଡା: ବାଲିଅନ୍ତାରେ ଜିଆରପି କନ୍‌ଷ୍ଟେବଳ ସୌମ୍ୟରଞ୍ଜନ ହତ୍ୟା ମାମଲା ଯେତେ ପୁରୁଣା ହେଉଛି ନୂଆ ନୂଆ ତଥ୍ୟ ପଦାକୁ ଆସୁଛି । ସୌମ୍ୟଙ୍କ ହତ୍ୟା ପଛରେ ଓମ୍ ପ୍ରକାଶ ରାଉତଙ୍କ ହାତ ଥିବା ନେଇ ସୌମ୍ୟଙ୍କ ମା’ କବିତା ସ୍ୱାଇଁ ଅଭିଯୋଗ କରିଛନ୍ତି । ସୌମ୍ୟଙ୍କୁ ହତ୍ୟା କରିବା ସମୟରେ ସେଠାରେ ଥିବା ସହଯୋଗୀ ଓମ୍‌ଙ୍କ ଉପସ୍ଥିତି ଓ



ଭିଡିଓରେ ଥିବା ସ୍ୱରକୁ ନେଇ ସନ୍ଦେହ ବଢୁଛି । ‘ୟାକୁ ଧରରେ, ବାଡ଼େଇ ମାରିଦିଅ । ୟାକୁ ଛାଡ଼ିଦେଲେ ଅସୁବିଧା ହୋଇଯିବ’ ବୋଲି ଭିଡିଓରେ କୁହାଯାଉଥିବା ଶୁଣିବାକୁ ମିଳୁଛି । ଏହି ସ୍ୱର ଓମ୍‌ର ବୋଲି ସୌମ୍ୟଙ୍କ ମା’ ଅଭିଯୋଗ କରିଛନ୍ତି । ଅନ୍ୟପକ୍ଷରେ ମାନବାଧିକାର କର୍ମୀ ଭଜମନ ବିଶ୍ୱାଳ, ସୌମ୍ୟଙ୍କ ଘର ଅଡ଼ଶପୁରସ୍ଥିତ ମଉଜପୁର ଠାରେ ପହଞ୍ଚି ମା’ ଓ ବାପାଙ୍କ ସହିତ ଆଲୋଚନା କରିଥିଲେ । ଯେଉଁ ତଥ୍ୟ ପାଇଥିଲେ ତାକୁ ଜାତୀୟ ମାନବାଧିକାର ଆୟୋଗଙ୍କ ନିକଟରେ ଦାଖଲ କରାଯିବ ବୋଲି କହିଛନ୍ତି । ଶ୍ରୀ ବିଶ୍ୱାଳଙ୍କ କହିବାନୁସାରେ, ହତ୍ୟା ପଛରେ ଓମ୍‌ଙ୍କ ହାତ ଥିବା ସନ୍ଦେହ କରାଯାଉଛି । କିନ୍ତୁ କ୍ରାଇମବ୍ରାଞ୍ଚ୍ ଅଦ୍ୟାବଧି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ । ଘଟଣା ଦିନ ଓମ୍ ଗଣମାଧ୍ୟମ, ପୁଲିସକୁ ଦେଇଥିବା ବୟାନକୁ ଏନ୍‌ଏଚ୍‌ଆରସି ଆୟୋଗଙ୍କ ଆଗରେ ବଦଳାଇଥିଲେ । ତେଣୁ ତାଙ୍କୁ ତଦନ୍ତ ପରିସରକୁ ନେବାକୁ ସେ ଦାବି କରିଛନ୍ତି ।

# ଗଜପତି ଜିଲ୍ଲା ଓ ସେସନ୍‌ସ କୋର୍ଟକୁ ବୋମା ଧମକ



ଭୁବନେଶ୍ୱର: ରାଜ୍ୟରେ ଏକାଧିକ କୋର୍ଟକୁ ବୋମାଧମକ ମିଳିଥିଲା । ଗୁରୁବାର ଗଜପତି ଜିଲ୍ଲାରେ ଏହାର ପୁନରାବୃତ୍ତି ଘଟିଛି । ପାରଳାଖେମୁଣ୍ଡିରେ ଥିବା ଜିଲ୍ଲା ଓ ସେସନ୍‌ସ କୋର୍ଟକୁ ଇମେଲ୍ ଯୋଗେ ବୋମା ଧମକ ମିଳିଛି । ଏହାପରେ ପୁଲିସ, ବୋମା ସ୍କ୍ୱାଡ୍ ପକ୍ଷରୁ କୋର୍ଟ ପରିସରକୁ ତନ୍ନତନ୍ନ କରି ଯାଞ୍ଚ କରାଯାଇଛି । ସୂଚନାନୁସାରେ, ଗୁରୁବାର ପୂର୍ବାହ୍ନ ୭ଟା ୫୮ରେ କୋର୍ଟ ରେଜିଷ୍ଟାରଙ୍କ ନିକଟକୁ ଏକ ଇମେଲ୍ ଆସିଥିଲା । ଇମେଲ୍‌ର ପ୍ରେରକ ନିଜକୁ ଦାଉଦୀ ଶଙ୍କର ଜୀବାଲ୍, ପପୁଲାର ଫ୍ରଣ୍ଟ୍ ଅଫ୍ ଇଣ୍ଡିଆ ବୋଲି ଦର୍ଶାଇଛି । ସବ୍‌ଜେକ୍ଟ ସ୍ଥାନରେ, ‘ଅପରାହ୍ଣ ୨ଟାରେ କୋର୍ଟ/ଜଜ୍ ଚାମ୍ବରରେ ୨୩ଟି ସାୟାଇଣ୍ଡ ଗ୍ୟାସ୍ ବୋମା ଫୁଟାଇବାକୁ ପୟଗମ୍ବର ମହମ୍ମଦଙ୍କୁ ଅପମାନ କରିଛନ୍ତି’ ବୋଲି ଉଲ୍ଲେଖ କରିଛି । ଏହି ମେଲ୍‌ରେ ଧମକ ଦିଆଯାଇଛି ଯେ ଅପରାହ୍ଣ ୧ଟା ୧୫ରେ କୋର୍ଟ ପରିସରରେ ବିସ୍ଫୋରଣ ହେବ । ‘ନକ୍ସଲବାଦୀ ଗୋଷ୍ଠୀମାନେ ଉଗ୍ର ଟଙ୍କା ପାଣ୍ଠିରେ ମିଳୁଥିବା ଚଳଚ୍ଚିତ୍ର କିପରି ପ୍ରଦର୍ଶିତ କରିବେ ତାହା ଜାଣି ନଥିଲେ, ତେଣୁ ସେମାନେ ଗୁରୁବାର ଆପଣଙ୍କ କୋର୍ଟକୁ ଟାର୍ଗେଟ୍ କରିବାକୁ ନିଷ୍ପତ୍ତି ନେଇଛନ୍ତି । ଅପରାହ୍ଣ ୧.୧୫ ପୂର୍ବରୁ ଯଥାସମ୍ଭବ ଜନସାଧାରଣଙ୍କୁ ରକ୍ଷା କରନ୍ତୁ । ଧମକପୂର୍ଣ୍ଣ ଇମେଲ୍ ନେଇ ରେଜିଷ୍ଟାର ପୁଲିସକୁ ସୂଚିତ କରିଥିଲେ । ପୁଲିସ ଟିମ୍ ପହଞ୍ଚି ସମଗ୍ର କୋର୍ଟକୁ ଖାଲି କରିଥିଲେ । ବିଭିନ୍ନ ସନ୍ଦିଗ୍ଧ ସ୍ଥାନରେ ଯାଞ୍ଚ କରିଥିଲେ । ବର୍ତ୍ତମାନ ସୁଦ୍ଧା କୋର୍ଟ ପରିସରରୁ କୌଣସି ସନ୍ଦିଗ୍ଧ ସାମଗ୍ରୀ କିମ୍ବା ବିସ୍ଫୋରକ ସାମଗ୍ରୀ ମିଳିନଥିବା ଜଣାଯାଇଛି ।

## ହାତୀ ଆକ୍ରମଣରେ ଛାତ୍ରଙ୍କ ମୃତ୍ୟୁ: କ୍ଷତିପୂରଣ ଦାବିରେ ଉତ୍ତେଜନା



ସୁନ୍ଦରଗଡ଼: ସୁନ୍ଦରଗଡ଼ ଜିଲ୍ଲାର ବିଶ୍ରା ବନଖଣ୍ଡ ଅନ୍ତର୍ଗତ ସନ୍ତୋଷପୁର ରିଜର୍ଭ ଫରେଷ୍ଟ ଅଞ୍ଚଳରେ ବୁଧବାର ବିଳମ୍ବିତ ରାତିରେ ଏକ ଦୁଃଖଦ ଘଟଣା ଘଟିଛି । ଜଙ୍ଗଲ ନିକଟରେ ହାତୀ ଆକ୍ରମଣରେ ଜଣେ ୧୬ ବର୍ଷୀୟ ନାବାଳକ ଛାତ୍ରଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ଜବାଘାଟ ଗ୍ରାମର ଡିଲେଶ୍ୱର ମାହାନ୍ତଙ୍କ ପୁଅ ଅଶୋକ ନାଥ ମାହାନ୍ତ (୧୬) । ସେ ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ । ସୂଚନା ଅନୁଯାୟୀ, ବୁଧବାର ରାତି ପ୍ରାୟ ତିନିଟା ସମୟରେ ଅଶୋକ ମୋବାଇଲ ଫୋନ୍ ନେଇ ଜଙ୍ଗଲ ନିକଟକୁ ଶୌଚ ପାଇଁ ଯାଇଥିଲେ । ସେହି ସମୟରେ ଏକ ବଣୁଆ ଦନ୍ତା ହାତୀ ହଠାତ୍ ତାଙ୍କ ଉପରେ ଆକ୍ରମଣ କରିଥିଲା । ଗୁରୁତର ଭାବରେ ଆହତ ହେବାରୁ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା । ଏହି ଘଟଣା ପରେ ମୃତକଙ୍କ ପରିବାରକୁ ଯଥୋଚିତ କ୍ଷତିପୂରଣ ଓ ସହାୟତା ପ୍ରଦାନ ଦାବିରେ ଆରଏସ କଲୋନୀ ଛକରେ କିଛି ସମୟ ପାଇଁ ଚାପା ଉତ୍ତେଜନା ଦେଖାଦେଇଥିଲା । ଖବର ପାଇ ବନ୍ଦମୁଣ୍ଡା ପୁଲିସ ଓ ବିଶ୍ରା ବନ ବିଭାଗର ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀ ଓ ମୃତକଙ୍କ ପରିବାର ସଦସ୍ୟଙ୍କ ସହ ଆଲୋଚନା କରି ସେମାନଙ୍କୁ ବୁଝାଇଥିଲେ । ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା । ପୁଲିସର ଉପସ୍ଥିତିରେ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଥିବା ବେଳେ, ଘଟଣାର ଅଧିକ ତଦନ୍ତ ଜାରି ରହିଛି ।

## କଟୁରୀରେ ହାଣି ୪ ବର୍ଷର ପୁଅକୁ ହତ୍ୟାକଲା ବାପା

ବାରିପଦା: ମୟୂରଭଞ୍ଜ ଜିଲ୍ଲାରେ ଘଟିଛି ଏକ ହୃଦୟବିଦାରକ ଘଟଣା । ଜଣେ ବାପା ନିଜର ୪ ବର୍ଷର ପୁଅକୁ କଟୁରୀରେ ହାଣି ହତ୍ୟା କରିଥିବା ଅଭିଯୋଗ ହୋଇଛି । ଏହି ଅଭାବନୀୟ ଘଟଣା ଶରତ ଥାନା ଅନ୍ତର୍ଗତ ପୁରୁଣାପାଣି ଗାଁରେ ଘଟିଛି । ମୃତ ନାବାଳକଙ୍କ ନାମ ଦୁମ୍ବି ସିଂ ବୋଲି ଜଣାପଡ଼ିଛି । ଅଭିଯୋଗ ଅନୁସାରେ, ବାପା ସୋହନ ସିଂ କୌଣସି କାରଣରୁ ଉତ୍ତ୍ୟକ୍ତ ହୋଇ କଟୁରୀରେ ପୁଅକୁ ଆକ୍ରମଣ କରିଥିଲେ । ଘଟଣାସ୍ଥଳରେ ହିଁ ଶିଶୁଟିର ମୃତ୍ୟୁ ହୋଇଥିଲା । ଏତିକିରେ ଅଭିଯୁକ୍ତ ଅଟକି ନଥିଲା । ପୁଅକୁ ହତ୍ୟା କରିବା ପରେ ମୃତଦେହକୁ ଘର ଭିତରେ ରଖି କବାଟ ବନ୍ଦକରି ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ସୂଚନା ମିଳିଛି । ଖବର ପାଇ ଶରତ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି । ଫେରାର ଅଭିଯୁକ୍ତ ସୋହନ ସିଂଙ୍କୁ ଧରିବା ପାଇଁ ପୋଲିସ ତଲାସି ଜାରି ରଖିଛି । ହତ୍ୟା ପଛର କାରଣ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନଥିବାବେଳେ ପୋଲିସ ସମସ୍ତ ଦିଗକୁ ନେଇ ତଦନ୍ତ କରୁଛି । ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଗଭୀର ଶୋକ ଓ ଚାଞ୍ଚଲ୍ୟ ସୃଷ୍ଟି କରିଛି ।

## ଶ୍ୱାସରୁଦ୍ଧ ହୋଇ ଦୁଇ ମୃତ, ଜଣେ ଗୁରୁତର

କୋରାପୁଟ: କୋରାପୁଟଜିଲ୍ଲା କୋଟପାଡ଼ ବ୍ଲକ ଚାନ୍ଦିଲି ଗାଁରେ ଘଟିଛି ଅଭାବନୀୟ ଘଟଣା । ନିର୍ମାଣାଧୀନ ପାଇଖାନା ଟାଙ୍କିରେ ଶ୍ୱାସରୁଦ୍ଧ ହୋଇ ଦୁଇ ଜଣ ଶ୍ରମିକଙ୍କ ମୃତ୍ୟୁ ହୋଇଥିବାବେଳେ ଜଣେ ଗୁରୁତର ହୋଇଛନ୍ତି । ଗୁରୁତର ଜଣଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ତେବେ ମୃତକଙ୍କ ମଧ୍ୟରେ ଜଣେ ହେମନ୍ତ ଠାକୁର ଏବଂ ଅନ୍ୟ ଜଣେ ହରଣ ପ୍ରତ୍ୟାଶା ଥିବା ଜଣାପଡିଛି । ଘଟଣାସ୍ଥଳରେ ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି ।

## ପୋଖରୀରେ ବୁଡ଼ି ଯୁବକଙ୍କ ମୃତ୍ୟୁ

ସୋର: ବାଲେଶ୍ୱର ଜିଲ୍ଲା ସୋର ଥାନା ଅନ୍ତର୍ଗତ ଗୋବିନ୍ଦପୁର ଗାଁରେ ଘଟିଛି ଏକ ଦୁଃଖଦ ଘଟଣା । ଶୌଚ ପାଇଁ ଘର ନିକଟସ୍ଥ ପୋଖରୀକୁ ଯାଇଥିବାବେଳେ ଜଣେ ଯୁବକଙ୍କର ପୋଖରୀରେ ବୁଡ଼ି ମୃତ୍ୟୁ ଘଟିଛି । ମୃତକ ହେଲେ ଗୋବିନ୍ଦପୁର ଗାଁର ସୁଶାନ୍ତ ପ୍ରଧାନ । ସୂଚନା ଅନୁଯାୟୀ, ସକାଳ ସମୟରେ ସୁଶାନ୍ତ ଘର ନିକଟରେ ଥିବା ପୋଖରୀକୁ ଯାଇଥିଲେ । ସେଠାରେ ଅସାବଧାନତାବଶତଃ ତାଙ୍କର ଗୋଡ଼ ଖସିଯିବାରୁ ସେ ପୋଖରୀର ଗଭୀର ପାଣିରେ ବୁଡ଼ି ଯାଇଥିଲେ । ଦୀର୍ଘ ସମୟ ଧରି ସେ ଘରକୁ ଫେରି ନଥିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ । ପରେ ସୋର ଅଗ୍ନିଶମ ବିଭାଗକୁ ଖବର ଦିଆଯାଇଥିଲା । ଅଗ୍ନିଶମ କର୍ମଚାରୀମାନେ ପୋଖରୀରେ ଖୋଜାଖୋଜି କରି ସୁଶାନ୍ତଙ୍କୁ ଉଦ୍ଧାର କରି ସୋର ଡାକ୍ତରଖାନାକୁ ନେଇଥିଲେ । ତେବେ ସେଠାରେ ଡାକ୍ତର ସୁଶାନ୍ତଙ୍କୁ ମୃତ ଘୋଷଣା କରିଥିଲେ । ଏହି ଅଘଟଣ ପରେ ଗାଁରେ ଶୋକର ଛାୟା ଖେଳିଯାଇଛି । ପରିବାର ଲୋକଙ୍କ କାନ୍ଦବୋବାଳିରେ ପରିବେଶ ଭାରାକ୍ରାନ୍ତ ହୋଇପଡ଼ିଛି । ସ୍ଥାନୀୟ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି ।

## ନକଲି ଧୂରନ୍ଧରକୁ ବାନ୍ଧିଲା ପୋଲିସ

ବ୍ରହ୍ମପୁର: ସାଧାରଣ ଲୋକଙ୍କୁ ନୁହେଁ, ଏସ୍‌ପି, ଉପଜିଲ୍ଲାପାଳଙ୍କୁ ଦୁଇଜଣ ଦେଖାଇଲେ ଜାଲ୍ ପରିଚୟପତ୍ର । ନିଜକୁ ଇନ୍‌ଟେଲିଜେନ୍ସ ବ୍ୟୁରୋ (ଆଇବି) ଏବଂ ରିସର୍ଚ୍ଚ ଏଣ୍ଡ୍ ଆନାଲିସିସ୍ ୱିଙ୍ଗ୍(ର) ଏଜେଣ୍ଟ ବୋଲି ପରିଚୟ ଦେଲେ । ବ୍ରହ୍ମପୁର ଏସ୍‌ପି ଉଭୟଙ୍କ ଉପରେ ସନ୍ଦେହ ପ୍ରକଟ କରି ଥାନାକୁ ତଦନ୍ତ ପାଇଁ ନିର୍ଦ୍ଦେଶ ଦେବା ପରେ ଦୁଇଜଣ ଧରାପଡିଛନ୍ତି । ବ୍ରହ୍ମପୁର ବୈଦ୍ୟନାଥପୁର ଥାନା ଦୁଇଜଣଙ୍କୁ ଗିରଫ କରିଛି । ଆନ୍ଧ୍ରପ୍ରଦେଶ ପଲାସା ଥାନା ବ୍ରାହ୍ମଣତରଙ୍ଗ ଗ୍ରାମର ଦୁର୍ଗା ପ୍ରସାଦ ବ୍ରହ୍ମା ଓ ଆଙ୍କୁଲିର ପ୍ରଦୀପ କୁମାର ମଣ୍ଡଳଙ୍କୁ ବ୍ରହ୍ମପୁର ବୈଦ୍ୟନାଥପୁର ଥାନା ପୁଲିସ ଗିରଫ କରିଥିବା ବ୍ରହ୍ମପୁର ଏସ୍‌ପି ଡା. ସରବଣା ବିବେକ ଏମ୍ ପ୍ରେସ ବିବୃତିରେ ସୂଚନା ଦେଇଛନ୍ତି । ଉଭୟ ଅବସରପ୍ରାପ୍ତ ସେନା କର୍ମଚାରୀ । ସେମାନଙ୍କୁ ପଚରାଉଚରା କରାଯାଉଛି । ସମ୍ପତ୍ତି ବିବାଦର ସମାଧାନ ପାଇଁ ଉଭୟ ଏଭଳି କରିଥିବା ଜଣାଯାଇଛି । ଆଙ୍କୁଲିର ପ୍ରଦୀପ ମଣ୍ଡଳ ସେନାରେ କାମ କରିବା ସମୟରେ ବାହାରେ ରହୁଥିଲେ । ସେହି ସମୟରେ ତାଙ୍କ ଭାଇମାନେ ତାଙ୍କୁ ପୈତୃକ ସମ୍ପତ୍ତି ମାଲିକାନାରୁ ବାଦ ଦେଇଥିଲେ । ଉତ୍ତରାଧିକାରୀ ପ୍ରମାଣପତ୍ରରେ ତାଙ୍କ ନାମ ମଧ୍ୟ ନଥିଲା । ସେ ବ୍ରହ୍ମପୁର ଫେରିବା ପରେ ଏ ସମ୍ପର୍କରେ ଜାଣିଥିଲେ । ପୈତୃକ ସମ୍ପତ୍ତି ଫେରି ପାଇବା ପାଇଁ ସମସ୍ତ ପ୍ରକାର ଉଦ୍ୟମ କରିଥିଲେ ପ୍ରଦୀପ । ସେ ତାଙ୍କ ବନ୍ଧୁ ଦୁର୍ଗାଙ୍କୁ ଡାକି ସହାୟତା ମାଗିଥିଲେ । ଏଥିପାଇଁ ସେମାନେ ଯୋଜନାବଦ୍ଧ ଭାବେ ପରିଚୟପତ୍ର ପ୍ରସ୍ତୁତ କରିଥିଲେ । ବ୍ରହ୍ମପୁର ଉପଜିଲ୍ଲାପାଳଙ୍କୁ ଭେଟି ଦୁର୍ଗା ନିଜକୁ ‘ର’ ଏଜେଣ୍ଟ ଏବଂ ପ୍ରଦୀପ ନିଜକୁ ଆଇବି ଏଜେଣ୍ଟ ବୋଲି ପରିଚୟ ଦେଇଥିଲେ । ପରେ ସେମାନେ ଭିଜିଲାନ୍ସ ଅଫିସକୁ ଯାଇ ମଧ୍ୟ ନିଜକୁ ସେହିଭଳି ପରିଚିତ କରାଇଥିଲେ । ପରବର୍ତ୍ତୀ ସମୟରେ ଉଭୟ ବ୍ରହ୍ମପୁର ଏସ୍‌ପି ଡା. ସରବଣା ବିବେକ ଏମ୍‌ଙ୍କୁ ସାକ୍ଷାତ କରି ଆଇବି ଓ ର ଏଜେଣ୍ଟ ବୋଲି ପରିଚୟ ଦେବା ପରେ ସେ ସନ୍ଦେହ କରିଥିଲେ । ସେମାନେ କଥା ହୋଇ ଫେରିବା ପରେ ଉଭୟଙ୍କ ସମସ୍ତ କାଗଜପତ୍ର ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ପୁଲିସ ଉଭୟଙ୍କୁ ଥାନାକୁ ଡାକି ପଚରାଉଚରା କରିବା ପରେ ସେମାନେ ସମ୍ପତ୍ତି ବିବାଦର ସମାଧାନ କରିବାକୁ ଏଭଳି ପରିଚୟ ଦେଉଥିଲେ ବୋଲି ଜଣାପଡ଼ିଥିଲା । ଏଏସ୍‌ଆଇ ଅନନ୍ତ ପ୍ରଧାନ ଉଭୟଙ୍କ ନାମରେ ଏତଲା ଦେବା ପରେ ପୁଲିସ ମାମଲା ରୁଜୁକରି ଏହାର ତଦନ୍ତ କରିବା ସହ ପ୍ରଦୀପ ଓ ଦୁର୍ଗାଙ୍କୁ ଗିରଫ କରିଛି ।

# ପାଣି ମିଟର ପୁଣି ଚୋରି: ପୋଲିସ ନିରବ !



ଖଣ୍ଡପଡ଼ା(ନିପ୍ର): ଗତ କିଛିଦିନ ତଳେ ଖଣ୍ଡପଡା ସହରର ବିଭିନ୍ନ ସ୍ଥାନରୁ ଲୁଟେରାମାନେ ବାସଗୃହକୁ ସଂଯୋଗ ହୋଇଥିବା ପାଣି ପାଇପ ଲାଇନରୁ ୩୯ଟି ମିଟର ଚୋରିକରି ନେଇଥିଲେ । ଏ ସଂପର୍କରେ ଖଣ୍ଡପଡ଼ା ଜନସ୍ୱାସ୍ଥ୍ୟ ବିଭାଗ ସହକାରୀ ନିର୍ବାହୀଯନ୍ତ୍ରୀ ଇଂ ତ୍ରିଲୋଚନ ବେହେରା ଖଣ୍ଡପଡ଼ା ଥାନାରେ ଲିଖିତ ଅଭିଯୋଗ କରିଥିଲେ ହେଁ ପୁଲିସ ସେଥିପ୍ରତି ଦୃଷ୍ଟି ନ ଦେଇ ନିରବଦ୍ରଷ୍ଟା ସାଜିଥିବା ଅଭିଯୋଗ ହେଉଛି । ଏହାର ସୁଯୋଗ ନେଇ ଲୁଟେରାମାନେ ପୁଣି ସକ୍ରୀୟ ହୋଇଉଠି ବୁଧବାର ରାତିରେ ପୁର୍ନବାର ୧୦, ୧୨ ଓ ୧୩ ୱାର୍ଡର ବିଭିନ୍ନ ସ୍ଥାନରୁ ପାଣି ପାଇପ କାଟି ୪୮ଟି ମିଟର ଚୋରିକରି ନେଇଥିବା ଜଣାପଡିଛି । ଫଳରେ ସହରର ଏକାଧିକ ବାସଗୃହକୁ ପାନୀୟଜଳ ଯୋଗାଣ ଗୁରୁବାର ବ୍ୟାହତ ହୋଇଥିବା ବିଭାଗୀୟ କାର୍ଯ୍ୟାଳୟ ସୂତ୍ରରୁ ଜଣାଯାଇଛି । ତେବେ ପୁନର୍ବାର ପାଇପ ଲାଇନ ମରାମତି କରି ବାସଗୃହଗୁଡିକୁ ପାନୀୟଜଳ ଯୋଗାଇ ଦେବା ପାଇଁ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରୟାସ ଜାରି ରହିଥିଲେ ହେଁ ଏହି ଘଟଣା ବିଭାଗୀୟ କର୍ତ୍ତୃପକ୍ଷଙ୍କ ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟିଥିବା ଜଣାପଡିଛି । ଅପରପକ୍ଷେ ଖଣ୍ଡପଡା ସହରରେ ପୁଲିସ ପକ୍ଷରୁ ରାତ୍ରକାଳୀନ ପାଟ୍ରୋଲିଂ ବ୍ୟବସ୍ଥା କଡାକଡି ହେଉନଥିବା ଅଭିଯୋଗ ହେଉଛି । ଏହାର ସୁଯୋଗ ନେଇ ଲୁଟେରା ଓ ଅସାମାଜିକ ଯୁବକମାନେ ବିଳମ୍ବିତ ରାତିରେ ବେଶ ସକ୍ରିୟ ହୋଇଉଠି ଲୁଟପାଟ କରୁଥିବା ଜଣାପଡିଛି । ଏ ଦିଗରେ ଖଣ୍ଡପଡ଼ା ଥାନାଧିକାରୀ ଓ ଏସଡିପିଓ ଦୃଷ୍ଟି ଦେବାକୁ ସହରବାସୀ ଦାବି କରିଛନ୍ତି ।

## ରାସ୍ତା ପାର ହେଉଥିବା ବେଳେ ଧକ୍କା ଦେଲା ଟ୍ରକ: ଦମ୍ପତି ମୃତ

ବ୍ରହ୍ମପୁର: ବ୍ରହ୍ମପୁର ନିକଟ ରଣ୍ଡା ଜାତୀୟ ରାଜପଥରେ ଭୟଙ୍କର ଦୁର୍ଘଟଣା ଘଟିଛି । ରାସ୍ତା ପାର ହେଲା ବେଳେ ଟ୍ରକ ଦେଲା ଧକ୍କା । ଟ୍ରକ ଧକ୍କାରେ ଦମ୍ପତିଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ସ୍ୱାମୀ ହରିଶ୍ଚନ୍ଦ୍ର ଦାସ ଓ ସ୍ତ୍ରୀ ପରି ଦାସ । ଦୁର୍ଘଟଣା ପରେ ଉତ୍ତେଜନା ଦେଖା ଦେଇଛି । ଗୋଳନ୍ଥରା ଥାନା ଅଧିନସ୍ଥ ରଣ୍ଡା ସାହିର ହରିଶ୍ଚନ୍ଦ୍ର ଦାସ ଓ ସ୍ତ୍ରୀ ପରି ଦାସ ବୁଧବାର ସକାଳେ ଜାତୀୟ ରାଜପଥ ପାର ହୋଇ ଡାକ୍ତରଖାନାକୁ ଯାଉଥିଲେ । ଏହି ସମୟରେ ଦମ୍ପତିଙ୍କୁ ପ୍ରଥମେ କାର ପରେ ଟ୍ରକ ଧକ୍କା ଦେଇଥିଲା । ଘଟଣା ସ୍ଥଳରେ ହରିଶ୍ଚନ୍ଦ୍ର ଓ ପରି ଦାସଙ୍କ ମୃତ୍ୟୁ ହୋଇଥିଲା । ଘଟଣା ସ୍ଥଳରେ ଗୋଳନ୍ଥରା ପୋଲିସ ଓ ଅନ୍ୟ ପୋଲିସ ଅଧିକାରୀ ପହଞ୍ଚ ଘଟଣାର ତଦନ୍ତ କରୁଛନ୍ତି । ତେବେ ଏହି ଘଟଣା ପରେ କ୍ଷତି ପୂରଣ ଓ ଓଭରବ୍ରିଜ ନିର୍ମାଣ ଦାବିରେ ଅଞ୍ଚଳବାସୀଙ୍କ ପକ୍ଷରୁ ୧୬ ନମ୍ବର ଜାତୀୟ ରାଜପଥରେ ଟାୟାର ଜାଳି ଅବରୋଧ କରିଥିଲେ । ପୁଲିସ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥିଲା ।

## ଲାଞ୍ଚ ନେଇ ରାଜସ୍ୱ ନିରୀକ୍ଷକ ଗଲେ ଜେଲ୍

ଜୟପୁର: ରାୟଗଡ଼ା ଜିଲ୍ଲା ଗୁଣୁପୁର ତହସିଲର ସିରିଝୁଲି ଆରଆଇ ସୁଶାନ୍ତ ମଲ୍ଲିକ ଏକ ମ୍ୟୁଟେସନ ମାମଲାରେ ତଦନ୍ତ ରିପୋର୍ଟ ଦାଖଲ କରିବା ଏବଂ ତାଙ୍କ ପୈତୃକ ଜମିର(ଜମି ପଟା) ତାଙ୍କ ସପକ୍ଷରେ ପ୍ରଦାନ କରିବା ପାଇଁ ଜଣେ ଆବେଦନକାରୀଙ୍କ ଠାରୁ ୨୫,୦୦୦ ଟଙ୍କା ଲାଂଚ ଦାବି କରୁଥିବା ଏବଂ ନେଉଥିବା ସମୟରେ ଓଡ଼ିଶା ଭିଜିଲାନ୍ସ ଦ୍ୱାରା ଗିରଫ କରାଯାଇଛି । ଏନେଇ ଗୁରୁବାର ସନ୍ଧ୍ୟାରେ କୋର୍ଟଚାଲାଣ କରିଛନ୍ତି । କୋର୍ଟ ଟଙ୍କା ଜାମିନ ଖାରଜ କରି ଜେଲ୍ ହାଜତକୁ ପଠାଇ ଦେଇଛନ୍ତି । ଲାଂଚ ନେଇ ବୁଧବାର ଗିରଫ ହୋଇଥିଲେ ରାଜସ୍ୱ ନିରୀକ୍ଷକ । ଆବେଦନକାରୀ ଉପରୋକ୍ତ ଉଦ୍ଦେଶ୍ୟ ପାଇଁ ସରକାରଙ୍କ ନିୟମ ଅନୁଯାୟୀ ଅନଲାଇନରେ ଆବେଦନ କରିଥିଲେ ଏବଂ ଆବଶ୍ୟକ ଫି ଜମା କରିଥିଲେ । କିନ୍ତୁ, ଅଭିଯୁକ୍ତ ଆରଆଇ ଶ୍ରୀ ମଲ୍ଲିକ ବିନା କାରଣରେ ପ୍ରକ୍ରିୟାରେ ବିଳମ୍ବ କରୁଥିଲେ । ବରଂ ଅଭିଯୁକ୍ତ ଆରଆଇ ଶ୍ରୀ ମଲ୍ଲିକ ୨୫,୦୦୦ ଟଙ୍କା ଲାଂଚ ଦାବି କରିଥିଲେ । ଏହା ଆବେଦନକାରୀ (ଅଭିଯୋଗକାରୀ)ଙ୍କୁ ଶ୍ରୀ ମଲ୍ଲିକଙ୍କ ଦ୍ୱାରା ହଇରାଣ ହରକତ ଅଭିଯୋଗ କରି ଭିଜିଲାନ୍ସ କର୍ତ୍ତୃପକ୍ଷଙ୍କୁ ରିପୋର୍ଟ କରିବାକୁ ପ୍ରଲୋଭିତ କରିଥିଲା । ଏହାପରେ ଆଜି ଓଡ଼ିଶା ଭିଜିଲାନ୍ସର ଏକ ଟିମ୍ ଶ୍ରୀ ମଲ୍ଲିକଙ୍କୁ ତାଙ୍କ କାର୍ଯ୍ୟାଳୟ ରୁମରେ ଅଭିଯୋଗରୁ ୨୫,୦୦୦ ଟଙ୍କା ଲାଂଚ ନେଉଥିବା ସମୟରେ ଗିରଫ କରିଥିଲା । ଅଭିଯୁକ୍ତ ଶ୍ରୀ ମଲ୍ଲିକଙ୍କ ଠାରୁ ଲାଞ୍ଚ ଟଙ୍କା ୨୫,୦୦୦ ଟଙ୍କା ଉଦ୍ଧାର କରାଯାଇ ଜବତ କରାଯାଇଛି ।

## ଗଳା କାଟିବା ଓ ମୋଟରସାଇକେଲ ଚୋରି କରିବା ଘଟଣା: ଅଭିଯୁକ୍ତ ଗିରଫ

ଗଞ୍ଜାମ: ନିମଖଣ୍ଡି ପୋଲିସ ରିପୋର୍ଟ କରିବାର କିଛି ଘଣ୍ଟା ମଧ୍ୟରେ ଏକ ମାମଲା ଚିହ୍ନଟ କରିଛି, ଯାହା ଫଳରେ ଜଣେ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି । ୧୪ ତାରିଖ ଅପରାହ୍ନ ୧ଟାରେ ନିମାଖଣ୍ଡି ପୋଲିସ ମାମଲା ନଂ. ୨୨୫/୨୦୨୬ ଧାରା ୧୨୬(୨)/ ୧୧୮(୧)/ ୧୧୮(୨)/ ୩୦୯(୬)/ ୧୦୯(୧) ବିଏନଏସ ଅଧୀନରେ ଶ୍ରୀମତୀ ସୁନିତା ନାହାକ (୨୫), ପତ୍ନୀ ଅଶୋକ ନାହାକ, ପୁରୁଣା ଖଜୁରିଆ, ଥାନା ଜି. ନୂଆଗାଁର ଲିଖିତ ରିପୋର୍ଟ ଆଧାରରେ ପଞ୍ଜିକୃତ ହୋଇଥିଲା । ଅଭିଯୋଗ ଅନୁଯାୟୀ, ୧୩.୦୭.୨୦୨୬ ସନ୍ଧ୍ୟା ପ୍ରାୟ ୭:୦୦ ଟାରେ ଫୁଲଟା ନିକଟରେ, ପୀଡିତ ଅଶୋକ ନାହାକ ତାଙ୍କ ମୋଟରସାଇକେଲ (ନମ୍ବର ଓଆର୦୭ଏକ୍ସ-୯୩୦୨) ରେ ଘରକୁ ଫେରୁଥିବା ବେଳେ ଜଣେ ଅଜଣା ବ୍ୟକ୍ତି ତାଙ୍କୁ ଲିଫ୍ଟ ମାଗି ଅଟକାଇଥିଲେ । ଯେତେବେଳେ ଅଶୋକ ନାହାକ ଲିଫ୍ଟ ଦେଲେ, ସେହି ବ୍ୟକ୍ତି ବାଇକ୍ ଉପରେ ବସି ହଠାତ୍ ଏକ ଛୁରୀ ନେଇ ହତ୍ୟା କରିବା ଉଦ୍ଦେଶ୍ୟରେ ତାଙ୍କ ବେକ କାଟି ମୋଟରସାଇକେଲ ନେଇ ପଳାଇଗଲେ । ଆହତଙ୍କୁ ଚିକିତ୍ସା ପାଇଁ ବ୍ରହ୍ମପୁରର ଏମକେସିଜି ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା । ନିମାଖଣ୍ଡି ପୋଲିସ ଦଳ ଘଟଣାସ୍ଥଳ ପରିଦର୍ଶନ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ । ଶ୍ରୀକାକୁଲମ ଜିଲ୍ଲାର ଆନ୍ଧ୍ର ପୋଲିସ ସହିତ ସମନ୍ୱୟ ରଖି, ଅଜଣା ଅଭିଯୁକ୍ତଙ୍କୁ ଧର୍ମ ଓରଫ ପପୁ ସାହୁ (୨୫), ଲାଞ୍ଜିପାଲି ଗ୍ରାମର ହରି ସାହୁଙ୍କ ପୁଅ, ଗଣେଶ ନଗର, ତୃତୀୟ ଲେନ୍, ପିଏସ୍ ବି.ଏନ୍. ପୁର ଭାବରେ ଚିହ୍ନଟ କରାଯାଇଥିଲା । ଏଫଆଇଆର୍ ରିପୋର୍ଟ ହେବାର କିଛି ଘଣ୍ଟା ମଧ୍ୟରେ ଅଭିଯୁକ୍ତକୁ ପଲାସାରେ ଗିରଫ କରାଯାଇଥିଲା । ସେ ଅପରାଧ ସ୍ୱୀକାର କରିଥିଲା ଏବଂ ଜବତ ମୋଟରସାଇକେଲର ଡିକିରୁ ଛୁରୀ ଉଦ୍ଧାର ହୋଇଥିଲା । ସାକ୍ଷୀଙ୍କ ଉପସ୍ଥିତିରେ ଅଭିଯୁକ୍ତର କବଜାରୁ ଛୁରୀ ଏବଂ ଚୋରି ମୋଟରସାଇକେଲ ଜବତ କରାଯାଇଥିଲା । ଅଭିଯୁକ୍ତକୁ ଗତକାଲି ଗିରଫ କରାଯାଇ କୋର୍ଟକୁ ପଠାଯାଇ ଥିଲା । ଅଧିକ ତଦନ୍ତ ଜାରି ରହିଛି ।

## ଗାଡ଼ିଆରେ ପଡ଼ି ୩ ବର୍ଷର ଶିଶୁ ମୃତ

ବାରିପଦା: ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ଥାନା ଅଧୀନ ମହୁରୀ ଗ୍ରାମରେ ଏକ ଅତ୍ୟନ୍ତ ଦୁଃଖଦ ଘଟଣା ଘଟିଛି । ଖେଳୁଥିବା ସମୟରେ ପାଖରେ ଥିବା ଏକ ଗାଡ଼ିଆରେ ପଡ଼ି ଜଣେ ୩ ବର୍ଷର ଶିଶୁର ମୃତ୍ୟୁ ଘଟିଛି । ମୃତ ଶିଶୁଟି ହେଲେ ମହୁରୀ ଗ୍ରାମର ବିଜୟ କୁମାର ଦଲେଇଙ୍କ ପୁଅ ତନ୍ମୟ କୁମାର ଦଲେଇ । ମିଳିଥିବା ସୂଚନା ଅନୁସାରେ, ଶିଶୁଟି ଆଜି ଘର ପାଖରେ ଖେଳୁଥିଲା । ଏହି ସମୟରେ କୌଣସି କାରଣବଶତଃ ସେ ଅସାବଧାନତା କାରଣରୁ ପାଖରେ ଥିବା ଏକ ଗାଡ଼ିଆରେ ପଡ଼ିଯାଇଥିଲା । ବହୁ ସମୟ ଧରି ପିଲାଟିକୁ ନଦେଖିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ । ପରେ ତାକୁ ଗାଡ଼ିଆ ମଧ୍ୟରୁ ଉଦ୍ଧାର କରାଯାଇଥିଲା । ପରିବାର ଲୋକେ ଶିଶୁଟିକୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ତୁରନ୍ତ ବୈଶିଙ୍ଗା ସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ । ମାତ୍ର ସେଠାରେ ଡାକ୍ତର ପରୀକ୍ଷା ନିରୀକ୍ଷା କରିବା ପରେ ଶିଶୁଟିକୁ ମୃତ ବୋଲି ଘୋଷଣା କରିଥିଲେ । ନିଜ ଆଖି ଆଗରେ ଏକମାତ୍ର ଶିଶୁପୁତ୍ରକୁ ହରାଇ ମାଆ ଚେତାଶୂନ୍ୟ ହୋଇପଡ଼ିଥିବା ବେଳେ ପରିବାରରେ କାନ୍ଦବୋବାଳି ପଡ଼ିଛି । ପୁଅର ଅକାଳ ବିୟୋଗରେ ପୂରା ଗ୍ରାମରେ ଶୋକର ଛାୟା ଖେଳିଯାଇଛି । ଘଟଣା ପରେ ସ୍ଥାନୀୟ ବୈଶିଙ୍ଗା ପୁଲିସ ତଦନ୍ତ ଆରମ୍ଭ କରିଛି । ଏହି ଘଟଣା ପରେ ସ୍ଥାନୀୟ ଲୋକମାନେ ଗଭୀର ଦୁଃଖ ପ୍ରକାଶ କରିବା ସହ ଛୋଟ ପିଲାଙ୍କ ସୁରକ୍ଷା ପାଇଁ ଅଭିଭାବକମାନେ ସତର୍କ ରହିବାକୁ ଅନୁରୋଧ କରିଛନ୍ତି । ବିଶେଷ କରି ଗାଁ ଗହଳିରେ ଥିବା ଖୋଲା ପୋଖରୀ ଓ ଗାଡ଼ିଆ ନିକଟରେ ବାରିକେଡ୍ କରିବା ପାଇଁ ସାଧାରଣରେ ଦାବି ହେଉଛି ।

# ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ହତ୍ୟାକାଣ୍ଡ: ଜଣେ ମୃତ, ୩ ଗୁରୁତର

ଜୟପୁର: କୋରାପୁଟ ଜିଲ୍ଲା ଜୟପୁର ସଦର ଥାନା ଅନ୍ତର୍ଗତ ସିନ୍ଧିଗାଁରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଆକ୍ରମଣ ଘଟଣା ଘଟିଛି । ଏହି ଆକ୍ରଣରେ ଜଣେ ମୃତ ହୋଇଥିବାବେଳେ ୩ ଜଣ ଗୁରୁତର ହୋଇଛନ୍ତି । ପୋଲିସ ସୂଚନା ପାଇ ଘଟଣା ସ୍ଥଳରେ ପହଂଚି ତଦନ୍ତ ଆରମ୍ଭ କରିଛି । ମୃତକ ଜଣକ ହେଲେ ଅଭିନବ ଗଦବା । ସିନ୍ଧିଗାଁ ଭାଗିରଥି ଗାଦବା ସେ ଲିଖିତ ଅଭିଯୋଗ କରିଛନ୍ତି । ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଗ୍ରାମର ଗୋପୀନାଥ ଗାଦବା ତାଙ୍କ ପୁଅ ତ୍ରିପତି ଗାଦବା ଓ ପ୍ରଫୁଲ ଗାଦବା ୩ ଜଣ ମିଶି ବୁଝାମଣା ପାଇ ଅଭିନବ ଗଦବା, ଟୁକୁନା ଗାଦବା ଓ ପ୍ରଦୀପ ଗାଦବାଙ୍କୁ ଗ୍ରାମରେ ଥିବା ତ୍ରିନାଥ ମଣ୍ଡପ ନିକଟରେ ଅଙ୍ଗନବାଡ଼ି କେନ୍ଦ୍ର ସମ୍ମୁଖରେ ଡାକିଥିଲେ । ଏହି ସମୟରେ ଅଭିନବ ଗାଦବା, ଟୁକୁନା ଗଦବା ପ୍ରଦୀପ ଗାଦବା ଯାଇ ସେଠାରେ ପହଞ୍ଚିବାରୁ ହଠାତ ୩ ଜଣ ଗୋପୀନାଥ ତ୍ରିପତି ଓ ପ୍ରଫୁଲ ବିଭିନ୍ନ ଖଣ୍ଡା, ଭୁଜାଲି, ଚେନ ମାରଣାସ୍ତ୍ର ଧରି ବିନା କାରଣରେ ଉତ୍ତ୍ୟକ୍ତ ହୋଇ ବିନା କୌଣସି କଥା ବଂଟାରେ ଟୁକୁନା ଗାଦବାକୁ ପ୍ରଫୁଲ ଗଦବା ଖଣ୍ଡା ଆକ୍ରମଣ କରିଥିଲା । ଏହି ସମୟରେ ଅଭିନବ ଗଦବାକୁ ତ୍ରିପତି ଗୋପୀନାଥ ମିଶି ଭୁଜାଲିରେ ଆକ୍ରମଣ କରିଥିଲେ । ସେହି ସମୟରେ ପ୍ରଫୁଲ ଏକ ଧାରୁଆ ଅସ୍ତ୍ର ସାହାଯ୍ୟରେ ଅଭିନବକୁ ଆକ୍ରମଣ କରିଥିଲା । ଫଳରେ ଅଭିନବ ଘଟଣା ସ୍ଥଳରେ ମୃତ୍ୟୁବରଣ କରିଥିଲେ । ମୃତ୍ୟୁବରଣ କରିବା ପରେ ମଧ୍ୟ ଅଭିଯୁକ୍ତମାନେ ଆକ୍ରମଣ କରିବାରେ ଲାଗିଥିଲେ । ଏହି ସମୟରେ ପ୍ରଦିପ ଗାଦବାକୁ ମଧ୍ୟ ଜୀବନରେ ମାରିଦେବା ଉଦ୍ଦେଶ୍ୟରେ ମାରଣାସ୍ତ୍ର ଆକ୍ରମଣ କରିଥିଲେ । ସେ ଗୁରୁତର ହେବାରୁ ଚିକିତ୍ସାଳୟକୁ ନିଆଯାଇଥିଲା । ପରେ ଟୁକୁନା ଗାଦବାକୁ ୩ ଜଣ ଦୁର୍ବୃତ୍ତ ମିଶି ମାରାଣାସ୍ତ୍ର ଦ୍ୱାରା ଆକ୍ରମଣ କରିଥିଲେ । ଫଳରେ ଟୁକୁନାର ହାତ ଭାଙ୍ଗିବା ସହ ସେ ଗୁରୁତର ହୋଇ କୋରାପୁଟସ୍ଥିତ ଶହଦ ଲକ୍ଷ୍ମଣ ନାୟକ ମେଡ଼ିକାଲ କଲେଜର ଭର୍ତ୍ତି କରାଯାଇ ଚିକିତ୍ସା କରାଯାଇଛି । ଅଭିଯୋଗକାରି ଭାଗିରଥି ଗାଦବା ସ୍ତ୍ରୀକୁ ମଧ୍ୟ ୩ ଜଣ ମିଶି ପେଟରେ ଲାତ ମାରିବା ଦ୍ୱାରା ସେ ଗୁରୁତର ହୋଇଥିଲେ । ତାଙ୍କୁ ମଧ୍ୟ ମେଡ଼ିକାଲରେ ଭର୍ତ୍ତି କରାଯାଇଛି । ଏମାନଙ୍କର ପାଟି ଶୁଣି ଗ୍ରାମବାସୀ ଆସିବାରୁ ଅଭିଯୁକ୍ତମାନେ ଘଟଣା ସ୍ଥଳରୁ ଚମ୍ପଟ ମାରିଥିଲେ । ଭାଗିରଥି ଗାଦବା ଭାଇ-ମା’ଙ୍କୁ ୩ଜଣଙ୍କ କବଳରୁ ବଂଚାଇବାକୁ ଯିବା ସମୟରେ ଜଗନ୍ନାଥ ଗାଦବା ଧରି ଥିବାରୁ ଅଭିନବର ମୃତ୍ୟୁ ହୋଇଥିବା ଉଲ୍ଲେଖ କରାଯାଇଛି । ଗ୍ରାମରେ ପୋଲିସ ତରଫରୁ ସୁରକ୍ଷାକୁ କଡ଼ାକଡ଼ି କରାଯାଇଛି । ମୃତ ବ୍ୟକ୍ତିର ଶବକୁ ବ୍ୟବଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି

## ମାଙ୍ଗାନିଜ ଚୋରା ଚାଲାଣ: ହାଇଓ୍ୱା ଓ ଜେସିବି ଜବତ, ଚାରି ଅଟକ




କାଶୀପୁର: ରାୟଗଡ଼ା ବନଖଣ୍ଡ ଅଧୀନ ଟିକିରି ବନାଞ୍ଚଳର ଲେଲିଗୁମା ସଂରକ୍ଷିତ ଜଙ୍ଗଲ ଅଞ୍ଚଳରୁ ଚୋରାଚାଲାଣ ହେଉଥିବା ମାଙ୍ଗନିଜ ପଥର ବୋଝେଇ ହାଇଓ୍ୱା ଗାଡ଼ି ସହିତ ଜେସିବିକୁ ଜବତ କରିଛି ବନ ବିଭାଗ । ଏହି ଘଟଣାରେ ସଂପୃକ୍ତ ଚାରି ଜଣଙ୍କୁ ଅଟକ ରଖି ପଚରା ଉଚରା କରୁଛି । ଜବତ ମାଙ୍ଗନିଜ ପଥରର ଆନୁମାନିକ ମୂଲ୍ୟ ଚାରି ଲକ୍ଷ ହେବ ବୋଲି ଜଣାଯାଇଛି । ସୂଚନାଯୋଗ୍ୟ, ଗୁରୁବାର ସକାଳେ ବନ ବିଭାଗର ଟିକିରି ଏବଂ ରାୟଗଡ଼ା ବନାଞ୍ଚଳର ଏକ ସ୍ୱତନ୍ତ୍ର ଟିମ ଲେଲିଗୁମା ଅଞ୍ଚଳରେ ପାଟ୍ରୋଲିଙ୍ଗ କରୁଥିଲେ । ଲେଲିଗୁମା ଗ୍ରାମ ନିକଟ ଖରକା ଛକରେ ହାଇଓ୍ୱା ଗାଡ଼ି ନଂ ଓଡ଼ି୧୮ସି-୮୨୭୮ ଏବଂ ଜେସିବିକୁ ଅଟକାଇ ଯାଞ୍ଚବେଳେ ମାଙ୍ଗାନିଜ ବୋଝେଇ ହୋଇଥିବାର ଜଣା ପଡ଼ିଥିଲା ।









**ଭାବ ବିଭୋର ଭକ୍ତ:** ଶ୍ରୀକ୍ଷେତ୍ରରେ ଶ୍ରୀଗୁଣ୍ଡିଚା ଯାତ୍ରାର ବିଭିନ୍ନ ଝଲକ... (ଫଟୋ-ଦିନଲିପି)

● ରଥଯାତ୍ରା ଉତ୍ସବରେ ସାମିଲ ହେଲେ ନବୀନ ଜିନ୍ଦଲ

# ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ 'ଅନ୍ନ ସେବା' କାର୍ଯ୍ୟକ୍ରମ



ଅନୁଗୋଳ/ପୁରୀ,୧୬/୭(ନିପ୍ର): ଆସ୍ଥା, ସମାନତା ଏବଂ ସାମୂହିକ ଭକ୍ତିର ମହାପର୍ବ ରଥଯାତ୍ରା ଅବସରରେ ଆଜି ଦେବଭୂମି, ଜିନ୍ଦଲ ନଗର, ଅନୁଗୋଳରେ ଆୟୋଜିତ ବାର୍ଷିକ ରଥଯାତ୍ରାରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା । ଜିନ୍ଦଲ ଷ୍ଟିଲର ଅଧ୍ୟକ୍ଷ ନବୀନ ଜିନ୍ଦଲ 'ଆଦ୍ୟ ସେବକ' ଭାବେ ଏହି ଆଧ୍ୟାତ୍ମିକ ଯାତ୍ରାର ନେତୃତ୍ୱ ନେଇଥିଲେ। ସେ ଭକ୍ତମାନଙ୍କ ସହ ମିଶି ରଥ ଟାଣି ସେବା ହିଁ ପ୍ରକୃତ ନେତୃତ୍ୱର ପରିଚୟ ବୋଲି ସୂଚିତ କରିଥିଲେ। ନିଜ ମାତା ସାବିତ୍ରୀ ଜିନ୍ଦଲ ଏବଂ ପତ୍ନୀ ତଥା ଜିନ୍ଦଲ ଫାଉଣ୍ଡେସନର ଅଧ୍ୟକ୍ଷା ଶାଲୁ ଜିନ୍ଦଲଙ୍କ ସହ ନବୀନ ଜିନ୍ଦଲ ପାରମ୍ପରିକ 'ଛେରା ପହଁରା' ନୀତି ପାଳନ କରିଥିଲେ।

# ଭକ୍ତିମୟ ହେଲା ସାରାରାଜ୍ୟ

**ହିଞ୍ଜିଳିକାଟୁ, ୧୬/୭(ନିପ୍ର):** ହିଞ୍ଜିଳିକାଟୁ ପୌରାଞ୍ଚଳ ବଇଁଚବଣିଆ ପାବନ ଶ୍ରୀକ୍ଷେତ୍ର ଶ୍ରୀମନ୍ଦିର ପକ୍ଷରୁ ରଥଯାତ୍ରା ଗୁରୁବାର ସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଶ୍ରୀଜୀଉମାନଙ୍କ ନୀତିକାନ୍ତି ଭୋର ୪ଟା ବେଳେ ମୁଖ୍ୟ ପୂଜକ ପଣ୍ଡିତ କୃଷ୍ଣଚନ୍ଦ୍ର ପଣ୍ଡାଙ୍କ ଦ୍ୱାରା ଆରମ୍ଭ ହୋଇଥିଲା । ପୂର୍ବାହ୍ଣ ସାଢ଼େ ୧୦ ଟାରେ ମହାପ୍ରଭୁଙ୍କ ରଥଯାତ୍ରା କାଳୀନ ଖେଚୁଡ଼ି ଭୋଗ ଲାଗିବା ପରେ ମଇଲମ ଓ ସେନାପଟାଲାଗି, ଟାହିଆଲାଗି ହୋଇଥିଲା । ମନ୍ଦିରର ପାଟ ପୁରୋହିତ ପଣ୍ଡିତ ଗତିକୃଷ୍ଣ ମିଶ୍ର ଶର୍ମା ଓ ସହାୟକ ରଞ୍ଜିତ ଦାଶ ଶର୍ମା ରଥ ପ୍ରତିଷ୍ଠା କରିବା ପରେ ବୈଦିକ ରୀତିରେ ମଙ୍ଗଳାର୍ପଣ କରିବା ପରେ ମଧ୍ୟାହ୍ନ ପ୍ରାୟ ସାଢ଼େ ୧୨ ଟାରେ ଠାକୁରମାନଙ୍କୁ ବିଭିନ୍ନ ବାଦ୍ୟ ବାଜଣା, ହରିବୋଲ, ହୁଳହୁଳି ଧ୍ୱନି ପହଣ୍ଡି ବିଜେ କରାଯାଇଥିଲା ଓ ପ୍ରଥମେ ଶ୍ରୀସୁଦର୍ଶନ ଓ ପରେ ବଳଭଦ୍ର, ଦେବୀ ସୁଭଦ୍ରା ଓ ଶେଷରେ ଶ୍ରୀ ଜଗନ୍ନାଥଙ୍କୁ ପହଣ୍ଡି ବିଜେ କରାଯାଇଥିଲା । ସନ୍ଧ୍ୟା ପ୍ରାୟ ୬ ଟାରେ ରଥ ମିନି ଷ୍ଟାଡିୟମ ପରିସରସ୍ଥ ଅସ୍ଥାୟୀ ଗୁଣ୍ଡିଚା ମଣ୍ଡପ ନିକଟରେ ପହଞ୍ଚିଥିଲା ।

**ଭଦ୍ରକ:** ଭଦ୍ରକର ବିଭିନ୍ନ ସ୍ଥାନରେ ମହାପ୍ରଭୁଙ୍କ ରଥଯାତ୍ରା ବହୁ ଆଡମ୍ବରରେ ପାଳିତ ହୋଇଯାଇଛି। ଏହି ଅବସରରେ ଭଦ୍ରକ ସହର ଜନଗହଳିପୂର୍ଣ୍ଣ ହେବା ସହ ଘଣ୍ଟ, ହୁଳହୁଳି ଶବ୍ଦରେ ପ୍ରକମ୍ପିତ ହୋଇଥିଲା। ଭଦ୍ରକର ବାଇପାସ୍, କୁଆଁସ, ଅସ୍ତଳ, ଏମିତି ବିଭିନ୍ନ ସ୍ଥାନରେ ଶ୍ରଦ୍ଧାଳୁମାନେ ଏକତ୍ରିତ ହୋଇ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଘୋଷଯାତ୍ରାରେ ସାମିଲ ହୋଇଥିଲେ।

**ସୋନପୁର:** ପ୍ରାକୃତିକ ପରିବେଶ ତଥା ସବୁଜିମା ଭରା ଛଲିଆ ପାହାଡ଼ରୁ ଢଳିଢଳି ଆସି ରଥରେ ବସିଛନ୍ତି ଜଗତର ନାଥ ଜଗନ୍ନାଥ, ବଡ଼ଭାଇ ବଳଭଦ୍ର ଓ ମା' ସୁଭଦ୍ରା। ଐତିହାସିକ ପାତାଳୀ ଶ୍ରୀକ୍ଷେତ୍ରରେ ଭାବପୂର୍ଣ୍ଣ ଓ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ମହାପ୍ରଭୁଙ୍କ ରଥଯାତ୍ରା ମହାସମାରୋହରେ ପାଳିତ ହୋଇଯାଇଛି। ପ୍ରାତଃ ସମୟରୁ ଛଲିଆ ପାହାଡ଼ ସ୍ଥିତ ମନ୍ଦିରରେ ମଙ୍ଗଳ ଆଳତି, ମଇଲମ, ତଡ଼ପ ଲାଗି ଆଦି ଦୈନନ୍ଦିନ ନୀତିକାନ୍ତି ସମ୍ପନ୍ନ ହେବା ପରେ ଶ୍ରୀଜୀଉମାନଙ୍କର ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଇଥିଲା। ଏହାପରେ ଘଣ୍ଟଘଣ୍ଟା, କାହାଳୀ, ଶଙ୍ଖ ଓ ମୃଦଙ୍ଗର ତାଳେ ତାଳେ ଧାଡ଼ି ପହଣ୍ଡିରେ ଆସି ରଥରେ ବିରାଜମାନ କରିଥିଲେ ଚତୁର୍ଦ୍ଧା ମୂରତି। ଚାରିଆଡ଼େ ସବୁଜ ବନାନୀ ଘେରା ପାହାଡ଼ ଏବଂ ପ୍ରକୃତିର ସୁନ୍ଦର କୋଳରେ ଶ୍ରୀଜୀଉମାନଙ୍କର ଏହି ପହଣ୍ଡି ଦୃଶ୍ୟ ଉପସ୍ଥିତ ଦେଖଣାହାରୀଙ୍କ ମନରେ ଅପୂର୍ବ ଆଧ୍ୟାତ୍ମିକ ଶିହରଣ ସୃଷ୍ଟି କରିଥିଲା। ରଥାରୂଢ଼ ତିନିଠାକୁରଙ୍କୁ ଦର୍ଶନ କରିବା ପାଇଁ ସୁବର୍ଣ୍ଣପୁର ଜିଲ୍ଲା ତଥା ଆଖପାଖ ଅଞ୍ଚଳରୁ ହଜାର ହଜାର ଶ୍ରଦ୍ଧାଳୁଙ୍କର ସମାଗମ ହୋଇଥିଲା।

**ନିରାକାରପୁର:** ଓଳସିଂହ ଗ୍ରାମର ଆରାଧ୍ୟ ଦେବତା ଶ୍ରୀ ପତିତପାବନ ଦେବଙ୍କ ପବିତ୍ର ରଥଯାତ୍ରା ମହୋତ୍ସବ ସ୍ଥାନୀୟ ଅଞ୍ଚଳରେ ଅତ୍ୟନ୍ତ ଆନନ୍ଦ, ଉତ୍ସାହ ଓ ଭକ୍ତିଭାବର ସହ ସମ୍ପନ୍ନ ହୋଇଯାଇଛି। ଘୋଷଯାତ୍ରା ଅବସରରେ ଭୋର ସମୟରୁ ମନ୍ଦିରରେ ପାରମ୍ପରିକ ରୀତିନୀତି ଅନୁଯାୟୀ ମହାପ୍ରଭୁଙ୍କ ସ୍ୱତନ୍ତ୍ର ପୂଜାର୍ଚ୍ଚନା, ସେବାପୂଜା ଓ ନୀତିକାନ୍ତି ସମ୍ପନ୍ନ କରାଯାଇଥିଲା। ଏହା ପରେ ଦେବତାଙ୍କୁ ସୁସଜ୍ଜିତ ରଥରେ ବିଜେ କରାଯାଇଥିଲା। ଯାତ୍ରାକୁ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ କରିବା ପାଇଁ ସ୍ଥାନୀୟ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିବା ସହ ଭିଡ଼ ନିୟନ୍ତ୍ରଣ ପାଇଁ ଜଙ୍କିଆ ଥାନା ଅଧିକାରୀ ଏବଂ ବିଦ୍ୟୁତ ସରବରାହକୁ ସୁରୁଖୁରୁରେ ପରିଚାଳନା କରିବାକୁ ବିଦ୍ୟୁତ ବିଭାଗର ଅଧିକାରୀମାନେ ପ୍ରତ୍ୟକ୍ଷ ଭାବେ ଉପସ୍ଥିତ ରହି ସମସ୍ତ ବ୍ୟବସ୍ଥାର ତଦାରଖ କରିଥିଲେ।

**ଜଟଣୀ:** ପୌରାଞ୍ଚଳ ଅନ୍ତର୍ଗତ କୁଦିଆରୀ ଗ୍ରାମରେ ଅବସ୍ଥାପିତ ଥିବା ମହାପ୍ରଭୁ ଦଧିବାମନ ଦେବଙ୍କ ରଥଯାତ୍ରା ବେଶ ଧୂମଧାମରେ ଅନୁଷ୍ଠିତ ହୋଇଯାଇଛି। ଠାକୁର ରାଜା ରମାକାନ୍ତ ଦାସ ଛେରା ପହଁରା କରି ଯାତ୍ରା ଆରମ୍ଭ କରିଥିଲେ । ସନ୍ଧ୍ୟା ପାଞ୍ଚଟାରେ ରଥଟଣା ଆରମ୍ଭ ହୋଇ ସନ୍ଧ୍ୟା ସାତଟାରେ ଗୁଣ୍ଡିଚା ମନ୍ଦିରରେ ଲାଗିଥିଲା ।

**କଟକ:** ପବିତ୍ର ରଥଯାତ୍ରା ଉପଲକ୍ଷେ ଯୋବ୍ରା ନୂଆସାହିରେ ଅବସ୍ଥିତ ଚତୁର୍ଦ୍ଧା ମୂର୍ତ୍ତିଙ୍କର ରଥଟଣା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ମନ୍ଦିର ପରିଚାଳନା କମିଟି ପକ୍ଷରୁ ଚଳିତ ବର୍ଷ ୫୧ତମ ରଥଯାତ୍ରା ମହୋତ୍ସବ ପାଳନ କରାଯାଇଛି । ଅପରାହ୍ନ ୨ଟା ରେ ସୂର୍ଯ୍ୟ ପୂଜା ଓ ରଥ ପୂଜା ସମ୍ପାଦିତ ହୋଇଥିଲା । ତତପଶ୍ଚାତ ଠାକୁରମାନେ ଗୋଟି ପହଣ୍ଡିରେ ଆସି ରଥରେ ବିଜେ କରିଥିଲେ । ଅପରାହ୍ନ ୩ଟା ସମୟରେ ସାହି ଅଧିକାରୀ କାଶୀନାଥ ନାୟକ ଛେରା ପହଁରା କରିବା ପରେ ରଥଟଣା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଯୋବ୍ରା ଶନି ମନ୍ଦିର ଦେଇ ବ୍ୟାରେଜ ଛକ,ଡିପୁ ଛକ, ଲକ୍ଷ୍ମୀ ବଜାର ଓ ଶାରଳା ମନ୍ଦିର ଦେଇ ରଥ ଗୁଣ୍ଡିଚା ମନ୍ଦିର ନିକଟରେ ସନ୍ଧ୍ୟା ୭ଟା ରେ ପହଞ୍ଚି ଥିଲା।


## ନିଟ୍-ୟୁଜି ପୁନଃ ପରୀକ୍ଷା ଫଳ ପ୍ରକାଶ

ନୂଆଦିଲ୍ଲୀ, ୧୬/୭: ଗୁରୁବାର ଏନଟିଏ ଦ୍ୱାରା ନିଟ୍-ୟୁଜି ପୁନଃ ପରୀକ୍ଷାର ଫଳ ପ୍ରକାଶିତ ହୋଇଛି। ୧୧ ଲକ୍ଷ ୨୧ ହଜାର ପରୀକ୍ଷାର୍ଥୀ କୃତକାର୍ଯ୍ୟ ହୋଇଛନ୍ତି। ସେଥିମଧ୍ୟରୁ ଯୋଗ୍ୟତା ହାସଲ କରିଥିବା ଛାତ୍ରୀ ୫୮ ପ୍ରତିଶତ। ୭୨୦ରୁ ୭୦୦ ନଂ ରଖିଛନ୍ତି ୧୯ ଜଣ ପରୀକ୍ଷାର୍ଥୀ ମୋଟ୍ ୨୦ ଲକ୍ଷ ଛାତ୍ରଛାତ୍ରୀ ଏହି ପରୀକ୍ଷା ଦେଇଥିଲେ।

## ଆହୁରି ୨ଦିନ ବର୍ଷାର ପ୍ରକୋପ

ଭୁବନେଶ୍ୱର,୧୬।୭: ରାଜ୍ୟରେ ଲଘୁଚାପ ଜନିତ ବର୍ଷା ଏବେ ଆହୁରି ଜୋର ଧରିଛି। ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ କ୍ଷେତ୍ର ଅଧିକ ଘନୀଭୂତ ହୋଇ 'ୱେଲ୍ ମାର୍କଡ୍ ଲୋ ପ୍ରେସର' ରେ ପରିଣତ ହୋଇଥିବା ବେଳେ, ଆସନ୍ତା ଦୁଇ ଦିନ ଓଡ଼ିଶାରେ ବର୍ଷାର ପ୍ରକୋପ ଆହୁରି ବଢ଼ିବ ବୋଲି ଭାରତୀୟ ପାଣିପାଗ ବିଭାଗ ସତର୍କ କରିଛି। ବିଶେଷକରି ଉତ୍ତର ଓ ଉପକୂଳ ଓଡ଼ିଶାର କିଛି ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ଆଶଙ୍କା ରହିଛି।

## ସାପୁଆରେ ପ୍ରଥମ ବନ୍ୟାଜଳ



ଆଠଗଡ଼,୧୬।୭(ନିପ୍ର): ଲଗାଣ ବର୍ଷା ଫଳରେ ଆଠଗଡ଼ ସହର ଦେଇ ବହିଯାଉଥିବା ସାପୁଆ ନଈରେ ଗୁରୁବାର ପ୍ରଥମ ବନ୍ୟାଜଳ ପ୍ରବେଶ କରିଛି । ଆଠଗଡ଼ ଏନଏସି ଅନ୍ତର୍ଗତ ୨ନମ୍ବର,୩ନମ୍ବର ଓ ୪ ନମ୍ବର ୱାର୍ଡର ବିଭିନ୍ନ ସାହି ରାସ୍ତାରେ ଆଣ୍ଠୁଏ ଲେଖାଏଁ ପାଣି ଦେଖିବାକୁ ମିଳିଛି। ସାପୁଆ ବ୍ରିଜ ଉପରେ ସାଧାରଣ ଜନତା ପ୍ରବାହିତ ବନ୍ୟା ଜଳ ବଢୁଥିବା ଅପରାହ୍ନରେ ଦେଖିବାକୁ ପାଇଥିଲେ। ୩ ନମ୍ବର ଓ ୪ ନମ୍ବର ୱାର୍ଡରେ କିଛି ଘରର ପାହାଚ ବୁଡ଼ି ଯାଇଥିବା ଏବଂ ଘର ବାହାରକୁ ଆସିବାବେଳେ ଆଣ୍ଠୁଏ ପାଣିରେ ପଶିବାକୁ ପଡୁଛି। ଖବର ଲେଖା ଯିବା ବେଳକୁ ପାଣି ବଢୁଥିବା ଦେଖିବାକୁ ମିଳିଛି। ତେଣୁ ଲୋକମାନେ ଆତଙ୍କିତ ଅବସ୍ଥାରେ ଅଛନ୍ତି।ପ୍ରଶାସନ ପକ୍ଷରୁ ତୁରନ୍ତ ଉଚିତ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦୃଢ଼ ଦାବି ପ୍ରକାଶ ପାଇଛି।

## ଆଠଗଡ଼ରେ ଭାବମୟ ପରିବେଶ

ଆଠଗଡ଼, ୧୬।୭(ନିପ୍ର): ଆଠଗଡ଼ର ଆରାଧ୍ୟ ଦେବତା ପ୍ରଭୁ ଅଟ୍ଟାଳି ଜଗନ୍ନାଥ ରଥଯାତ୍ରା ଶାନ୍ତି ଶୃଙ୍ଖଳାର ସହିତ ଅନୁଷ୍ଠିତ ହୋଇଯାଇଛି। ଗୋଟିଏ ଦିନରେ ନବଯୌବନ ଦର୍ଶନ ଏବଂ ରଥଯାତ୍ରା ହୋଇଥିବା ବେଳେ ବର୍ଷା ଯୋଗୁଁ ନୀତି ବିଳମ୍ବିତ ହୋଇଥିଲେ ମଧ୍ୟ ସନ୍ଧ୍ୟା ସମୟରେ ୨ରଥ ଯାଇ ଗୁଣ୍ଡିଚା ମନ୍ଦିର ନିକଟରେ ପହଂଚିଥିଲେ । ଅଟ୍ଟାଳି ଜଗନ୍ନାଥ ରଥକୁ ପୁରୁଷମାନେ ଟାଣିଥିଲାବେଳେ ସାନରଥରେ ଜଗନ୍ନାଥ ବଲ୍ଲଭ ମଠ ଦିଅଁ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ମହିଳାମାନେ ଟାଣି ଥିଲେ। ଉଭୟ ରଥରେ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ଆଠଗଡ଼ ପୋଲିସ ପକ୍ଷରୁ ପୋଲିସ ଫୋର୍ସ ସହାୟତାରେ କଟକ ଗ୍ରାମାଞ୍ଚଳ ଅତିରିକ୍ତ ଏସପି ପ୍ରଦୀପ କୁମାର ସାହୁ, ଆଠଗଡ଼ ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ବିଶ୍ୱଜିତ ମହାନ୍ତି, ଆଠଗଡ଼ ଥାନା ଅଧିକାରୀ ସୁମତି କୁମାରୀ ମହାନ୍ତି ଶାନ୍ତି ଶୃଙ୍ଖଳା ବ୍ୟବସ୍ଥା ତଦାରଖ କରିଥିଲେ । ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ ପାଣି ଏବଂ ପଣା ବଣ୍ଟନ କରାଯାଇଥିଲା।

# ଚିଲିକା ଜଳରାଶିରେ ମହାପ୍ରଭୁଙ୍କ ଘୋଷଯାତ୍ରା



**ଟାଙ୍ଗୀ, ୧୬/୭(ନିପ୍ର):** ବିଶ୍ୱ ପ୍ରସିଦ୍ଧ ଘୋଷଯାତ୍ରାରେ ଜଗତର ନାଥ ଜଗନ୍ନାଥଙ୍କର ଏହି ମାନବୀୟ ଲୀଳା ଚିଲିକାର ନୀଳ ଜଳରାଶିରେ ଅନୁଷ୍ଠିତ ହୋଇଥିଲା । ସମଗ୍ର ବିଶ୍ୱରେ ସବୁଠି ସ୍ଥଳ ପଥରେ ରଥଯାତ୍ରା ଅନୁଷ୍ଠିତ ହେଉଥିବା ବେଳେ ଏଠି କିନ୍ତୁ ସମ୍ପୂର୍ଣ୍ଣ ଭିନ୍ନ ଅର୍ଥାତ ଜଳ ପଥରେ ହୋଇଥାଏ ରଥଯାତ୍ରା । ଚିଲିକାର ନୀଳ ଜଳରାଶିରେ , ନୌକାରେ ନିର୍ମାଣ ହୋଇଥିଲା ରଥ , ଯାହାକି ଏଠାରେ ନିଆରା ରଥଯାତ୍ରା ପାଳନ କରାଯାଏ । ପୁରୀର ଜଗନ୍ନାଥଙ୍କ ରୀତିନୀତି ଅନୁସାରେ ସମସ୍ତ ନୀତିକାନ୍ତି ଅନୁଯାୟୀ ପାଳନ ହୋଇଥାଏ ଏହି ରଥଯାତ୍ରା । ଖୋର୍ଦ୍ଧା ଜିଲ୍ଲାର ଚିଲିକା ବ୍ଲକ ଅଧିନସ୍ଥ ନଈରୀ ଗ୍ରାମର ଚିଲିକା କୂଳରେ ଯଥା ଚିଲିକା ମଧ୍ୟରେ ଥିବା ଏକ କୁଦରେ ରହିଛି ଜଗନ୍ନାଥଙ୍କ ଲୀଳାକ୍ଷେତ୍ର ଭାବେ ପରିଚିତ 'କାଙ୍କଣ ଶିଖରୀ' ଧାମ । ଚିଲିକାର ମଧ୍ୟ ଭାଗରେ ରହିଛି ଗୋଟିଏ ଛୋଟ କୁଦ ( ସ୍ଥଳ ଭାଗ ) ଯାହାର ନାଁ ରହିଛି 'କାଙ୍କଣ ଶିଖରୀ' । ସେହି ଠାରେ ହିଁ ଆଜକୁ ଦୀର୍ଘ ବର୍ଷ ଧରି ଏଭଳି ରଥଯାତ୍ରା ଅନୁଷ୍ଠିତ ହୋଇ ଆସୁଛି । ୩ ଟି ନୌକା (ଯାହାର ନାଁ ରହିଛି ନନ୍ଦିଘୋଷ , ତାଳଧ୍ୱଜ , ଦର୍ପଦଳନ ) କୁ ଗୋଟିଏ ରଜ୍ଜୁରେ ବନ୍ଧା ଯିବା ପରେ ସେଥିରେ ନିର୍ମାଣ ହୋଇଥାଏ ରଥ । ସେହି ରଥରେ ବିରାଜମାନ କରିଥାନ୍ତି ମହାପ୍ରଭୁ ଜଗନ୍ନାଥ, ବଡ଼ ଭାଇ ବଳଭଦ୍ର ଓ ଭଉଣୀ ଦେବୀ ସୁଭଦ୍ରା । ରଥାରୂଢ଼ ହେବା ପରେ ରଥଟଣା ହୋଇଥାଏ । ଚିଲିକାର ନୀଳ ଜଳରାଶି ପାଲଟି ଯାଇଥାଏ ବଡ଼ଦାଣ୍ଡ ଏବଂ ଚିଲିକା ଢେଉରେ ମହାପ୍ରଭୁଙ୍କ ଅନୁଷ୍ଠିତ ହୋଇଥାଏ ବିରଳ ରଥଯାତ୍ରା । ରଥରେ ରଜ୍ଜୁ (ଦଉଡି)ର ଆବଶ୍ୟକତା ନାହିଁ ବରଂ ଭାବରେ ବନ୍ଧା ଲୀଳାମୟ ଠାକୁର ଏବଂ ଶ୍ରଦ୍ଧାଳୁ-ଭକ୍ତଙ୍କ ଗହଣରେ ମହାପ୍ରଭୁଙ୍କ ହୋଇଥାଏ ଏହି ରଥଯାତ୍ରା । 'କାଙ୍କଣ ଶିଖରୀ' କୁଦକୁ ପରିକ୍ରମା କରିବା ପରେ ଠାକୁର ପୁଣି ମନ୍ଦିରକୁ ଫେରିଥାନ୍ତି ।


## ଅଖିଳ ଭାରତ ବୈଷୟିକ ଶିକ୍ଷା ପରିଷଦ

(ଭାରତ ସରକାରଙ୍କ ଏକ ସାମ୍ବିଧାନିକ ସଂସ୍ଥା)
ନେଲସନ ମାଣ୍ଡେଲା ମାର୍ଗ, ବସନ୍ତ କୁଞ୍ଜ, ନୂଆଦିଲ୍ଲୀ-୧୧୦୦୭୦
ଫୋନ ନଂ.: ୦୧୧-୨୯୫୮-୧୦୦୦/୧୦୫୦,
Website:www.aicte.gov.in

## ସାର୍ବଜନୀନ ନୋଟିସ

**ବିଷୟ: ଏକ ସଂସ୍ଥା-ନିବନ୍ଧର ଏଆଇସିଟିଇ ଅନୁମୋଦନ ସ୍ଥିତିର ଯାଞ୍ଚ**

ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ଅଧୀନରେ ଥିବା ଏକ ସାମ୍ବିଧାନିକ ସଂସ୍ଥା - ଅଲ୍ ଇଣ୍ଡିଆ କାଉନସିଲ୍ ଫର୍ ଟେକ୍ନିକାଲ୍ ଏଜୁକେସନ୍ (ଏଆଇସିଟିଇ), ସଂସଦର ଏକ ଆଇନ (୧୯୮୭ ର ଆଇନ ୫୨) ଦ୍ୱାରା ପ୍ରତିଷ୍ଠିତ। ସମସ୍ତ ଅନୁଷ୍ଠାନ ପାଇଁ ବୈଷୟିକ କାର୍ଯ୍ୟକ୍ରମ ପ୍ରଦାନ କରିବା ପାଇଁ ଏଆଇସିଟିଇ ଠାରୁ ପୂର୍ବ ଅନୁମୋଦନ ନେବା ବାଧ୍ୟତାମୂଳକ।

ଏହା ଦେଖାଯାଇଛି ଯେ ଅଭିଭାବକ, ଛାତ୍ର ଏବଂ ଅନ୍ୟାନ୍ୟ ଅଂଶୀଦାରମାନେ ପ୍ରାୟତଃ ପ୍ରତିଷ୍ଠାନର ଏଆଇସିଟିଇ ଅନୁମୋଦନ ସ୍ଥିତି ନିଶ୍ଚିତ କରିବାରେ ଅସୁବିଧାର ସମ୍ମୁଖୀନ ହୁଅନ୍ତି। ଏହାକୁ ସହଜ କରିବା ପାଇଁ, ଅଂଶୀଦାରମାନଙ୍କୁ ଏଆଇସିଟିଇ ୱେବସାଇଟ୍ ମାଧ୍ୟମରେ ସିଧାସଳଖ ଅନୁମୋଦନ ବିବରଣୀ ଯାଞ୍ଚ କରିବାକୁ ପରାମର୍ଶ ଦିଆଯାଇଛି।

ଏହା ସ୍ପଷ୍ଟ କରାଯାଇଛି ଯେ,ଏଆଇସିଟିଇ ଅଧିନିୟମ, ୧୯୮୭ ଏବଂ ଭାରତୀଦାସନ ବିଶ୍ୱବିଦ୍ୟାଳୟ ବନାମ ଏଆଇସିଟିଇ ମାମଲାର ୨୪ ସେପ୍ଟେମ୍ବର ୨୦୦୧ ତାରିଖରେ ମାନ୍ୟବର ସୁପ୍ରିମକୋର୍ଟଙ୍କ ରାୟ ଅନୁଯାୟୀ, ବିଶ୍ୱବିଦ୍ୟାଳୟଗୁଡ଼ିକୁ ବୈଷୟିକ କାର୍ଯ୍ୟକ୍ରମ ପରିଚାଳନା ପାଇଁ ଏଆଇସିଟିଇର ପୂର୍ବ ଅନୁମୋଦନ ଆବଶ୍ୟକ ନାହିଁ। ତଥାପି, ବିଶ୍ୱବିଦ୍ୟାଳୟ ଭାବରେ ବିବେଚିତ ବିଶ୍ୱବିଦ୍ୟାଳୟ ସହିତ ଜଡିତ ବୈଷୟିକ ପ୍ରତିଷ୍ଠାନ ଏବଂ ପିଜିଡିଏମ କାର୍ଯ୍ୟକ୍ରମର ଶିକ୍ଷା ପ୍ରଦାନ କରୁଥିବା ପ୍ରତିଷ୍ଠାନଗୁଡ଼ିକୁ ଏପରି ଅନୁମୋଦନ ଆବଶ୍ୟକ।

ବିଭିନ୍ନ ଉତ୍ସରୁ ପ୍ରାପ୍ତ ସୂଚନା ଉପରେ ଆଧାର କରି ଏଆଇସିଟିଇ ଅନୁମୋଦିତ ନ ହୋଇଥିବା ପ୍ରତିଷ୍ଠାନର ଏକ ତାଲିକା ମଧ୍ୟ ରଖିଛନ୍ତି। ଏହି ତାଲିକା ଏଆଇସିଟିଇ ୱେବସାଇଟରେ ପ୍ରକାଶିତ।

ଅନୁମୋଦିତ ନ ହୋଇଥିବା ପାଠ୍ୟକ୍ରମ ପରିଚାଳନା କରୁଥିବା ଅନୁଷ୍ଠାନଗୁଡ଼ିକୁ ନିୟମିତ ଭାବରେ ସାର୍ବଜନୀନ ନୋଟିସ୍ ଏବଂ ବ୍ୟକ୍ତିଗତ ଯୋଗାଯୋଗ ମାଧ୍ୟମରେ ସୂଚିତ କରାଯାଏ, ସମ୍ପୃକ୍ତ ରାଜ୍ୟ ସରକାରଙ୍କୁ ସୂଚିତ କରାଯାଏ, ଏବଂ ନିର୍ଦ୍ଦେଶ ଦିଆଯାଇଥାଏ ଯେ ଏଆଇସିଟିଇ ଅନୁମୋଦନ ଲୋଡ଼ିବା କିମ୍ବା ଏପରି କାର୍ଯ୍ୟକ୍ରମ ବନ୍ଦ କରିବା। ରାଜ୍ୟ ସରକାରଙ୍କୁ ମଧ୍ୟ ପରାମର୍ଶ ଦିଆଯାଇଛି ଯେ ଏପରି ତ୍ରୁଟିପୂର୍ଣ୍ଣ ପ୍ରତିଷ୍ଠାନ ବିରୋଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ। www.aicte. gov. in ରେ ବିସ୍ତୃତ ସାର୍ବଜନୀନ ନୋଟିସ୍ ପାଇଁ ଦୟାକରି ଏଆଇସିଟିଇ ୱେବସାଇଟ୍ ପରିଦର୍ଶନ କରନ୍ତୁ।

ଏହି ସୂଚନା ଜନସାଧାରଣ ଏବଂ ସମସ୍ତ ଅଂଶୀଦାରଙ୍କ ସୂଚନା ଏବଂ ସ୍ୱାର୍ଥ ପାଇଁ ଜାରି କରାଯାଇଛି।

**ବିଜ୍ଞାପନ ନଂ:**
ଏଆଇସିଟିଇ/ବିନିୟମ ବ୍ୟୁରୋ/୦୭(୦୧)/୨୦୨୬
**CBC 21300/11/0003/2627**

**(ଶ୍ୟାମ ରଥ)**
ସଦସ୍ୟ ସଚିବ, ଏଆଇସିଟିଇ







Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com

**ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ** | **ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ**